Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା


ଖଣ୍ଡ ୧୩ଶ | ସଂଖ୍ୟା ୪୭

ତା ୩୦ରିଖ ନବେମ୍ବର ସନ ୧୮୭୮ ମସିହା। ମୂ। ମାର୍ଗଶିର ୨୦ ଅଙ୍କ ସନ ୧୨୮୬ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ୪॥
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫୲
ମଫସଲ ପାଇଁ ଡାକମାସୁଲ ୬୷


ଯୁବରାଜଙ୍କୁ ଭେଟିବା ସକାଶେ ଓଡ଼ିଶାର କମିଶନର, ଡେପୁଟୀକଲେକ୍ଟର ବାବୁ ଅନ୍ନଦାପ୍ରସାଦ ଘୋଷ ଏବଂ ପୁଲିସ ଅସିଷ୍ଟାଣ୍ଟ ଜେନେରଲ ସାହେବଙ୍କୁ ଗବର୍ଣ୍ଣମେଣ୍ଟ ଆମନ୍ତ୍ରଣ କରି ପଠାଇଅଛନ୍ତି। ଶେଷୋକ୍ତ ଦୁଇ ମହାଶୟ ଏହାର ଦୁର୍ଭିକ୍ଷ ସମୟରେ ଉତ୍ତମକାର୍ଯ୍ୟ କରିଥିବାରୁ ତାହାଙ୍କର ଏରୂପ ସମ୍ମାନ ହୋଇଅଛି। ରାଜାମାନଙ୍କର ଆମନ୍ତ୍ରଣପତ୍ର ଅଦ୍ୟାପି ଆସି ନାହିଁ।

———

ଯୁବରାଜଙ୍କର ପରିଭ୍ରମଣ ବିଷୟରେ ଏ ସପ୍ତାହରେ କିଛି ନୂତନ ସମ୍ବାଦ ଆସି ନାହିଁ। କଷ୍ଟୋଲେଲରେ ଓଲଉଠା ହେବାରୁ ସେଠାରୁ ନ ଯାଇ ବମ୍ବେଇରୁ ବରୋଦାକୁ ବିଜେକରିଥିଲେ। ସେଠାରେ ହସ୍ତୀଯୁଦ୍ଧ ବାଘଶିକାର ଇତ୍ୟାଦି କେତେକ ଆମୋଦ ପ୍ରମୋଦରେ ରହି ଗୁଇକୁମାରଙ୍କଠାରେ ଅତିଥ୍ୟ ସ୍ୱୀକାର କରି ଗତ ମଙ୍ଗଳବାର ବମ୍ବେଇକୁ ଆସିଥିବେ। ତହୁଁ ଉତ୍ତାରୁ କେଉଁ ସ୍ଥାନକୁ ବିଜେକରିବେ ତାହା ଜଣା ଯାଇ ନାହିଁ। ଓଲଉଠା ହେତୁରୁ ଏହାଙ୍କ ପରିଭ୍ରମଣର ଅନେକ ପଥ ବର୍ଜ୍ଜନ ହେବାର ଦେଖାଯାଏ ଓ ତହିଁପାଇଁ ଲୋକଙ୍କର ମଧ୍ୟ ବିସ୍ତର ମନସ୍ତାପ ହେଉଥିବାର ସହଜରେ ଅନୁମାନ ହୋଇପାରେ।

———

ଅମ୍ଭେମାନେ ଦେଖି ଆନନ୍ଦିତ ହେଲୁଁ ଯେ କଟକର ନୂତନ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ଲେବଟ୍ସାହେବ ପୁଲିସପ୍ରତି କଠିନ ଦୃଷ୍ଟି ରଖିଅଛନ୍ତି। ଏହାଙ୍କ ପୂର୍ବ କର୍ମଚାରୀ ଲେସିସାହେବ ବଡ଼ ଭଲଲୋକ ଥିବାରୁ ଆପଣା ଅଧୀନସ୍ଥ ଲୋକଙ୍କପ୍ରତି କିଛି ଅତିରିକ୍ତ ଦୟା ପ୍ରକାଶ କରୁଥିଲେ ମାତ୍ର ପୁଲିସ କର୍ମଚାରୀମାନେ ତାହାଁର ଯଥାର୍ଥ ମର୍ଯ୍ୟାଦା ରକ୍ଷା କରି ନ ପାରି ଶିଥିଳ ହୋଇ ଯାଇଥିଲେ। ମୌଲବୀ ଅବଦୁଲକାଦର ପୁଲିସର ଭାର ନେବାଦିନଠାରୁ ଅଧୀନସ୍ଥ କର୍ମଚାରୀଙ୍କର ନିଦ୍ରା ଭାଙ୍ଗିବାର ଆରମ୍ଭ ହେଲା ମୌଲବୀସାହେବ ବହୁତ ରାତ୍ରି ପର୍ଯ୍ୟନ୍ତ ନାନାସ୍ଥଳରେ ଭ୍ରମଣ କରି ପୁଲିସକୁ ଅନେକ ସଜାଗ କରିଦେଇଥିଲେ ମାତ୍ର ସେ ଅଳ୍ପକାଳ ସକାଶେ ରହି ଥିଲେ ବୋଲି ଅତ୍ୟନ୍ତ କଠିନ ହେବାକୁ ମନ ବଳାଇଲେ ନାହିଁ ତଥାପି ପୁଲିସର ଅଲସୁଆପଣ ବହୁତ ଭାଙ୍ଗି ଦେଲେ। ଏହାଙ୍କପଛେ ଲେବଟ୍ସାହେବଙ୍କର ଶୁଭାଗମନ ହେଲା ଓ ସେ ପୁଲିସ ପ୍ରତି ଯେରୂପ କଠିନ ଦୃଷ୍ଟି ରଖିଅଛନ୍ତି ତହିଁରେ ନିଶ୍ଚୟ ଜଣାଯାଏ ଯେ ଅଳ୍ପଦିନରେ ପୁଲିସର ଅଲସୁଆପଣ କିଛିମାତ୍ର ରହିବ ନାହିଁ। ଅମ୍ଭେମାନେ ଏତିକି ଆଶାକରୁଁ ଯେ ଏ ଶକ୍ତି କ୍ଷଣସ୍ଥାୟୀ ନ ହୋଇ ସର୍ବଦା ସମଭାବରେ ଥାଉ ଓ ପୁଲିସର ପହରା କାର୍ଯ୍ୟ ପ୍ରତି ଯେମନ୍ତ ଦୃଷ୍ଟି ରହିଅଛି ମୋକଦ୍ଦମା ତଦାରକ କର୍ମପ୍ରତି ମଧ୍ୟ ସେହିରୂପ ହେଉ।

———

ବର୍ତ୍ତମାନ ପ୍ରଚଳିତ ମହାପ୍ରସାଦ ବିରୁଦ୍ଧରେ ପୁରୀ ପଣ୍ଡିତମାନେ ଯେଉଁ ବ୍ୟବସ୍ଥା ଦେଇଥିଲେ ତାହା ଏଥିପୂର୍ବ ଛପାହୋଇଅଛି। ଉକ୍ତ ବ୍ୟବସ୍ଥାର ଅବଶିଷ୍ଟସ୍ୱରୂପ ଆଉ କେତେକ ବିଷୟ ସେଠା ପଣ୍ଡିତମାନଙ୍କଠାରୁ ପାଇଥିବାରୁ ସାଧାରଣଙ୍କ ଜାଣିବାନିମିତ୍ତ ଅଦ୍ୟକାର ଅତିରିକ୍ତପତ୍ରିକାରେ ପ୍ରକାଶିତ ହେଲା। ଏ ଅବଶିଷ୍ଟ ବ୍ୟବସ୍ଥା ପଠାଇବାର ପ୍ରୟୋଜନ ବୋଧ ହୁଏ ଇ ବାବୁ ତାରାକାନ୍ତ ବିଦ୍ୟାସାଗରଙ୍କ ବ୍ୟବସ୍ଥାକୁ ଖଣ୍ଡନ କରିବା। ପ୍ରଶଂସିତ ବାବୁ ପୁରୀ ପଣ୍ଡିତଙ୍କ ବ୍ୟବସ୍ଥାର ପ୍ରଥମଶ୍ଳୋକ ଅର୍ଥାତ୍ "ଖଣ୍ଡିତେ ଷ୍ଟ ତ୍ରୈତେ ଦତ୍ତେ ଉଚ୍ଛିଷ୍ଟେ" ଇତ୍ୟାଦି ମଧ୍ୟରେ ଥିବା ଉଚ୍ଛିଷ୍ଟ ଶବ୍ଦର ଅର୍ଥ ସ୍ପର୍ଶଦୁଷ୍ଟ ବୋଲି ସ୍ୱୀକାର କରନ୍ତି ନାହିଁ କିମ୍ବା ଉକ୍ତ ଶବ୍ଦ ତାହାଙ୍କ ମତରେ ଦେବମୂର୍ତ୍ତିର ବିଶେଷଣ ହୋଇ ନ ପାରେ। ତେବେ ଉକ୍ତ ଶବ୍ଦର ପ୍ରକୃତ ଅର୍ଥ ବାବୁଙ୍କ ମତରେ କି ହୋଇପାରେ ଅମ୍ଭେମାନେ କହି ନ ପାରୁଁ। ଫଳତଃ ଏ ବିଷୟରେ ଅମ୍ଭମାନଙ୍କର କିଛି କହିବାର କ୍ଷମତା ନାହିଁ କେବଳ ବିଦ୍ୟାସାଗର ମହାଶୟଙ୍କ ବ୍ୟବସ୍ଥାକୁ ପ୍ରକାଶ କରି ନ ଥିବାରୁ ତାହାସହିତ ବର୍ତ୍ତମାନ ପ୍ରକାଶିତ ମତର କିରୂପ ସମ୍ପର୍କ ଅଛି ପାଠକମାନଙ୍କୁ ଦେଖାଇବା କାରଣ ଉପରଲିଖିତ କଥା ଲେଖିଲୁଁ। ଏଥିସଙ୍ଗେ ଅମ୍ଭେମାନେ ଏହା ମଧ୍ୟ ସ୍ୱୀକାର କରିବାକୁ କର୍ତ୍ତବ୍ୟଜ୍ଞାନ କରୁଅଛୁଁ ଯେ ଶାସ୍ତ୍ରର କଥାରୁ ତା ବିଦ୍ୟାସାଗର ମହାଶୟ ସାଧାରଣ

Digitized by srujanika@gmail.com

ଜ୍ଞାନକୁ ଅବଲମ୍ବନ କରି ଯେଉଁ ଯୁକ୍ତି ଦର୍ଶାଇଅଛନ୍ତି ତାହା ଆମ୍ଭମାନଙ୍କର ମନୋମତ ହୋଇଅଛି । ଯେବେ ଜଗନ୍ନାଥଙ୍କର ପୂଜା ବିଧି ସମସ୍ତ ଈପ୍ସିତରୂପ ରହିଲା, ତେବେ କେବଳ ସିଂହାସନରୁ ଓହ୍ଲାଇ ବସିବାରୁ ତାହାଙ୍କର ମହତ୍ତ୍ୱ ଊଣା ହେଲା ନାହିଁ ।

---

ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ ଯେ ଲକ୍ଷ୍ନୌରେ ଗୋଟିଏ ଶାନ୍ତିପ୍ରଦ ସଭାର ଅନୁଷ୍ଠାନ ହେଉଅଛି । ସେଠାର ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଧର୍ମବିଷୟରେ ସର୍ବଦା ବିବାଦ ଉପସ୍ଥିତ ହୁଅଇ ଓ ସାଧାରଣ ଶାନ୍ତି ରକ୍ଷାପ୍ରତି ତାହା ଅତ୍ୟନ୍ତ ଅମଙ୍ଗଳ ଘଟନା ଅଟଇ । ଯହିଁରେ ଏରୂପ ଧର୍ମାକ୍ରାନ୍ତ ଲୋକଙ୍କ ମଧ୍ୟରେ କୌଣସି ବିରୋଧ ନ ହୁଅଇ ଓ ଭବିଷ୍ୟତରେ ସମସ୍ତେ ବନ୍ଧୁତ୍ୱରେ ରହନ୍ତି ତହିଁର ଉପାୟ କରିବା କାରଣ ସେଠାର ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ମୁଖ୍ୟବ୍ୟକ୍ତିମାନେ ମିଳିତ ହୋଇ ଗୋଟିଏ ସଭାର ଅନୁଷ୍ଠାନ କରୁଅଛନ୍ତି । ଏ ସଭାର ନାମ "କମିଟିମଯହବ" ହୋଇଅଛି । ପ୍ରଥମ ସଭାରେ ରାଜା ଅମିର ହୋସେନ ଖାନ ବାହାଦୁର ସଭାପତିର ଆସନଗ୍ରହଣ କରିଥିଲେ ଓ ତହିଁରେ ଏହି ଧାର୍ଯ୍ୟ ହେଲା ଯେ ସମସ୍ତ ସମ୍ପ୍ରଦାୟର ହିନ୍ଦୁ ଓ ମୁସଲମାନଙ୍କୁ ଏସଭାରେ ଯୋଗ ଦେବାପାଇଁ ପ୍ରାର୍ଥନା ହେବ ଓ ସଭାର ଉଦ୍ଦେଶ୍ୟ ସଫଳ ପକ୍ଷରେ ସଭାକୁ ଉପଯୁକ୍ତ କ୍ଷମତା ଦେବାକାରଣ ପ୍ରଧାନ କମିଶନରଙ୍କ ନିକଟକୁ ଆବେଦନ ପଠାଯିବ ।

ଅମ୍ଭେମାନେ ଏସଭାର ଉଦ୍ଦେଶ୍ୟ ଶୁଣି ବଡ଼ ଆନନ୍ଦିତ ହୋଇଅଛୁଁ ଓ ଭରସା କରୁଁ ଯେ ସଭାଟି ଚିରସ୍ଥାୟୀ ହୋଇ ବାଞ୍ଛିତ ଫଳଲାଭ କରୁ । ହିନ୍ଦୁ ଓ ମୁସଲମାନଙ୍କ ଅସଦ୍ଭାବ ଥିବା ସାଧାରଣ ଉନ୍ନତି ପକ୍ଷରେ ବଡ଼ ଅନିଷ୍ଟକର ଅଟଇ ଓ ତାହା ନିବାରଣ ପକ୍ଷରେ ଯେ ମୁସଲମାନମାନେ ଆଗେ ଚେଷ୍ଟା କରୁଅଛନ୍ତି ଏହା ବଡ଼ ସୁଖର କଥା ଅଟଇ । କାରଣ ମୁସଲମାନଙ୍କ ପକ୍ଷରୁ ପ୍ରଥମେ ହିନ୍ଦୁଧର୍ମପ୍ରତି ଅତ୍ୟାଚାର ହେବାରୁ ଦୁହିଁଙ୍କ ମଧ୍ୟରେ ଅନୈକ୍ୟତା ହୋଇଅଛି । ଯେବେ ମୁସଲମାନମାନେ ହିନ୍ଦୁଧର୍ମପ୍ରତି ଦ୍ୱେଷ କରିବେ ନାହିଁ ତେବେ ହିନ୍ଦୁମାନେ ଅନାୟାସରେ ତାହାଙ୍କସହିତ ମିଶିବେ । ହିନ୍ଦୁମାନେ ଯେ ମୁସଲମାନ ଧର୍ମପ୍ରତି ତାଦୃଶ ଦ୍ୱେଷ କରନ୍ତି ନାହିଁ ତହିଁର ପରିଚୟ ଏହି କଥାରୁ ପାଇଯାଏ ଯେ ହିନ୍ଦୁମାନେ ମୁସଲମାନଙ୍କର ପିର ପଗମ୍ବରମାନଙ୍କୁ ମାନି ଆସୁଅଛନ୍ତି ଓ ସିରଣୀ ପ୍ରସାଦ ମଧ୍ୟ ସେବନ କରନ୍ତି କିନ୍ତୁ ମୁସଲମାନମାନେ ସେପରି କରନ୍ତି ନାହିଁ । ଯେବେ ହିନ୍ଦୁ ଓ ମୁସଲମାନ ଏମନ୍ତ କରନ୍ତି କି କେହି କାହାର ଧର୍ମପ୍ରତି ବିଦ୍ୱେଷଭାବ ନ ରଖି ସମସ୍ତେ ଆପଣା ଧର୍ମରେ ରହି ସାଂସାରିକ ବିଷୟରେ ଏକଯୋଗ ହୋଇ କାର୍ଯ୍ୟ କରନ୍ତି, ତେବେ ଭାରତବର୍ଷର ଅନେକ ଶ୍ରୀବୃଦ୍ଧି ହେବ । ଭାରତବର୍ଷର ସକଳ ସ୍ଥାନର ହିନ୍ଦୁ ଓ ମୁସଲମାନଙ୍କ ଏ ବିଷୟ ପ୍ରତି ଦୃଷ୍ଟି ରଖିବାର ଉଚିତ ।

---

## ନର୍ମାଲସ୍କୁଲ ।

ଗତ ସପ୍ତାହର କଲିକତା ଗେଜେଟରେ ଅନ୍ୟାନ୍ୟ ବିଷୟ ମଧ୍ୟରେ ନର୍ମାଲସ୍କୁଲ ସମ୍ପର୍କରେ ଆମ୍ଭମାନଙ୍କର ଲେଫ୍ଟେନେଣ୍ଟ ଗବର୍ଣ୍ଣରଙ୍କର ଅଭିପ୍ରାୟ ପ୍ରକାଶ ହୋଇଅଛି । ତହିଁର ବୃତ୍ତାନ୍ତ ଏଠା ପାଠକଙ୍କୁ ଜାଣିବାର ଆବଶ୍ୟକ ବିବେଚନାରେ ଅମ୍ଭେମାନେ ସଂକ୍ଷେପ ରୂପେ ବର୍ଣ୍ଣନା କରୁଅଛୁଁ । ସର ଜର୍ଜ କାମ୍ବେଲସାହେବ ନିମ୍ନ ଶ୍ରେଣୀର ଶିକ୍ଷାଦାନର ବିଧାନ କରି ଗୁରୁମାନଙ୍କୁ ଶିକ୍ଷା ଦେବା ନିମିତ୍ତ ଅନେକ ଗୁଡ଼ିଏ ନର୍ମାଲସ୍କୁଲ ସ୍ଥାପନ କରି ଯାଇଥିଲେ । ସର ରିଚାର୍ଡ ଟେମ୍ପଲଙ୍କ ମତରେ ଏସବୁ ବିଦ୍ୟାଳୟ ଅନାବଶ୍ୟକ ଅଟଇ । ସେ କହନ୍ତି ଯେ ଗବର୍ଣ୍ଣମେଣ୍ଟଙ୍କର ନାନାପ୍ରକାର କର୍ମଚାରୀର ପ୍ରୟୋଜନ ହୁଅଇ କିନ୍ତୁ କୌଣସି ବିଭାଗ ନିମିତ୍ତ କର୍ମଚାରୀ ଶିକ୍ଷିତ କରିନେବାକୁ ପ୍ରୟୋଜନ ହୁଅଇ ନାହିଁ । ଶିକ୍ଷା ବିଭାଗରେ ଏପରି ନିୟମ କାହିଁକି ରହିବ ? ପୁନଶ୍ଚ ଇଂରାଜୀ ବିଦ୍ୟାଳୟ ସକାଶେ ଉପଯୁକ୍ତ ଶିକ୍ଷକ ଅନାୟାସରେ ପ୍ରାପ୍ତି ହୁଅଇ ତହିଁପାଇଁ ବିଶେଷ କର୍ମଚାରୀ ପ୍ରସ୍ତୁତ କରିବାକୁ ହୁଅଇ ନାହିଁ ତେବେ ଭାଷା ବିଦ୍ୟାଳୟ ସକାଶେ କାହିଁକି ଭିନ୍ନ ବିଧାନର ପ୍ରୟୋଜନ ହେବ । ମାତ୍ର ଏଯୁକ୍ତିର ବିରୁଦ୍ଧରେ ସ୍ୱୟଂ ଲେଫ୍ଟେନେଣ୍ଟ ଗବର୍ଣ୍ଣର କହୁଅଛନ୍ତି କି ଦେଶୀୟ ଭାଷାରେ ଉଚ୍ଚଶିକ୍ଷା ଦେବାର ବିଧାନ ନ ଥିବାରୁ ସ୍ୱତନ୍ତ୍ର ଲୋକ ପ୍ରସ୍ତୁତ କରି ନ ନେଲେ ଦେଶୀୟ ଭାଷାର ଶିକ୍ଷକ ମିଳିବାର କଠିନ ଅଟଇ । ପ୍ରଥମରେ ଏହି ଅଭାବ ଅଧିକତର ବୋଧ ହୋଇଥିବାରୁ ନର୍ମାଲ ବିଦ୍ୟାଳୟର ସୃଷ୍ଟି ହୋଇଥିଲା ଓ ଯଦ୍ୟପି ଏମନ୍ତ ଆଶା ହୋଇପାରେ ଯେ କ୍ରମଶଃ ଶିକ୍ଷାର ଉନ୍ନତି ହେଲେ ଏପ୍ରକାର ବିଦ୍ୟାଳୟର ପ୍ରୟୋଜନ ହେବ ନାହିଁ ମାତ୍ର ଅଦ୍ୟାପି ସମ୍ପୂର୍ଣ୍ଣରୂପେ ସେ ଅବସ୍ଥା ହୋଇ ନାହିଁ । ବର୍ତ୍ତମାନ ତିନି ଶ୍ରେଣୀର ଦେଶୀୟ ବିଦ୍ୟାଳୟ ଅଛି ଯଥା; ମଧ୍ୟ ନିମ୍ନ ଓ ସର୍ବନିମ୍ନ ଶ୍ରେଣୀ । ଏଥି ପାଇଁ ତିନିପ୍ରକାର ଶିକ୍ଷକର ପ୍ରୟୋଜନ ଏଥିରୁ ଦୁଇ ଶ୍ରେଣୀର ନର୍ମାଲ ବିଦ୍ୟାଳୟ ଅଛି । ଉଚ୍ଚ ଶ୍ରେଣୀର ବିଦ୍ୟାଳୟରେ ମଧ୍ୟ ଶ୍ରେଣୀର ଶିକ୍ଷକ ପ୍ରସ୍ତୁତ ହୁଅନ୍ତି ଓ ନିମ୍ନ ଶ୍ରେଣୀର ନର୍ମାଲ ବିଦ୍ୟାଳୟରେ ଅପର ଦୁଇଶ୍ରେଣୀର ଶିକ୍ଷକ ପ୍ରସ୍ତୁତ ହୁଅନ୍ତି । କୌଣସି ଏକ ଶ୍ରେଣୀର ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହେବା ଛାତ୍ର ତହିଁ ନିମ୍ନ ଶ୍ରେଣୀର ବିଦ୍ୟାଳୟର ଶିକ୍ଷକ ହୋଇ ପାରେ ସୁତରାଂ କେବଳ ମଧ୍ୟଶ୍ରେଣୀର ବିଦ୍ୟାଳୟ ସକାଶେ ସ୍ୱତନ୍ତ୍ର ଶିକ୍ଷକ ପ୍ରସ୍ତୁତ କରିବାର ଆବଶ୍ୟକ । ବଙ୍ଗଦେଶରେ ମଧ୍ୟଶ୍ରେଣୀର ଛାତ୍ର ଅନେକ ବାହାରି ଥିବାରୁ ଆଉ ନିମ୍ନ ଶ୍ରେଣୀର ନର୍ମାଲ ବିଦ୍ୟାଳୟର ପ୍ରୟୋଜନ ନାହିଁ କେବଳ ମଧ୍ୟଶ୍ରେଣୀ ବିଦ୍ୟାଳୟର ଶିକ୍ଷକ ନିମନ୍ତେ ଉଚ୍ଚଶ୍ରେଣୀର ନର୍ମାଲସ୍କୁଲ ରଖିବାର ପ୍ରୟୋଜନ । ଏହି କାରଣରେ ଲେଫ୍ଟେନେଣ୍ଟ ଗବର୍ଣ୍ଣର ଆଦେଶ ଦେଇଅଛନ୍ତି ଯେ ନିମ୍ନ ଶ୍ରେଣୀର ନର୍ମାଲସ୍କୁଲମାନ କ୍ରମଶଃ ଉଠିଯିବ । କେବଳ ଓଡ଼ିଶା ଛୋଟନାଗପୁର ଜଲପାଇଗୁଡ଼ି ଏବଂ କୁଚବେହାରରେ ବିଦ୍ୟାର ଅନୁଶୀଳନ ଅଳ୍ପ ଥିବାରୁ ସେଠା ନର୍ମାଲସ୍କୁଲମାନ ବର୍ତ୍ତମାନପରି ରହିବ । ତେବେ ଉଚ୍ଚ ଶ୍ରେଣୀର ଯେଉଁ ସମସ୍ତ ନର୍ମାଲ ବିଦ୍ୟାଳୟ ଅଛି ସେସବୁ ଯେରୂପ ଅଛି ସେରୂପ ରହିବ କେବଳ କଲିକତାର ନର୍ମାଲସ୍କୁଲକୁ ସଂସ୍କୃତ କଲେଜ ବା ହୁଗୁଳି ନର୍ମାଲସ୍କୁଲ ସହିତ ଯୋଗ କରିବାର ପ୍ରସ୍ତାବ ହୋଇଅଛି । ଏହିରୂପେ ଭାଗଲପୁରର ନର୍ମାଲସ୍କୁଲ ପାଟନାର ସ୍କୁଲରେ ମିଳିତ ହେବ ।

ଅମ୍ଭେମାନେ ଲେଫ୍ଟେନେଣ୍ଟ ଗବର୍ଣ୍ଣରଙ୍କର ଏ ବ୍ୟବସ୍ଥାରେ ବଡ଼ ଆନନ୍ଦିତ ହୋଇଅଛୁଁ । ଏଥିରେ ଶିକ୍ଷା ବିଭାଗର ଅନେକ ବୃଥାବ୍ୟୟ ଊଣା ହୋଇଯିବ ଅଥଚ ବିଦ୍ୟାଳୟର ଛାତ୍ରମାନେ ଶିକ୍ଷା ବିଭାଗରେ କର୍ମ ପାଇବେ ।

---

## ପିରାକର ଯୁଦ୍ଧ ।

ମାଲକା ଉପଦ୍ୱୀପ ମଧ୍ୟରେ ପିରାକ ନାମରେ ଏକ ସ୍ୱତନ୍ତ୍ର ଅଛି ସମୁଦ୍ର ଉପକୂଳରେ ଏହାର ବିସ୍ତାର ପ୍ରାୟ ୭[illegible] ମାଇଲ ଓ ଏଥିରେ [illegible] ହଜାର ମାଲୟ ଜାତୀୟ ଲୋକ ବାସ କରନ୍ତି

Digitized by srujanika@gmail.com
Split by PDF Splitter

Split by PDF Splitter



ଏପର୍ ଲେଫ୍ଟେନାଣ୍ଟ ଗୀନ ଓ ଅରଗାସ୍ ଲୋକ ଅଛନ୍ତି । ପୂର୍ବେ ଏ ରାଜ୍ୟ ଶାମଦେଶର କରଦ ରାଜ୍ୟ ଥିଲା କିନ୍ତୁ ସନ ୧୮୬୬ ମସିହାରୁ ଏହା ସ୍ୱାଧୀନ ହୋଇ ସୁଲତାନମାନେ ରାଜାଙ୍କଦ୍ୱାରା ଶାସିତ ହେଉଅଛି । ରାଜାଙ୍କର ଉପାଧି ସୁଲତାନ ଅଟଇ । ଟେଲିଗ୍ରାଫରୁ ଅବଗତ ହେଲୁଁ ଯେ ଏ ରାଜ୍ୟ ଓ ତହିଁର ନିକଟବର୍ତ୍ତୀ ଅନ୍ୟାନ୍ୟ ରାଜ୍ୟର ରାଜାମାନେ ପ୍ରଜାଙ୍କ ଉପରେ ଏଠା ବୃତ୍ତାଙ୍ଗପର ନାନାପ୍ରକାର ଅତ୍ୟାଚାର କରିବାରୁ ସମସ୍ତ ସମୟରେ ଗୋଲମାଲ ଉପସ୍ଥିତ ହୁଅଇ ଓ ରାଜ୍ୟର ଅଧିକାର ସମ୍ପର୍କରେ ମଧ୍ୟ ବିବାଦ ହେବା ବିରଳ ନୁହେ । ବର୍ତ୍ତମାନ ପେରା କରେ ଯେଉଁ ସୁଲତାନ ଅଛନ୍ତି ସେ ଗାଦିରେ ବସିବା ସମୟରେ ଏହିପରି ବିବାଦ ହୋଇଥିଲା ମାତ୍ର ଇଂରାଜ ଗବର୍ଣ୍ଣମେଣ୍ଟ ତାହାଙ୍କ ସପକ୍ଷ ହୋଇ ତାହାଙ୍କୁ ଉକ୍ତ ରାଜ୍ୟର ସୁଲତାନ ବୋଲି ସ୍ୱୀକାର କଲେ ଓ ସୁଲତାନ ଉକ୍ତ ଅନୁଗ୍ରହର ବଦଳରେ ଇଂରାଜ ଗବର୍ଣ୍ଣମେଣ୍ଟଙ୍କୁ ସନ୍ଧିପତ୍ର ଲେଖିଦେଲେ ଏବଂ ଉତ୍ତମରୂପେ ଶାସନ କରିବେ ବୋଲି ତହିଁରେ ଦୃଢ଼ରୂପେ ପ୍ରତିଜ୍ଞା କଲେ କିଛିକାଳ ଉତ୍ତାରୁ ସୁଲତାନ ଆପଣା ପ୍ରତିଜ୍ଞା ପାସୋରି ପକାଇ ଅବାଧାଚରଣ କରିବାରେ ଇଂରାଜ ଗବର୍ଣ୍ଣମେଣ୍ଟ ତାହାଙ୍କୁ ସତର୍କ କରି ଜଣାଇ ଦେଲେ କି ପ୍ରତିଜ୍ଞା ଲଙ୍ଘନ କଲେ ତାହାଙ୍କପ୍ରତି କଠିନ ବ୍ୟବହାର ହେବ । ସୁଲତାନ ଅବଜ୍ଞା ଏ ଧମକ ଶୁଣି ଅତିଶୟ ଭୟାତୁର ହୋଇ ଉତ୍ତର ଲେଖିଲେ କି ସେ ଶାସନ କରିବାକୁ ଅକ୍ଷମ ଅତଏବ ଆପଣା ରାଜ୍ୟ ଇଂରାଜ ଗବର୍ଣ୍ଣମେଣ୍ଟଙ୍କୁ ସମର୍ପଣ କଲେ ଓ ଯେଉଁ କର୍ମଚାରୀ ନିଯୁକ୍ତ ହେବ ତାହାର ଅଧୀନରେ ସେ ରହିବାକୁ ସ୍ୱୀକାର କଲେ ଗବର୍ଣ୍ଣମେଣ୍ଟ ତହିଁରେ ସମ୍ମତ ହୋଇ ରାଜ୍ୟରେ ଘୋଷଣା ଦେଲେ କି ସୁଲତାନ ପେରାକ ରାଜ୍ୟ ଗବର୍ଣ୍ଣମେଣ୍ଟଙ୍କୁ ସମର୍ପଣ କରିବାରୁ ଗବର୍ଣ୍ଣମେଣ୍ଟ ସ୍ଥିରକର ଅଛନ୍ତି ଯେ ସୁଲତାନଙ୍କ ନାମରେ ରାଜ୍ୟ ଶାସନ କରିବେ ଓ ତହିଁପାଇଁ କମିଶନର ପ୍ରଭୃତି କର୍ମଚାରୀ ନିଯୁକ୍ତ କରିବେ । ଘୋଷଣା ପତ୍ରରେ ଅଧିକ ଲେଖାଥିଲା କି ପେରାକର ପ୍ରଜାମାନେ ରାଜା ଓ ସରଦାରଙ୍କଦ୍ୱାରା ପ୍ରପୀଡିତ ହେଉଅଛନ୍ତି ଓ ସୁଲତାନ ସେ ସବୁ ଅନିଷ୍ଟ ନିବାରଣ କରିବାକୁ ଅକ୍ଷମ ହେବାରୁ ଗୁରୁତର ଅପରାଧୀମାନଙ୍କର ଉପଯୁକ୍ତ ଅନୁସନ୍ଧାନ ଓ ଶାସ୍ତି ହେଉ ନାହିଁ । ଉକ୍ତ ବିଷୟ ଏବଂ ଅନ୍ୟାନ୍ୟ କେତେ ଦାଘର କଥା ଘୋଷଣାପତ୍ରରେ ଲେଖାଥିଲା । ଏ ଘୋଷଣା ପ୍ରଚାର ହେବାରେ ପେରାକର ରାଜା ଓ ସରଦାରମାନେ ଉତ୍ତେଜିତ ହେଲେ । ବୋଧହୁଅଇ ଇସମାଇଲ ନାମରେ ଏକବ୍ୟକ୍ତି ଯେ ସେ ପୂର୍ବେ ଅବଦୁଲ୍ଲାଙ୍କ ଗାଦି ପ୍ରାପ୍ତି ସମୟରେ ରାଜ୍ୟ ପାଇବା ସକାଶେ ବିବାଦ କରିଥିଲେ ବର୍ତ୍ତମାନ ସୁଯୋଗ ପାଇ ରାଜାମାନଙ୍କ ପ୍ରବର୍ତ୍ତାଇ ଅଛି । ଯାହା ହେଉ ରାଜାମାନେ ବିଦ୍ରୋହାଚରଣ କରି ପ୍ରଥମେ ପେରାକରେ ଥିବା ଇଂରାଜ ରେସିଡେଣ୍ଟଙ୍କୁ ହତ୍ୟା କଲେ ତହିଁ ଉତ୍ତାରୁ ଆଉ୨ ରାଜାମାନଙ୍କ ସହିତ ଯୋଗକରି ଇଂରାଜଙ୍କ ସହିତ ଯୁଦ୍ଧ କରିବାକୁ ପ୍ରସ୍ତୁତ ହୋଇ ଅଛନ୍ତି ଏବଂ ଅନ୍ୟାନ୍ୟ ଉପଦ୍ରବ କେତେ ମଧ୍ୟ କରି ଅଛନ୍ତି । ଭାରତବର୍ଷରେ ଏ ସବୁ ସଂବାଦ ଆସି ପହୁଞ୍ଚିବାରୁ ଏଠାରୁ ସୈନ୍ୟ ପ୍ରେରିତ ହେବାର ଆଜ୍ଞା ହୋଇଅଛି । ଅଚିରାତ୍ ସୈନ୍ୟ ଏଠାରୁ ଯାତ୍ରା କରିବେ ଓ ଅଳ୍ପଦିନମଧ୍ୟରେ ବୋଧ ହୁଅଇ ବିଦ୍ରୋହୀମାନେ ଦମନ ହେବାର ସଂବାଦ ଶୁଣାଯିବ ।

---

## ସାପ୍ତାହିକ ସଂବାଦ ।

ପାରସର ଗବର୍ଣ୍ଣମେଣ୍ଟ ତୁର୍କସ୍ଥାନରେ କପାଚାସ ପ୍ରଚଳିତ କରିବାକୁ ମନସ୍ଥ କରିଅଛନ୍ତି ଏଥିପାଇଁ ଉକ୍ତ ଗବର୍ଣ୍ଣମେଣ୍ଟର ଏକଜଣ ଅମେରିକାର ଦକ୍ଷିଣ ପ୍ରଦେଶରେ ଭ୍ରମଣ କରି କପାଚାସର ପ୍ରଣାଳୀ ଅଧ୍ୟୟନ କରୁଅଛନ୍ତି ।

ହିନ୍ଦୁପେଟ୍ରିଅଟରେ ଲେଖାଅଛି ଯେ ଗୋଟିଏ ପ୍ରଧାନନଗରରେ ସଡକ ଦୁଇପାଖରେ ପଡିଥିବା କଣ୍ଡେସ୍ତ୍ରା ପିଁଜାମାନ ଗୋଟାଇ ତହିଁରେ ପୁନର୍ବାର ପିଁଜା ବନାଇ ବ୍ୟବସାୟୀଦ୍ୱାରା ଏକ ବର୍ଷରେ ଲକ୍ଷେ ଟଙ୍କା ଲାଭ ମିଳିଅଛି । ବିଚାର ନ କରି ସାମାନ୍ୟଦ୍ରବ୍ୟ ନଷ୍ଟ କରିବାରେ କେତେ କ୍ଷତି ହେଉଅଛି ଏଥିରୁ ସୁନ୍ଦରରୂପେ ବୋଧ ହୋଇପାରେ ।

ଭାରତବର୍ଷର ସକଳସ୍ଥାନର ଜଳ ଉତ୍ତମ ନୁହଇ ବୋଲି ରାଜକୁମାରଙ୍କ ବ୍ୟବହାର ନିମିତ୍ତ ବିଲାତରୁ ଜଳ ଅଣାଇବା କାରଣ ଗବର୍ଣ୍ଣର ଜେନେରଲ ସାହେବ ତାରଡାକଯୋଗେ ସମ୍ବାଦ ପଠାଇଅଛନ୍ତି । କଲିକତା ମାନ୍ଦ୍ରାଜ ଓ ବମ୍ବେଇରେ ଉକ୍ତ ଜଳର ଭଣ୍ଡାରମାନ ରହିବ ।

ବୈବାହିକ ବ୍ୟୟ ଲାଘବ ସକାଶେ ମୁନସି ପ୍ୟାରିଲାଲ ଯାହା ପ୍ରସ୍ତାବ କରିଅଛନ୍ତି ତାହାକୁ ସର୍ବତ୍ରରେ ପ୍ରଚଳ କରିବା କାରଣ ପାଟନାବାସିମାନେ ଗୋଟିଏ ସଭା କରିଅଛନ୍ତି । ଏ ସଭାର ପ୍ରଧାନ କର୍ମଚାରୀମାନେ ଉଚ୍ଚଶ୍ରେଣୀର ଲୋକ ଅଟନ୍ତି । ସେମାନେ ଏକା ଆପଣା ଘରେ ଏ ନିୟମ ଚଳାଇବେ ଏମନ୍ତ ନୁହେ । ସାଧ୍ୟାନୁସାରେ ତାହା ବିସ୍ତାର କରିବାର ଉପାୟ ଦେଖିବେ ।

ରାଜକୁମାର କଲିକତାରେ ଥିବା ସମୟରେ ତାହାଙ୍କ ନିକଟରେ ପହରା ଦେବା କାରଣ ଅଧିକା ପୁଲିସର ପ୍ରୟୋଜନ ହେବାରୁ ପ୍ରତ୍ୟେକ ଜିଲାରୁ ୭।୮ ଜଣ ସବଳ ଓ ସୁଶିକ୍ଷିତ ପୁଲିସ କର୍ମଚାରୀ କଲିକତାକୁ ପ୍ରେରିତ ହେବାର ହୁକୁମ ହୋଇଅଛି ।

ରାଜକୁମାରଙ୍କ ଅଭ୍ୟର୍ଥନା ନିମିତ୍ତ କଲିକତାରେ ଯେଉଁ ସାଧାରଣ ଚାନ୍ଦା ସଂଗୃହୀତ ହେଉଅଛି ତହିଁର ମୋଟ ଗତସପ୍ତାହ ପର୍ଯ୍ୟନ୍ତ ଟ ୭୩,୭୯ ଙ୍କା ହୋଇଥିଲା ଏଣିକି ଲୋକଙ୍କର ଚାନ୍ଦା ଦେବାର ଉତ୍ସାହ ଊଣା ପଡି ଯିବାର ଦେଖାଯାଏ ସୁତରାଂ ଲକ୍ଷେ ଟଙ୍କା ପୂର୍ଣ୍ଣ ହେବାର ସମ୍ଭାବନା ନାହିଁ ।

ରଙ୍ଗପୁରର ସାବଜଜ ଲେବିନ ସାହେବ ଆପଣା ସିରସ୍ତାଦାରଙ୍କଦ୍ୱାରା ରାୟ ଲେଖାଇ ମକଦ୍ଦମା ଫଇସଲ କରୁଥିବା ଅପରାଧରେ ଏଥି ପୂର୍ବେ ଧରା ପଡିଥିଲେ । ଗବର୍ଣ୍ଣମେଣ୍ଟ ଇଣ୍ଡିଆ ତାହାଙ୍କୁ ବାର୍ଷିକ ଟ ୭୦୦୦ ଙ୍କା ପେନସନ ଦେଇ କର୍ମରୁ ବରଖାସ୍ତ କରିବାର ପ୍ରସ୍ତାବ କରିବାରୁ ବିଲାତର ସେକ୍ରେଟରୀ ତାହା ମଞ୍ଜୁର କରି ଅଛନ୍ତି । ବାବୁ ସୁରେନ୍ଦ୍ରନାଥ ବାନର୍ଯ୍ୟାଙ୍କୁ କେବଳ ବାର୍ଷିକ ଟ ୬୦୦ ଙ୍କା ଦିଆଗଲା !

ବଙ୍ଗଳା ସିବିଲସରବିସ ବାବୁ ବେହାରି ଲାଲ ଗୁପ୍ତ ସଂସ୍କୃତଭାଷାରେ ସର୍ବୋଚ୍ଚ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାରୁ ଦୁଇହଜାର ଟଙ୍କା ପାରିତୋଷିକ ପାଇଅଛନ୍ତି ।

ଅମେରିକାରେ ଉତ୍ତରୋତ୍ତର ଅଧିକ ଅଫୀମ ଖରଚ ହେବାର ସମ୍ଭାବନା ଦେଖାଯାଏ । ସେଠାକୁ ଅନେକ ଚୀନରଲୋକ ଯାଇ ବସତି କରୁଅଛନ୍ତି ଓ ଅଫୀମର ଖର୍ଚ୍ଚ ବଢ଼ୁଅଛି । ବ ୩୦ ର୍ଷପୂର୍ବେ ଯେତେ ଅଫୀମ ସେଠାକୁ ଯାଉଥିଲା ବର୍ତ୍ତମାନ ତହିଁର ଦଶଗୁଣ ବୃଦ୍ଧି ହୋଇଅଛି ।

ଚବିଶ ପରଗଣାର କେତେକ ସ୍ଥାନରେ ଜ୍ୱର ରୋଗର ଅତ୍ୟନ୍ତ ପ୍ରାଦୁର୍ଭାବ ହେବାର ଶୁଣାଯାଏ ।

Digitized by srujanika@gmail.com

ଲାହୋର ସମ୍ବାଦପତ୍ରରେ ଲେଖାଅଛି ଯେ ଫୁଲ୍ଲାର ବା ବାୟୁଯନ୍ତ୍ର ନାମକ ଯନ୍ତ୍ର ବାହାର ହୋଇଅଛି ତାହା ସ୍ୱାସ୍ଥ୍ୟତା ପକ୍ଷରେ ବଡ ଉପକାରୀ ଓ ଡାକ୍ତର ବର୍ଡ କହିଅଛନ୍ତି ଯେଉଁମାନଙ୍କର ଶରୀର ଅତ୍ୟନ୍ତ ଦୁର୍ବଳ ତାହାଙ୍କ ପକ୍ଷରେ ଏପ୍ରକାର ଯନ୍ତ୍ର ବଜାଇବା ଦରକାର ଅଟଇ । ଏଥିରୁ ଇଣ୍ଡିୟାନ ପବ୍ଲିକ ଓପିନିୟନ କହୁଅଛନ୍ତି ଯେ ବ୍ୟବସାୟୀ ଗାୟକଙ୍କର ଶାରୀରିକ ଅବସ୍ଥା ସାଧାରଣରୂପେ ବଳିଷ୍ଠ ଓ ପୁଷ୍ଟ ଦେଖାଯାଏ ଓ ଯେଉଁମାନେ ବାଦ୍ୟଯନ୍ତ୍ରମାନ ବଜାନ୍ତି ସେମାନଙ୍କର ବଳ କ୍ଷୁଧା ଓ ସ୍ୱାସ୍ଥ୍ୟତାର ପରିଚୟ ସମସ୍ତଙ୍କ ଜଣାଅଛି । ଗାଇବା ବଜାଇବାରେ ଶରୀର ରକ୍ଷାର ଏମନ୍ତ ସୁନ୍ଦର ଉପାୟ ଯେବେ ଅଛି ତେବେ ତ ଏଥିରେ ଲୋକଙ୍କର ଯଥୋଚିତ ଶ୍ରଦ୍ଧା ହେବାର ଉଚିତ ।

---

ପ୍ରେରିତପତ୍ର ।

ଶ୍ରୀଯୁକ୍ତ ଉତ୍କଳଦୀପିକାସମ୍ପାଦକ ମହାଶୟ
ସମୀପେଷୁ ।

ଲୋକନାଥ ମହାପାତ୍ର କଣ୍ଟ୍ରାକ୍ଟର ଏଠାରୁ ଅଧିକ ଦିନୁ ସେ ଯେତେ କର୍ମ କରୁଥିଲେ ତାହା ଠିକା-ଠିକି କରି ଦେଇ ଯେଉଁଠାରେ ଏକଗୁଣ ଲାଗିବ ସେଠାରେ ତିନିଗୁଣ ଲେଖିଦେଇ ସରକାରୀ ଟଙ୍କା ଖାଇ ଯାଉଥିଲେ ମାତ୍ର ସେ ଅର୍ମଷ୍ଟ୍ରଂ ସାହେବଙ୍କର ଅତ୍ୟନ୍ତ ପ୍ରିୟ ଥିବାରୁ କେହି କିଛି ତାଙ୍କୁ କହି ପାରୁ ନ ଥିଲେ ଏପରି ଅଧର୍ମ କେତେ ଦିନ ଯିବ । ହାଲ ମହାପାତ୍ର ମଜକୁର ଖାଲେଶ୍ୱରରେ ପଇରୋଡା କୂଅ ମରାମତ କରିବା ସକାଶେ ୫୨୭ ଙ୍କା ଇଷ୍ଟିମିଟ ହେବାରେ ତାହା ନେଇ କାମ ଶେଷ କଲା ପରେ କର୍ମ ଶେଷ ରପୋର୍ଟ ମେଜିଷ୍ଟର ସାହେବଙ୍କଠାରେ ଦେବାରେ ସେ ତାଉକମାସ୍ତରଦ୍ୱାରା ତଦାରଖ କରାଇବାରେ ଜଣାଗଲା ଯେ ମହାପାତ୍ରମଜକୁରର ରପୋର୍ଟ ମିଥ୍ୟା ଅଟେ ଯେହେତୁ ସେ ୫୦୦ ଫୁଟ କାମ କରି ୭୦୦ ଫୁଟ ଲେଖିଅଛି ଓ ପଟେର ତଳେ ମାଟି ଦେବାର ଇଷ୍ଟିମିଟ ଦେଇ ମାଟି ପରିବର୍ତ୍ତେ ବାଲି ଦେଇ ମାଟି ଦେଇଅଛି ବୋଲି ରପୋର୍ଟ ଦେଇଅଛି । ମେଜିଷ୍ଟର ସାହେବ ମଫସଲରୁ ଏ ସମସ୍ତ ବୁଝି ଏକ ହୁକୁମନାମା ଡିଏଣ୍ଟମେଜିଷ୍ଟର ସାହେବଙ୍କ ନିକଟକୁ ଲେଖି ପଠାଇଅଛନ୍ତି ଯେ ଏ ବ୍ୟକ୍ତି ଏବେଠାରୁ ଅଉ କିଛି କାମ ପାଇବ ନାହିଁ ଓ ଏ ବ୍ୟକ୍ତି ସରକାରଙ୍କୁ ଠକିବାକୁ ବସିଅଛି ଅତଏବ ଏହାକୁ ଫଉଜଦାରୀ ସୁପୋର୍ଦ୍ଦ କରି ବିଚାର ସକାଶେ ଏକ ଡେପ୍ଟୀକଲେକ୍ଟରର ଜମା କରିବ । ଏପର୍ଯ୍ୟନ୍ତ କିଛି ହୋଇ ନାହିଁ ଏପରେ ଯେ ହେବ ପଛେ ଜଣାଇବୁଁ ସମସ୍ତେ ଜାଣନ୍ତି ଯେ ମାଟି ଓ ସୁରକି ଓ ଚୂନ ଏଥିରେ ଇଟାବନ୍ଧାଯାଏ ମାତ୍ର ବାଲିରେ ଇଟା ଗନ୍ଥିବାର କଦାପି ଦେଖା ଯାଇ ନାହିଁ କି ଶୁଣା ଯାଇ ନାହିଁ । ମହାପାତ୍ର ମଜକୁର କନେରଙ୍କୁ ପିବା ସକାଶେ ଯେଉଁ ଶକାସତର ଇଦ୍ଦାର କରଅଛି ତାହା ପାଟରେ ବାଲି କଞ୍ଜ ଦେଇ ଇଟାମାନ ବାଲିରେ ଗାନ୍ଥଣୀ କରଅଛି ।

ଶ୍ରୀଯୁକ୍ତ ଅର୍ମଷ୍ଟ୍ରଙ୍ଗ ସାହେବ ଯେଉଁ ଲୋକ ଶୁଦ୍ଧଙ୍କୁ ପ୍ରିୟ କରି ମୁହଁ ଦେଇଥିଲେ ତହିଁ ମଧ୍ୟରେ ଅଭିମନ୍ୟୁ ଶଶଙ୍କ ଗେଡଙ୍ଗ ଡଙ୍ଗଲ ବାହାଧିଆ ସେ ଥାଉଁ ୨ ପ୍ରାଣରେ ମରି ପଡିଲା । ବାବୁ ଦିବ୍ୟସିଂହ ଦାସ ଗଇବ ଓଭରସିଅରରୁ ମାପୁଲ ହେଲା ଓ ଲୋକନାଥ ମହାପାତ୍ର ଫଉଜଦାରୀ ସୁପୋର୍ଦ୍ଦ ହେଲେ । ଅଉ ଯେତେ ଲୋକ ଅଛନ୍ତି ତାଙ୍କର କି ହେବ ଦେଖା ଯିବ ।

ଯଦ ଏ ଜିଲା ହେବା ତାରୁଟରୁ ପ୍ରଥମେ ୨ କେତେ ଉତ୍ତମହାକିମ ଆସିଥିଲେ ମାତ୍ର ତହିଁରେ ବର୍ତ୍ତମାନ ହାକିମ ଶ୍ରୀଯୁକ୍ତ ଫ୍ରିଡନ୍ସ ସାହେବ ପରି ସଙ୍ଗୁଣସମ୍ପନ୍ନ କେହି ଆସି ନ ଥିଲେ ବ ଓଡ଼ିଶାର ଅନ୍ୟ ଜିଲାମାନଙ୍କରେ ମଧ୍ୟ ଜାହାନ୍ତି ଏହାଙ୍କ ବର୍ଣ୍ଣରେ ମିଲେଟ ସାହେବ ବୋଲି ଜଣେ ଅଛନ୍ତି ଏଥିରେ ସମସ୍ତେ ଅତ୍ୟନ୍ତ ଦୁଃଖିତ ଅଛନ୍ତି ।

ବାବୁ ରାମପ୍ରସାଦସିଂହଙ୍କ ପଦ ଶିରସ୍ତାଦାର ଓ ବାବୁ ବଳରାମ ଘୋଷଙ୍କ ପଦ ହେଡକ୍ଲର୍କୀ ଏ ଜିଲା ହେବା ତାରିଖରୁ କେହି ନ ଥିଲେ ଯଦ ବାବୁ ରାମପ୍ରସାଦ ସିଂହଙ୍କ ବଦଳରେ ଲୋକେ ଦୁଃଖିତ ଥିଲେ ମାତ୍ର ବାବୁ ବଳରାମ ଘୋଷ ଶିରସ୍ତାଦାର ହେବାରୁ ସେ ଦୁଃଖ କେତେକ ମୋଚନ ହେଲା ମାତ୍ର ହେଡକ୍ଲର୍କୀ ବିଷୟରେ ଦୁଃଖ ରହିଗଲା । ଏ ପଦ ବ୍ୟକ୍ତି ଅମଲ୍ଲାଶ୍ରେଣୀରେ ବୈଦ୍ୟକୁଳର ପ୍ରଣ୍ୟ ଅଟନ୍ତି । ଏପରି ପ୍ରବାଦ ଅଛି ଯେ ସୁଯୋଗ୍ୟ ବ୍ୟକ୍ତି ଚର୍ଣ୍ଣାଗା ରହୁଅଛନ୍ତି ତାହାର ଦୃଷ୍ଟାନ୍ତର ଶ୍ରୀଯୁକ୍ତ ଫ୍ରିଡନ୍ସ ସାହେବ, ବାବୁ ରାମପ୍ରସାଦ ସିଂହ ଓ ବାବୁ ବଳରାମ ଘୋଷ ଯଦଚ ରାମପ୍ରସାଦ ସିଂହଙ୍କର ଉନ୍ନତି ହୋଇଅଛି ମାତ୍ର ତାଙ୍କ ଉପଯୁକ୍ତତା ଅନୁସାରେ ହୋଇ ନାହିଁ । ତା ୨୨ ରଖ ମାହେ ନବମ୍ବର ସନ ୧୮୭୫ ମସିହା ।

---


# JUST PUBLISHED.

## A PRACTICAL HAND-BOOK
OF THE
## URIYA OR ODIYA LANGUAGE,
BY T. J. MALTBY, Esq., MADRAS C. S.

THE Book is intended to illustrate the URIYA language in the order of its importance, *viz.*, in its colloquial, epistolary, and literary styles, and although primarily intend for foreigners learning URIYA, it is hoped that it will at the same time prove of assistance to URIYAS learning ENGLISH.

The Book consists of the following parts:—

PART I.—Containing INTRODUCTION, the URIYA alphabet clearly explained, and a short grammar of the language.

PART II.—DIALOGUES in ENGLISH, URIYA, and ROMAN upon the subjects of CULTIVATION, CUTCHERY, READING, and WRITING, RIDING, SHOOTING, TRAVELLING, and MISCELLANEOUS.

PART III.—URIYA DEPOSITIONS in ENGLISH and ROMANIZED URIYA.

PART IV.—URIYA official letters in ENGLISH and ROMANIZED URIYA.

PART V.—Containing the NITI KOTHA, a short collection of MORAL FABLES in ROMANIZED URIYA, together with English translation; also useful official terms, and the URIYA NUMERALS.

The whole is made as easy as possible, and the two first parts of the book (Introduction excepted) are in ENGLISH URIYA, and ROMANIZED URIYA, so as to assist the learner as much as possible in mastering the language, and removing any difficulties that he might otherwise meet with.

—o—

Price Bound in full cloth Rs. 5
Postage As. 8

„ For schools and students ordering 6 copies or more at a time. Bound in paper covers @ Rs. 2—8 post free.

WYMAN & Co. PUBLISHERS
*Hare street Calcutta.*


---

☞ ଏହୁ ଉତ୍କଳଦୀପିକା ସହରକଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

# ଅ ଛ ର କ୍ତ

ଉତ୍କଳଦୀପିକା ତା ୨୭ ଇଣ ମହେ ନବମ୍ବର ସନ ୧୮୭୫ ମସିହା ।

ପୂର୍ବପ୍ରକାଶିତ ଶ୍ରୀଜଗନ୍ନାଥ ମାହପ୍ରସାଦ ସମ୍ପର୍କୀୟ କତିପୟ ବଚନ ବ୍ୟାଖ୍ୟା ଏବଂ ପ୍ରମାଣାନ୍ତରଂ ପ୍ରକାଶତେ ।

ବ୍ରହ୍ମପୁରାଣୋକ୍ତ ଖଣ୍ଡିତେ ସ୍ଫୁଟିତେ ଇତ୍ୟାଦି ବଚନସ୍ୟ ବ୍ୟାଖ୍ୟା ହୟଶୀର୍ଷୋକ୍ତ ପ୍ରତିଷ୍ଠା ପ୍ରଦୀପେ ଲଖିତାସ୍ତି । ଯଥା—

ଖଣ୍ଡିତେ ଉତ୍ପାଟିତ ପାଷାଣଯୁକ୍ତେ । ସ୍ଫୁଟିତେ ଭଗ୍ନଗାତ୍ରେ ।
ଦଗ୍ଧେ ଜୀର୍ଣ୍ଣାନ୍ତସ୍ଥଳ ପାବକ ଦାହ ଦୂଷିତେ । ଭ୍ରଷ୍ଟେ ସ୍ଥାନାତ୍
ମାନବର୍ଜିତେ ଶାସ୍ତ୍ରୀୟ ପ୍ରମାଣ ରହିତେ । ଯାଗ ହୀନେ
ଅପ୍ରତିଷ୍ଠିତେ । ପଶୁସ୍ପୃଷ୍ଟେ ଅସ୍ପୃଶ୍ୟ ପଶୁସ୍ପର୍ଶ ଦୂଷିତେ ।
ପତିତେ ଦୁଷ୍ଟଭୂମିଷୁ ଅଶୁଚି ସ୍ଥାନଗତେ ।

ଇତ୍ୟାଦିକ୍ରମେଣ ଲଖିତ ମସ୍ତି । ଅତଏବ ପତିତେ ଦୁଷ୍ଟଭୂମିଷୁ ଏତଦ୍ବାକ୍ୟସ୍ୟ ଅଶୁଚିସ୍ଥାନବୋଧକତ୍ୱାତ୍ ସ୍ଥାନାଦ୍ଭ୍ରଷ୍ଟେ ଇତ୍ୟସ୍ୟ ସୁତରାଂ ନିତ୍ୟସ୍ଥାନାଦ୍ଭ୍ରଷ୍ଟେ ଇତ୍ୟର୍ଥୋ ଲଭ୍ୟତେ ।

ମହାପୁରୁଷ ବିଦ୍ୟାୟାଂ ପଞ୍ଚମାଧ୍ୟାୟୋକ୍ତ ଅଥ ବକ୍ଷ୍ୟାମି ଇତ୍ୟାରଭ୍ୟ ନିର୍ମିତେ ଇତ୍ୟନନ୍ତରଂ ଏବଂ ପ୍ରାସାଦ ପ୍ରତିମାଦୀନ୍ ନ ଚାଳୟେତ୍ କଦାଚନ ଏତଦ୍ବାକ୍ୟାତ୍ ପୂର୍ବଂ ।

ଯେକେଚନାଦ୍ରିଷୁ ନିର୍ମିତ ପ୍ରାସାଦଂ ପ୍ରତିମାମଥ । ତଥାପି
ତେଽକ୍ଷୟାଂ କୀର୍ତ୍ତିଂ ଲଭନ୍ତେ ନ ସଂଶୟଃ । ଇନ୍ଦ୍ରଦ୍ୟୁମ୍ନଂ
ପ୍ରତି ବରଦାନ ସ୍ତୁତେଃ ।

ଏତଦ୍ବାକ୍ୟଂ ।

ଇତି ବ୍ରହ୍ମପୁରାଣ ବଚନାତ୍ ପୁରୁଷୋତ୍ତମକ୍ଷେତ୍ରେ ତତ୍ର ସ୍ଥାନସ୍ୟୈବ ପୁଣ୍ୟହେତୁତ୍ୱଂ । ଏତଦ୍ବ୍ୟାଖ୍ୟାୟାଂ ନୃସିଂହ ବାଜପେୟିକୃତ ଆଗମ ପ୍ରଦୀପେ ହୟଶୀର୍ଷସ୍ଥ ଇଦଂ ।

ପୁରୁଷୋତ୍ତମ କ୍ଷେତ୍ରେ ତତ୍ର ସ୍ଥାନେ ପ୍ରତିମାନ୍ତରସ୍ୟ ବଚନ
ବିଶେଷାତ୍ ଦେବ ପୁଣ୍ୟ ହେତୁତ୍ୱଂ ।

ଅପରେ ଯେକେଚନ ପୁରୁଷୋତ୍ତମ କ୍ଷେତ୍ରସ୍ଥ ନୀଳାଚଲେ ନିର୍ମିତ ପ୍ରାସାଦାନ୍ତର୍ବର୍ତ୍ତି ସିଂହାସନ ସ୍ଥାୟିନଃ ଶ୍ରୀଜଗନ୍ନାଥ ମହାପ୍ରଭୋଃ ଅନ୍ନାଦି ନୈବେଦ୍ୟଂ ପରମପବିତ୍ର ମିତ୍ୟତ୍ର କିଞ୍ଚିଦପି ପ୍ରମାଣଂ ନାସ୍ତୀତି ବଦନ୍ତେ ତଦପ୍ୟସଙ୍ଗତଂ । ତଦନ୍ନ ନୈବେଦ୍ୟ ମହାପାବନ ମିତ୍ୟସ୍ୟ ବେଦବୋଧିତତ୍ୱାତ୍ । ଯଥା ଅଥର୍ବବେଦାନ୍ତର୍ଗତ ପୁରୁଷୋତ୍ତମ ତାପିନ୍ୟାଂ ତୃତୀୟ ପ୍ରପାଠକେ ।

ଯତ୍ର ଗଙ୍ଗା ଯମୁନା ସମୁଦ୍ର ମଧୁମନସ୍ୟଂ ବନାଗ୍ରମଂ ବୃନ୍ଦା-
ବନଂ କାଳପର୍ବତଂ ଗୋବର୍ଦ୍ଧନଂ ସିଂହାସନଂ ଯୋଗପୀଠଂ
ପ୍ରାସାଦଂ ମଣିମଣ୍ଡପଂ ଯଦନ୍ନଂ ବ୍ରହ୍ମ ପରମପବିତ୍ରଂ ଖାଦ୍ୟ-
ନ୍ତଃ କୈବଲ୍ୟଂ ମୁକ୍ତିଃ ସିଦ୍ଧାନ୍ତଃ ଇତ୍ୟାଦି ।

ପୁନଶ୍ଚାତ୍ରୈବୋକ୍ତଂ ବାକ୍ୟମେତତ୍

ପୂର୍ବତୋ ମହାପ୍ରସାଦବିଷୟେ ପ୍ରମାଣଂ ବ୍ୟକ୍ତୀକୃତଂ । ତଥାପି ପ୍ରସଙ୍ଗ ବଶାତ୍ ଶ୍ରୀମଜ୍ଜଗନ୍ନାଥ ମହାପ୍ରଭୋଃ ସ୍ଥାନାନ୍ତରେ ସ୍ଥିତିବିଷୟକା । ତତ୍ ପୂର୍ବବର୍ତ୍ତି ପଣ୍ଡିତାନାଂ ଶ୍ରୀଜଗନ୍ନାଥମହାପ୍ରଭୋ ରଦାନୀଂ କୁତ୍ରାବସ୍ଥିତ ର୍ଭବତି । ଉଦ୍ୟାନଗୃହାଖ୍ୟାଂ ତନ୍ନିବାରଣାର୍ଥଂ ଶାସ୍ତ୍ରୀୟ ନିୟମଂ ପ୍ରକାଶୟାମଃ । ତଦ୍ୟଥା ନିତ୍ୟସ୍ଥାନସ୍ୱରୂପ ସିଂହାସନ ଗର୍ଭକ ମେରୁ ପ୍ରାସାଦ ସମ୍ମୁଖ ସଂଲଗ୍ନ ଜଗମୋହନ ନାମକ ପ୍ରାସାଦୋଽସ୍ତି । ଯତ୍ର ପ୍ରାସାଦସ୍ୟାଭ୍ୟନ୍ତରବର୍ତ୍ତି ଅନବସର ପିଣ୍ଡିକାୟାଂ ସ୍ନାନ ଯାତ୍ରାନନ୍ତରଂ ରଥାରୋହଣ ପର୍ଯ୍ୟନ୍ତଂ ଶ୍ରୀମଜ୍ଜଗନ୍ନାଥମହାପ୍ରଭୋଃ ସ୍ଥିତିର୍ଭବେତ୍ । ଜଗମୋହନେ ଚ ଶ୍ରୀ ଜଗନ୍ନାଥମହାପ୍ରଭୋ ରଦାନୀଂ ସ୍ନାତକରୁଦ୍ଧଭାଗେ ସ୍ଥିତିର୍ଭବତି । ଯତଃ ସ୍ମୃତି କାଳାଗ୍ନି ଚନ୍ଦ୍ର ସିଂହ ବାଜପେୟିଭିଃ ପ୍ରତିଷ୍ଠାପ୍ରଦୀପେ ବାସ୍ତୁ ପ୍ରତିଷ୍ଠାପ୍ରକରଣେ ସର୍ବମନ୍ଦିରାଣାଂ ବିଭାଗଃ ଦେବମୂର୍ତ୍ତି ସ୍ଥିତିବିଧାନଂ ଚ ଏବଂ ଲଖିତ ମସ୍ତି । ଯଥା ।

ପ୍ରାସାଦ ଗର୍ଭସ୍ୟ ସପ୍ତଧା ବିଭାଗଃ । ମଧ୍ୟେ ଏକୋ ଭାଗଃ ।
ପୂର୍ବେ ଭାଗ ଦ୍ୱୟଂ ପଶ୍ଚିମେ ଭାଗ ଦ୍ୱୟଂ ତନ୍ମଧ୍ୟଂ ବ୍ରାହ୍ମ୍ୟଭାଗଃ
ତସ୍ୟ ପଶ୍ଚିମେ ଦୈବଭାଗଃ ତତ୍ର ପଶ୍ଚିମେ ମାନୁଷଭାଗଃ ତସ୍ୟ
ପଶ୍ଚିମେ ଭିତ୍ତିଲଗ୍ନୋ ଭାଗଃ ପୈଶାଚଃ ତତ୍ର ଦ୍ୱାରଜ ଷୁରୁ-
ଦ୍ଧୋ ନବଷ୍ଟୁ ସ୍ଥିତୋ ବା ଧ୍ୟାନଯୋଗସ୍ଥ ଶ୍ଚେତ୍ ବ୍ରାହ୍ମ୍ୟେ
ଭାଗେ ସ୍ଥାପ୍ୟଃ ଦୈବମାନୁଷ ଭାଗୟୋଃ ଶୟିତ ମୂର୍ତ୍ତି
ସ୍ଥାପନଂ ଦାରବୀ ମୃନ୍ମୟୀ ବା ମୂର୍ତ୍ତି ର୍ଦୈବେ ସ୍ଥାପ୍ୟା ମାନୁଷଂ
ଚିତ୍ରଦାଶିତ୍ୟ ଗୃହନେ ସ୍ଥାପୟେଦ୍ବିଷଂ । ଦୈବମାନୁଷଭା-
ଗୟୋଃ ସ୍ଥାପ୍ୟାଃ । ସର୍ବେ ସ୍ୱସ୍ୱ ସ୍ଥାନସ୍ଥାଃ ଶୁଭଦାଃ ।
ବିପରୀତା ଭୟାବହା ଭବନ୍ତି ।

ଏତତ୍ ପ୍ରମାଣାନୁସାରେଣ ପୂର୍ବୋକ୍ତ ମେରୁ ପ୍ରାସାଦ ସ୍ନାନମଣ୍ଡପ ଗୁଣ୍ଡିଚାମଣ୍ଡପେଷୁ ଦାରୁବ୍ରହ୍ମମୂର୍ତ୍ତେଃ ସ୍ଥିତ୍ୟର୍ଥଂ ସ୍ମୃତିସିଦ୍ଧ ଭାଗେ ସିଂହାସନଂ ନିର୍ମିତ ମସ୍ତି ଏବଂ ଜଗମୋହନାଗାରେ ବ୍ରାହ୍ମ୍ୟଭାଗଂ ପରିତ୍ୟଜ୍ୟ ତତ୍ପଶ୍ଚିମେ ଦୈବଭାଗାଦାରଭ୍ୟ ପିଶାଚଭାଗପର୍ଯ୍ୟନ୍ତଂ ଯଦ୍ ଅନବସରପିଣ୍ଡିକା ନିର୍ମିତାସ୍ତି ତଥାପି ଶ୍ରୀଭଗବତଃ ସ୍ଥିତିସମୟେ ଅର୍ଥାତ୍ ପ୍ରତିସମ୍ବତ୍ସର ମନବସର କାଳେ ପିଶାଚଭାଗଂ ପରିତ୍ୟଜ୍ୟ ଦୈବମାନୁଷଭାଗଂ ସ୍ପୃଷ୍ଟ୍ୱା ଦୈବଭାଗେ ପ୍ରତିମା-ସ୍ଥାପନବ୍ୟବସ୍ଥା ଭବତି । କିନ୍ତ୍ୱିଦାନୀଂ ଜଗମୋହନମନ୍ଦିରେ ବ୍ରାହ୍ମ୍ୟଭାଗଂ ଅର୍ଥାତ୍ ତନ୍ମନ୍ଦିର ଦକ୍ଷିଣଦ୍ୱାରସ୍ୟ ସମ୍ମୁଖବର୍ତ୍ତି ମଧ୍ୟସ୍ଥାନଂ ପରିତ୍ୟଜ୍ୟ ତତ୍ପୂର୍ବେ ଅର୍ଥାତ୍ ତସ୍ୟ ବଜ୍ରସ୍ୟ ଦ୍ୱାରସ୍ୟ ପଶ୍ଚିମେ ଭଗବତଃ ସ୍ଥିତିରଭୀତ୍ ।

ପଣ୍ଡିତ ଶ୍ରୀ ବାସୁଦେବ ରଥ ଶର୍ମା
„ „ ଚନ୍ଦ୍ରମଣି ଶତପଥି
„ „ କୃଷ୍ଣ ମହାପାତ୍ର
„ „ ପୀତାମ୍ବର ମିଶ୍ର
„ „ ଗୋପାଳ ମିଶ୍ର
„ „ ଶିବସ୍ୱାମୀ ଦାସ ଶର୍ମା
„ „ ଶ୍ରୀଧର ମିଶ୍ର ଶର୍ମଣଃ
„ „ ମାଧବ ମିଶ୍ର
„ „ ଗଦାଧର ଶର୍ମା
„ „ ଜଗନ୍ନାଥ ଷଡଙ୍ଗୀ

☞ ମନ୍ତବ୍ୟ ଦେଖ ।

Digitized by srujanika@gmail.com

Split by PDF Splitter

REGISTERED NO. 18



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୦ ଶ | ଇଂରାଜୀ ଡିସେମ୍ବର ସନ ୧୮୭୮ ମସିହା । ମୂ । ମାର୍ଗଶିର ୨୦ ଜ ସନ ୧୨୮୬ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ୫
୪୮ ସଂଖ୍ୟା | | ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫୬
ମଫସଲ ପାଇଁ ଡାକମାସୁଲ ୫୧୧୬

ଆମ୍ଭେମାନେ ପରମ୍ପରା ଶୁଣୁଅଛୁଁ ଯେ କଟକ ଗାନ୍ଧୀମହାଲ ସମ୍ପର୍କରେ ବୋର୍ଡରେବନ୍ୟୁ ଛିଷ୍ଟ୍ରି କରିଅଛନ୍ତି ଯେ ସନ ୧୮୬୭ ମସିହାର ୧୦ ଆଇନଦ୍ୱାରା ଉପସ୍ଥିତ ବନ୍ଦୋବସ୍ତ ପ୍ରତି ବାଧା ହୋଇ ନ ପାରେ ଓ ଲଖରାଜବାଜେୟାପ୍ତି ଜମିର ପୁନଃ ଗଣନା ବସାଇବାରେ କୌଣସି ନିଷେଧ ନାହିଁ । ଯେବେ ଏକଥା ସତ୍ୟ ହୋଇଥାଏ ତେବେ ବଡ ହରବର ପଡିଲା । ଯାହା ହେଉ ଏହି କଥାର ଉପରେ ନିର୍ଭର କରି ଏଠା ଜମିଦାରମାନେ ଅପୀଲ କରିବାରୁ କ୍ଷାନ୍ତ ହେବାର କୌଣସି କାରଣ ନାହିଁ । ଅପୀଲ ହେଲେ ବୋର୍ଡ ଓ ଗବର୍ଣ୍ଣମେଣ୍ଟଙ୍କର ଯଥାର୍ଥ ମତର ଜଣାପଡିବ ।

---

ଆଫଗାନର ଯୁଦ୍ଧ ସମ୍ବନ୍ଧେ ଯେ ସମସ୍ତ ପଲଟନ ଭାରତବର୍ଷରୁ ଯିବାର ଆଜ୍ଞା ହୋଇଥିଲା ତହିଁର ଅଧିକାଂଶ ତାହାଙ୍କରେ ସେ ଯାତ୍ରା କଲେଣି । ଏ ପଲଟନ ସବୁ ପହଞ୍ଚିବାର ଅପେକ୍ଷା ନ କରି ସେଠାରେ ଯୁଦ୍ଧ ଆରମ୍ଭ ହୋଇଅଛି । ଦିନାଙ୍କର କବର୍ଣ୍ଣର ଯୁଦ୍ଧସ୍ଥାନକୁ ଗତ ମାସ ତା ୨୬ ରେଖରେ ଯାଇଥିବାର ତାରଡାକ ଯୋଗେ ସମ୍ବାଦ ଆସିଅଛି । ଇଂରାଜ ସେନାମାନେ ସମୂହ ଉପକୂଳ ଧରି ଘୋର ରହିଅଛନ୍ତି ଓ ବିପକ୍ଷଦଳ ବିଶେଷ ବଳ ପ୍ରକାଶ କରିବାର କୌଣସି ସମ୍ଭାବନା ଦେଖା ଯାଉ ନାହିଁ । ଇଂରାଜସେନା ସ୍ଥିରଅଛନ୍ତି କାହିଁ ବନ୍ଦ କରି ସେଠି ରହିବାରୁ ମାଲସ୍ତ ଲୋକମାନେ ଅନାହାରରେ ଅତ୍ୟନ୍ତ କାତର ହୋଇଅଛନ୍ତି । ଇଂରାଜଙ୍କ ସହିତ ଯୁଦ୍ଧ କରିବା ମାଲସ୍ତ ଲୋକଙ୍କର କର୍ମ ନୁହଇ ।

---

ରାଜକୁମାରଙ୍କ ପରିଭ୍ରମଣ ବିଷୟରେ ବିଶେଷ ସମ୍ବାଦ ଏ ସପ୍ତାହରେ ଆସି ନାହିଁ । ରାଜକୁମାର ବରୋଦାରୁ ବମ୍ବେଇକୁ ଫେରି ଆସି ଗୋଆକୁ ଗମନ କରିଥିଲେ । ସେଠାରେ ତାହାଙ୍କର ଯଥା ବିହିତ ଅଭ୍ୟର୍ଥନା ହେଲା । ଗୋଆନଗର ଦର୍ଶନ କରି ରାଜକୁମାର ସିଂହଳ ବା ଲଙ୍କା ଦ୍ୱୀପକୁ ଗମନ କରିଅଛନ୍ତି । ସେଠାରେ କେଉଁ ଦିନ ପହଞ୍ଚି ବି କରିଅଛନ୍ତି ତହିଁର ସମ୍ବାଦ ଅବଧି ପାଇଁ ଯାଇ ନାହିଁ । କଥିତ ହୁଅଇ ଯେ ଲଙ୍କାରୁ ରାଜକୁମାର ମାନ୍ଦ୍ରାଜକୁ ଆସିବେ । ଏହି ମାସ ପ୍ରଥମସପ୍ତାହରେ ମାନ୍ଦ୍ରାଜରେ ପ୍ରବେଶ ହେବାର କଥା ଅଛି । ଏଣେ କଲିକତାରେ ରାଜକୁମାରଙ୍କୁ ଭେଟିବା ଓ ଦରବାରରେ ବସିବା ସକାଶେ ପଶ୍ଚିମ ଓ ମଧ୍ୟପ୍ରଦେଶର ରାଜାମାନେ କ୍ରମାଗତ ଆସୁଅଛନ୍ତି । କାଶ୍ମୀରର ମହାରାଜା ଆଗାମୀ ସପ୍ତାହରେ ପହଞ୍ଚିବେ ।

---

ଏ ବର୍ଷ ବିଶ୍ୱବିଦ୍ୟାଳୟର ବହୁତ ଛାତ୍ର ପରୀକ୍ଷା ଦେବାକୁ ଉପସ୍ଥିତ ହୋଇଅଛନ୍ତି । ଫାଷ୍ଟଆର୍ଟସରେ ଜ ୯ ଣ ଓ ପ୍ରବେଶିକାରେ ଜ ୩୭ ଣ ଛାତ୍ର ହୋଇଅଛନ୍ତି । ଓଡିଶାରେ ଏଥିପୂର୍ବ ବର୍ଷମାନଙ୍କରେ ଏଥିର ଅଧେ ସୁଦ୍ଧା ଛାତ୍ର ହୋଇ ନ ଥିଲେ । ଏବର୍ଷ ଏକାବେଳକେ ଏତେ ଅଧିକ ଛାତ୍ର ହେବାରୁ ଆମ୍ଭେମାନେ ବଡ ଆନନ୍ଦିତ ହୋଇଅଛୁଁ ଓ ଏଥିରୁ ଏକପ୍ରକାର ଅନୁମାନ ହୋଇପାରେ ଯେ କଲେଜ ବସିବାର ସମୟ ଉପସ୍ଥିତ ହୋଇଅଛି । ମାତ୍ର ପରୀକ୍ଷାର ଫଳ ଉପରେ ସବୁ କଥାର ନିର୍ଭର ଅଛି ଯେବେ ଉଚିତ ପରିମାଣରେ ଛାତ୍ରମାନେ ପରୀକ୍ଷାରେ ଉତ୍ତୀର୍ଣ୍ଣ ନ ହେବେ ତେବେ କେବଳ ଏତିକି ଜଣାଯିବ ଯେ ଶିକ୍ଷକମାନେ ସାବଧାନ ପୂର୍ବକ ଛାତ୍ର ନିର୍ବାଚନ କରି ନାହାନ୍ତି । ଫଳତଃ ପୂର୍ବରୁ ସେକଥା କହିବାର ପ୍ରୟୋଜନ ନାହିଁ । ଆମ୍ଭେମାନେ ପରମେଶ୍ୱରଙ୍କଠାରେ ପ୍ରାର୍ଥନା କରୁଁ ଯେ ଅଧିକ ସଂଖ୍ୟକ ଛାତ୍ର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଉନ୍ତୁ ଓ ଇଦ୍ଧାରା ଓଡିଶାରେ ବିଦ୍ୟାର ଉନ୍ନତି ହେଉ ।

ପ୍ରବେଶିକା ପରୀକ୍ଷାର ଛାତ୍ରମାନେ ନିମ୍ନଲିଖିତ ସ୍କୁଲମାନଙ୍କରୁ ପ୍ରେରିତ ହୋଇଅଛନ୍ତି । ଯଥା;

| | | |
|---|---|---|
| କଟକ | ହାଇସ୍କୁଲ | ଜ ୧୯ ଣ |
| ,, | ନର୍ମାଲ୍ ସ୍କୁଲ | ଜ ୭ |
| ବାଲେଶ୍ୱର | ,, | ଜ ୬ |
| ପୁରୀ | ,, | ଜ ୫ |

---

ରଙ୍ଗୁନରେ ବାସ କରିଥିବା ବ୍ରହ୍ମଦେଶୀୟ ଲୋକମାନେ ଉନ୍ମାଦଗ୍ରସ୍ତ ହେବାର ଜଣାଯାଏ । ସେଠାର ମାଜିଷ୍ଟ୍ରେଟ ଗତମାସରେ ସମ୍ବାଦ ପାଇଲେ ଯେ ବ୍ରହ୍ମବାସିମାନେ ମେଳ କରିଅଛନ୍ତି

Digitized by srujanika@gmail.com

ସେହିମାସ ତା ୧୨ ରିଖରେ ସହରକୁ ଲୁଟ କରିବେ ମାଜିଷ୍ଟ୍ରେଟ ଏହାଶୁଣି ଦୋକାନ ପସରା ବସାଇ ଦେଲେ ଓ ଅନ୍ୟାନ୍ୟ ନିବାରଣର ଉପାୟମାନ କଲେ । ଆଉ ଦୁର୍ଘଟଣା ହେଲା ନାହିଁ । ଅଳ୍ପଦିନ ଅନେକ ବ୍ରହ୍ମବାସି ଓ ତାହାଙ୍କ ସରଦାରମାନେ ଧରାପଡିଲେ । ଏମାନଙ୍କ କହିବାରୁ ଜଣାପଡିଲା ଯେ ନଗର ଓ ବାରଦଖାନାକୁ ଆକ୍ରମଣ କରିବା ସକାଶେ ଗୋଟିଏ ସଭା ହୋଇଥିଲା । ପୁଲିସ ଅନୁସନ୍ଧାନ କରିବାରେ ବ୍ୟସ୍ତ ଅଛନ୍ତି ଓ ଏ ବିଦ୍ରୋହର ସଂସର୍ଗୀୟ ଲୋକମାନେ କ୍ରମଶଃ ଧରାପଡୁଅଛନ୍ତି । ସରଦାର ବ୍ୟକ୍ତିଙ୍କରୁ ଖଣ୍ଡିଏପତ୍ର ଧୃତ ହୋଇଅଛି ତହିଁରେ ଲେଖାଅଛି ଯେ ବ୍ରହ୍ମା ରାଜାଙ୍କର ଗୁମାସ୍ତାଙ୍କ ଠାରୁ ଟ ୧୦୦୦ ଙ୍କା ନେବ ! ଏପରି ବସାଇ ଚିଠି କିଏ କାହିଁପାଇଁ ଦେଇଅଛି ଜଣା ପଡି ନାହିଁ ଓ ରାଜାଙ୍କର ଏଥିରେ କୌଣସି ସମ୍ପର୍କ ଥିବାର ପ୍ରକାଶ ହୋଇ ନାହିଁ କିନ୍ତୁ ଏଥିର ପ୍ରକୃତ ମର୍ମ ଜଣା ପଡିବାଯାଏ ଲୋକେ ବିଶ୍ୱାସ କରିପାରନ୍ତି ଯେ ଏ ବିଦ୍ରୋହରେ ବ୍ରହ୍ମରାଜାଙ୍କର ଅନୁମତି ଥାଇପାରେ । ବୋଧ ହୁଅଇ ଶୀଘ୍ର ଏଥିର ଯଥାର୍ଥ ବିବରଣ ପ୍ରକାଶ ହେବ ଓ ଆପାତତଃ ଏ ବିଦ୍ରୋହ କେବଳ ଦୁଷ୍ଟଲୋକଙ୍କର କାର୍ଯ୍ୟ ବୋଲି ଜଣା ପଡୁଅଛି ।

---

ଓଡିଶାର ସ୍କୁଲ ଡେପୁଟୀ ଇନ୍‌ସ୍‌ପେକ୍ଟରଙ୍କ ମଧ୍ୟରେ ବାବୁ ଉମାପ୍ରସାଦ ଦେ ସବୁରଗ୍ଭର୍ଣ୍ଣ ମେଣ୍ଟଙ୍କ ନୂତନ ନିୟମାନୁସାରେ ବେତନବୃଦ୍ଧି ପାଇଅଛନ୍ତି । ଏହାଙ୍କ ବେତନ ଟ ୧୫୦ ଙ୍କା ହୋଇଅଛି । ଉମାପ୍ରସାଦ ବାବୁ ଏ ବେତନର ଉପଯୁକ୍ତ ଥିବା ବିଷୟରେ ସନ୍ଦେହ ନାହିଁ ଓ ତାହା ସେ ପାଇବାରେ ଆମ୍ଭେମାନେ ସନ୍ତୁଷ୍ଟ ହେଲେହେଁ କଟକର ଡେପୁଟୀ ଇନ୍‌ସ୍‌ପେକ୍ଟର ବାବୁ ପ୍ୟାରୀମୋହନ ସେନଙ୍କର ବେତନ ବୃଦ୍ଧି ନ ହେବାରେ ଆମ୍ଭେମାନେ ବଡ଼ ଦୁଃଖିତ ହୋଇଅଛୁଁ । ପ୍ୟାରୀବାବୁ ଅନେକଦିନରୁ ଏ କର୍ମରେ ଅଛନ୍ତି ଓ ଓଡିଶାରେ ଅନ୍ୟାନ୍ୟ ଡେପୁଟୀଙ୍କ ଅପେକ୍ଷା ଏହାଙ୍କ ଚାକିରୀ ଦୀର୍ଘକାଳର ଅଟଇ । ଆମ୍ଭେମାନେ ଯେପର୍ଯ୍ୟନ୍ତ ଜାଣୁ ସେ ଅତି ଉତ୍ତମରୂପେ ଆପଣା କର୍ମ ନିର୍ବାହ କରି ଆସିଅଛନ୍ତି ଏସ୍ଥଳେ ଗବର୍ଣ୍ଣମେଣ୍ଟ ତାହାଙ୍କର ଦାବୀପ୍ରତି କିଛିମାତ୍ର ଦୃଷ୍ଟି ନ କରି ଯେ ତାହାଙ୍କଠାରୁ ଅନେକ ଅଳ୍ପଦିନର ଚାକିରଙ୍କୁ ପଦବୃଦ୍ଧି ଦେଲେ ବଡ ଆଶ୍ଚର୍ଯ୍ୟ ବ୍ୟାପାର ଅଟଇ । ସବୁ ଟେମ୍ପଲ ସାହେବ ଇଚ୍ଛାକରିଥା ଲୋକ କାହାନ୍ତି ସେ ଅଧଃସ୍ଥ ହାକିମମାନଙ୍କ ସଙ୍ଗେ ପରାମର୍ଶ କରି କର୍ମ କରନ୍ତି ତେବେ ଯେ ଅନ୍ୟାୟ ହେଲା ଏଥିରୁ ବୋଧ ହୁଅଇ ଯେ ଶିକ୍ଷାବିଭାଗର ତତ୍ତ୍ୱାବଧାରଣ ମହକୁମାଟି ସବୁକାମ୍ବଲ ସାହେବଙ୍କ ଅମଳରୁ ଭନଥେଣ୍ଡିଆ ତାଲୁତବାତ ହୋଇ ଥିବାରୁ ଗବର୍ଣ୍ଣମେଣ୍ଟ କୌଣସି ଏକ କର୍ମଚାରୀର ମତରେ ଭ୍ରମି ଯାଇ ଜଣେ ଉପଯୁକ୍ତ କର୍ମଚାରୀଙ୍କୁ ଯଥାର୍ଥ ପୁରସ୍କାରରୁ ବଞ୍ଚିତ କରଅଛନ୍ତି ।

---

ଆମ୍ଭେମାନେ ଅନନ୍ଦର ସହିତ ଅବଗତ ହେଲୁଁ ଯେ ଏଥର ଆମ୍ଭମାନଙ୍କ କଲେକ୍ଟର ଶ୍ରୀଯୁକ୍ତ ଟମସ୍ ସାହେବ ପଟ୍ଟିଆ ବଲକୁ ଗସ୍ତ କରିବାକୁ ଯାଇ ସେଠାର ରାଜାଙ୍କ ଉଚ୍ଛନ୍ନ ଯିବାର ମାର୍ଗରୁ ଫେରାଇ ଆଣିବାକୁ ବିସ୍ତର ଯତ୍ନ କରୁଅଛନ୍ତି । ପଟ୍ଟିଆ ରାଜାଙ୍କର ଗୁଣ ଗୌରବମାନ ଏଠା ଲୋକଙ୍କୁ ଅବିଦିତ ନାହିଁ ଓ ପୂର୍ବେ ଏହି ପତ୍ରିକାରେ ତହିଁର କେତେକ ବର୍ଣ୍ଣନ ହୋଇଥିଲା । ରାଜା ଆପଣା ରାଜ୍ୟର ଅଧିକାଂଶ ବିକ୍ରୟ କରି ସୁଦ୍ଧା ଋଣରୁ ମୁକ୍ତ ହୋଇ ନାହାନ୍ତି ବରଂ ଏତେବେଳଯାଏ ଋଣ କରିବାରୁ କ୍ଷାନ୍ତ ନାହାନ୍ତି ଓ ସେ ଅର୍ଥ କୌଣସି ଉତ୍ତମକାର୍ଯ୍ୟରେ ନ ଲଗାଇ ଚାଟୁକାରଙ୍କ ପ୍ରତିପାଳନ ଓ ଅନ୍ୟାନ୍ୟ ଅପବ୍ୟୟରେ ଉଡାଇ ଦେଇଅଛନ୍ତି । ଏସବୁ ବ୍ୟାପାର କଲେକ୍ଟର ସାହେବ ଦେଖି ତାହାଙ୍କଠାରୁ ଖଣ୍ଡେ ଏକରାରନାମା ଲେଖାଇ ନେଇଅଛନ୍ତି ଯେ ଋଣ ପରିଶୋଧ ହେବାଯାଏ ସେ କଲେକ୍ଟର ସାହେବଙ୍କ ବନ୍ଦୋବସ୍ତରେ ରହିବେ ଓ କୌଣସି ବିଷୟରେ ହସ୍ତକ୍ଷେପଣ କିମ୍ବା ଅଉ ଋଣ ଗ୍ରହଣ କରିବେ ନାହିଁ । ରାଜାର ନୂତନ ବନ୍ଦୋବସ୍ତ କାର୍ଯ୍ୟଉପସ୍ଥିତ ଅଛି ଯେ ତାହା କଲେକ୍ଟର ସାହେବଙ୍କ ଯୋଗେ ସମ୍ପନ୍ନ ହେବ । ରାଜାଙ୍କର ଶତ୍ରୁମାନେ ଅବଶ୍ୟ ବଳବାନ୍ ଅଛନ୍ତି ଯେ ଏପ୍ରକାର ଏକରାରନାମା ଲେଖି ଦେଇ ସେ କଲେକ୍ଟରଙ୍କୁ ଆତ୍ମସମର୍ପଣ କଲେ ନୋହିଲେ ତାହାଙ୍କୁ କ୍ଲେଶ ଭୋଗ କରିବାକୁ ହୋଇଥାନ୍ତା ।

---

## ଭାରତବର୍ଷରେ ଶିଳ୍ପବିଦ୍ୟାର ଅଭାବ ।

ଯୁବରାଜଙ୍କର ଭାରତବର୍ଷ ସନ୍ଦର୍ଶନର ନାନା ଫଳ ମଧ୍ୟରେ ଗୋଟିଏ ଫଳ ଏହି ଦେଖାଯାଏ ଯେ ବଚିତ୍ରିତ ସାମୟିକ ସମ୍ବାଦପତ୍ରର ଅନୁଷ୍ଠାନ ଏ ଦେଶରେ ହେଲା । କଲିକତାରେ ଏବଂ ଅନ୍ୟାନ୍ୟ ଦେଶରେ ଏପ୍ରକାର କେତେଗୁଡିଏ ସମ୍ବାଦପତ୍ରର ଅସ୍ତିତ୍ୱ ଦେଖାଯାଏ ମାତ୍ର ଭାରତବର୍ଷକୁ ଏହା ସଂପ୍ରତି ଆସିଅଛି । ଯୁବରାଜଙ୍କର ପର୍ଯ୍ୟଟନ ବାର୍ତ୍ତା ଚିତ୍ର ସହିତ ପ୍ରକାଶ କରିବା ନିମିତ୍ତ ଦୁଇଖଣ୍ଡି ସମ୍ବାଦପତ୍ରର ଅନୁଷ୍ଠାନ କଲିକତାରେ ହୋଇଅଛି ଖଣ୍ଡିଏ ଇଂରାଜୀ ଓ ଖଣ୍ଡିଏ ବଙ୍ଗଳା ଇଂରାଜୀପତ୍ରିକାର ଗ୍ରାହକ ଅନେକଗୁଡିଏ ଲୋକ ହୋଇ ଅଛନ୍ତି ଓ ବୋଧ ହୁଅଇ ପତ୍ରିକାର ଅଧିକାରୀମାନେ ଛାପା ସକାଶେ ଚିତ୍ର ଖୋଦିବାର ଉପଯୁକ୍ତ କାରିଗର ବିଲାତରୁ ଆଣିଅଛି ମାତ୍ର ଆମ୍ଭେମାନେ ଦୁଃଖର ସହିତ କହୁଅଛୁଁ ଯେ ଚିତ୍ରଗୁଡିକ ଉତ୍ତମ ହେଉ ନାହିଁ ଓ ଯଦ୍ୟପି କି ଭାରତବର୍ଷରେ ଏ ବ୍ୟବସାୟକୁ ନୂତନ ବିଚାର କଲେ ଦେଖିବାକୁ ଏକପ୍ରକାର ହୋଇଅଛି ମାତ୍ର ଇଂଲଣ୍ଡରେ ପ୍ରକାଶିତ ଲଣ୍ଡନନିଉସର ଚିତ୍ର ସହିତ ଏଥିର କୌଣସି ତୁଳନା ହେଉ ନାହିଁ । ଯେବେ କେହି ବିଲାତି କାରିଗର ଏ ଚିତ୍ର ସବୁ ପ୍ରସ୍ତୁତ କରିଥାଏ ତେବେ ବୋଲିବାକୁ ହେବ ଯେ ସେ ଉକ୍ତ ସ୍ଥାନର ଅଧମ କାରିଗର ଥିଲା । ବଙ୍ଗଳା ସମ୍ବାଦପତ୍ରିର ଦୁଇ ସଂଖ୍ୟା ଆମ୍ଭେମାନେ ଦେଖିଅଛୁଁ ମାତ୍ର ତହିଁର ଚିତ୍ରମାନ ଅତି କଦର୍ଯ୍ୟ ଓ କୌଣସିରୂପେ ସେ ସବୁକୁ ଚିତ୍ର କୋଲି ଯାଇ ନ ପାରେ । ପତ୍ରିକାର ଅଧିକାରୀମାନେ ସ୍ୱୟଂ ଭାରତ ହୋଇ ଚିତ୍ର ପ୍ରକାଶ କରିବା ଉଚିତ କରିଅଛନ୍ତି ଏବଂ ସର୍ବସାଧାରଣଙ୍କୁ ଜଣାଇଅଛନ୍ତି ଯେ ଅନ୍ତତଃ ଏକ ସପ୍ତାହରେ ଏକଖଣ୍ଡି ଚିତ୍ର ଖୋଦି ଦେବ ଏମନ୍ତ କାରିଗର ଏଠାରେ ଅବଧ୍ୟ ହୋଇ ନାହାନ୍ତି । ଫଳତଃ ସଚିତ୍ରିତ ସମ୍ବାଦପତ୍ର ବାହାରିବାରେ ଆମ୍ଭମାନଙ୍କର ଯେମନ୍ତ ହର୍ଷ ଜାତ ହୋଇଥିବ ଚିତ୍ର ଖୋଦିବାର ଉପଯୁକ୍ତ ଲୋକ ଏଠାରେ ନ ଥିବାର ଦେଖି ଆମ୍ଭମାନଙ୍କର ତେତିକି ବିଷାଦ ହୋଇଅଛି । ଯୁବରାଜ ଅବଶ୍ୟ ଏସବୁ ସମ୍ବାଦପତ୍ର ଦେଖିବେ କାରଣ ଏଥିରେ ତାହାଙ୍କର ବିଷୟ ସବୁ ବର୍ଣ୍ଣିତ ହୋଇଅଛି ଓ ଦେଖିଲାକ୍ଷଣି ଏ ଦେଶର ଶିଳ୍ପ ଅନୁଶୀଳନର ଦୁରବସ୍ଥା ଅବଶ୍ୟ ତାହାଙ୍କ ଦୃଷ୍ଟିପଥାରୂଢ଼ ହେବ । ଏପରି ଗୁରୁତର ଅଭାବ ଗୋଟିଏ ଦେଖି ସେ କି ତହିଁର ପ୍ରତୀକାର କରିବେ ନାହିଁ ? ଯେବେ ସେ ଚିନ୍ତା କରିବେ ତେବେ ତାହାଙ୍କୁ ନିଶ୍ଚୟ ପ୍ରତ୍ୟୟମାନ ହେବ ଯେ ଏଠାରେ ଶିଳ୍ପବିଦ୍ୟାର ଶିକ୍ଷା ଅଦୌ ଭଲ ହେଉ ନାହିଁ ଓ ତହିଁପାଇଁ ଯେବେ କିଛି ବିଧାନ ଏହାଙ୍କ ଯୋଗେ ହୋଇ

Digitized by srujanika@gmail.com

Split by PDF Splitter



ପାରେ ତେବେ ଯେମନ୍ତ ତାହାଙ୍କର ଗୋଟିଏ ମହତ୍କୀର୍ତ୍ତି ଏଦେଶରେ ରହିବ ତେମନ୍ତ ଏଠାର ଶାସନକର୍ତ୍ତାମାନେ ଗୋଟିଏ ଉତ୍କୃଷ୍ଟ ଶିକ୍ଷା ପାଇ ଆପଣା ଦୁରବସ୍ଥାକୁ ଦୂର ଓ ଦେଶର ସମ୍ଭ୍ରମ ରକ୍ଷା କରିବେ ।

———

### ଟ୍ରିବାଙ୍କୁର ମହାରାଜ ।

ଏ ମହାରାଜଙ୍କର ନିମ୍ନଲିଖିତ ପରିଚୟ ଏଡୁକେସନ ଗେଜେଟ କୌଣସି ସଂବାଦପତ୍ରରୁ ଉଦ୍ଧୃତ କରିଅଛନ୍ତି । ଯଥା,—

" ମହାରାଜଙ୍କର ନାମ ମହାମାନ୍ୟ ଶ୍ରୀ ପଦ୍ମନାଭ ଦାସ ବଞ୍ଚି ବଲରାମ ବର୍ମା କୁଲଶେଖର କିରୀଟପତି ମନ୍ନା ସୁଲତାନ ମହାରାଜ ରାଜାରାମ ରାଜାବାହାଦୁର ଶମସେରଜଙ୍ଗ ଅତିଉଚ୍ଚ ଶ୍ରେଣୀର ଭାରତ ନକ୍ଷତ୍ର ଉପାଧିର ନାଇଟ ଗ୍ରାଣ୍ଡ କମାଣ୍ଡର ମହାରାଜ ଟ୍ରିବାଙ୍କୁର ।

ଜାତି—କ୍ଷତ୍ରିୟ ।

ବୟସ— ବ ୪୩ବର୍ଷ ମା ୭ ସ ।

ବଂଶନାମ—ଶ୍ରୀପଥାଥସ୍ୱରୂପମ୍ ।

ଅନ୍ୟାନ୍ୟ ବିଶେଷ ବିବରଣ ଇଂରାଜୀ— ଇଙ୍ଗରାଜୀ ଭାଷାରେ ମହାରାଜଙ୍କର ଏରୂପ ପାରଦର୍ଶିତା ଅଛି ଯେ, ଏତଦ୍ଦେଶୀୟରାଜାମାନଙ୍କ ମଧ୍ୟରେ ତାହାଙ୍କତୁଲ୍ୟ ଇଙ୍ଗରାଜୀଜ୍ଞ ମିଳିବା ଦୁର ଅଟଇ । ଇଙ୍ଗରାଜୀରେ ତାଙ୍କର ସୁନ୍ଦର ଲିଖନ ଏବଂ ପଟୁବଚନ ଦେଖିଲେ ଶୁଣିଲେ ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ହୁଏ । ତାଙ୍କର ଅନେକ ରାଜକାର୍ଯ୍ୟହିଁ ଇଙ୍ଗରାଜୀରେ ସମାଧା ହୁଏ, ଏବଂ ତାହାଙ୍କର ଗୋପନୀୟ ଚିଠିପତ୍ର ଦେବା ନେବାର ଅନେକ ଇଂରେଜୀରେ ଲେଖାହୁଏ । ମହାରାଜ ଆପଣାର ମାତୃଭାଷା ମଲୟାଲମ ଛଡ଼ା ମହାରାଷ୍ଟ୍ରୀୟ, ତାମିଲ, ହିନ୍ଦି, ତେଲିଙ୍ଗୀ ଏଭାଷା ଗୁଡ଼ିକ ମଧ୍ୟ ଜାଣନ୍ତି ପ୍ରାଚୀନଭାଷା ସଂସ୍କୃତରେ ମହାରାଜା ବିଲକ୍ଷଣ ପଣ୍ଡିତ । ସେ ତାହାଙ୍କର ଅନେକ ଅବସରକାଳ ଅଧ୍ୟାପକଙ୍କ ସହିତ ଯାପନ କରନ୍ତି । ସଙ୍ଗୀତ ପ୍ରତି ତାହାଙ୍କର ବିଶେଷ ଅନୁରାଗ । ଗାନବାଦ୍ୟରେ ଅତିଅଳ୍ପ ଲୋକେ ତାଙ୍କ ଅପେକ୍ଷା ନିପୁଣତା ଲାଭ କରିଅଛନ୍ତି । ମହାରାଜଙ୍କର ସକଳ କାର୍ଯ୍ୟରେ ତତ୍ପରତା ଅଛି । ସକଳ କାର୍ଯ୍ୟରେ ସକାଳେ ପ୍ରବୃତ୍ତ ହେବାର ତାଙ୍କର ଅଭ୍ୟାସ । ଦେଶୀୟ ଓ ଇଂରାଜୀ ସକଳ ସମ୍ବାଦପତ୍ରହିଁ ବିଶେଷ ଯତ୍ନ ସହିତ ସେ ପଢନ୍ତି । ମହାରାଜଙ୍କର ସ୍ମରଣଶକ୍ତି ମଧ୍ୟ ବିଲକ୍ଷଣ ଅଟଇ ବୈଦିକ ଘଟନାବଳୀର ସମସ୍ତ ସମାଚାରହିଁ ତାହାଙ୍କର ସଂଗ୍ରହ ହୋଇଥାଏ । ଇଂରାଜୀ ରାଜନୀତିର ମଧ୍ୟ ସେ ବିଲକ୍ଷଣ ପକ୍ଷପାତୀ" ।

ଆମ୍ଭେମାନେ ଏ ଦୀର୍ଘ ସଂବାଦଟି ପ୍ରକଟିତ କରିବାର ତାତ୍ପର୍ଯ୍ୟ ଏହି ଯେ କେତେଗୁଣରେ ଭୂଷିତ ହେଲେ କେହି ପ୍ରକୃତରୂପେ ରାଜପଦର ଯୋଗ୍ୟ ହୁଅଇ ତାହା ଓଡ଼ିଶାରେ ଯେଉଁମାନେ ରାଜା ନାମର ଅଭିମାନ କରନ୍ତି ସେମାନେ ସୂଚିତରେ ବିଚାରନ୍ତୁ ଟ୍ରିବାଙ୍କୁରର ମହାରାଜଙ୍କ ପରି ବିବିଧଗୁଣମାନ ଅର୍ଜନ କରିବାର ଚେଷ୍ଟିତ ଥାଉ ଏଠାର ଅନେକରାଜା ଆପଣା ନାମସୁଦ୍ଧା ସ୍ୱାକ୍ଷର କରିବାକୁ ଅତି କଷ୍ଟକର କାର୍ଯ୍ୟ ଜ୍ଞାନ କରନ୍ତି । ଏମାନଙ୍କ ସମସ୍ତ କେବଳ ପିଲା ଖେଳରେ ଅତିବାହିତ ହୁଅଇ । କେହି ବା ଦେବାର୍ଚ୍ଚନ ବ୍ୟସ୍ତରେ କେହିବା ଅନ୍ତଃପୁରବାସିନୀଙ୍କ ସଙ୍ଗରେ ଓ କେହିବା ନାନାପ୍ରକାର ଅସାର କ୍ରୀଡ଼ାରଙ୍ଗରେ କାଳ ହରଣ କରନ୍ତି । ରାଜକାର୍ଯ୍ୟ ବୁଝିବାର ଶକ୍ତି ଓ ଇଚ୍ଛା କେବଳ ଦୁଇ ଚାରି ଜଣ ରାଜାଙ୍କର ଥିବାର ଶୁଣାଯାଏ । ପୂର୍ବେ ରାଜାଙ୍କର ସ୍ୱଭାବ ଏପରି ନ ଥିଲା ଓ ସେହି ହେତୁରୁ ସେମାନେ ରାଜ୍ୟ ସ୍ଥାପନ କରି ରାଜପଦର ମର୍ଯ୍ୟାଦା ରକ୍ଷା କରିଥିଲେ । ରାଜାସଭାରେ ସର୍ବପ୍ରକାର ପଣ୍ଡିତ ଓ ଗୁଣିବ୍ୟକ୍ତିମାନେ ରହିବାର ଅବଶ୍ୟକତା ପୂର୍ବ ରାଜାମାନେ ଅନୁଭବ କରିଥିବାରୁ ବେଦାନ୍ତ, ସାହିତ୍ୟ, ସଙ୍ଗୀତ, ଜ୍ୟୋତିଷ ଚିକିତ୍ସାଶାସ୍ତ୍ର ଶସ୍ତ୍ରବିଦ୍ୟା ଇତ୍ୟାଦିରେ ପଣ୍ଡିତବ୍ୟକ୍ତିମାନଙ୍କୁ ଭୂମିଦାନ ଦେଇ ସ୍ୱ ରାଜ୍ୟରେ ସ୍ଥାପନ କରିଥିଲେ ଅବଶ୍ୟ ସେ ସବୁ ପୁରୁଷାନୁକ୍ରମେ ଭୋଗ ହୋଇ ଆସୁଅଛି ମାତ୍ର ରାଜାମାନେ ବିଦ୍ୟାଶୂନ୍ୟ ହେବାରୁ ଆଉ ସେମାନଙ୍କ ରାଜ୍ୟରେ ଗୁଣବାନବ୍ୟକ୍ତି ମଧ୍ୟ ନେଉ ନାହାନ୍ତି । ବର୍ତ୍ତମାନ ଗଡ଼ଜାତରେ ସବୁ ବିଦ୍ୟା ପ୍ରାୟ ଲୋପ ହୋଇ ଅଛି ବୋଇଲେ ଅତ୍ୟୁକ୍ତି ହେବ ନାହିଁ ଓ ଏମାନଙ୍କପରିବର୍ତ୍ତରେ କେବଳ ଚାଟୁକାରମାନେ ରାଜସଭାକୁ ବେଢି ରହି ଅଛନ୍ତି କେବେ ଓଡ଼ିଶାର ରାଜାମାନଙ୍କର ସଦ୍‌ଜ୍ଞାନ ଜନ୍ମିବ ।

## ସାପ୍ତାହିକ ସଂବାଦ ।

ଶ୍ରୀଯୁକ୍ତ ବିମସ୍ ସାହେବ କଲେକ୍ଟର କଲିକତା ଯିବାପାଇଁ ଛୁଟୀ ନେଇଥିଲେ ମାତ୍ର ଯିବାର ହେଲା ନାହିଁ । ଶୁଣାଯାଏ ଯେ ଯୁବରାଜଙ୍କର ଆଗମନ ଉପଲକ୍ଷରେ କଲିକତାରେ ଭାରି ସମାରୋହ ହେବାରୁ ପ୍ରଜାଙ୍କର ସବୁପ୍ରକାର ଅସୁବିଧା ଘଟିଅଛି । ଖାଦ୍ୟ ଓ ଘର ଓ ଗାଡ଼ିର ମୂଲ୍ୟ ଅତ୍ୟନ୍ତ ବଢିଅଛି ।

ଏଠାରେ ଯେଉଁ ତେଲଙ୍ଗାପଲଟନ ଅଛି ଇଜାନଗରକୁ ବଦଳ ହେଲା ଗତ କାଲି ପୀଡିତ ସିପାହୀ ଏ ନଗରରୁ ପ୍ରସ୍ଥାନ କଲେ । ଚଳିତ ମାସ ତା ୨୧ ରିଖେ ଅଧେ ପଲଟନ ଯିବାର କଥା ଅଛି ।

ପୁରୀର ନୂତନ କଲେକ୍ଟର ଏଫ୍, ଜି, ମିଲଟ ସାହେବ ଗତ ବୁଧବାର ଏନଗରରେ ପହଁଚିଥିଲେ ପୁରୀରେ ପହଞ୍ଚି କାର୍ଯ୍ୟଭାର ଗ୍ରହଣ କରିଥିବେ । ଶ୍ରୀଯୁକ୍ତ ହ୍ୱିବନ୍ସ ସାହେବ ଏଠାକୁ ଫେରି ଆସିଅଛନ୍ତି ।

ଖୋରଧାର ଡେପୁଟୀ କଲେକ୍ଟର ଶ୍ରୀଯୁକ୍ତ ଟେଲର ସାହେବ ବନ୍ଦୋବସ୍ତ କର୍ମରେ ନିଯୁକ୍ତ ହେବାରୁ ଶ୍ରୀଯୁକ୍ତ ରିବସ୍ ସାହେବ ଅସିଷ୍ଟାଣ୍ଟ କଲେକ୍ଟର ଭାରପ୍ରାପ୍ତ ହୋଇଅଛନ୍ତି ।

ଆଗାମୀ ସପ୍ତାହରୁ ରେବନ୍ସ ସାହେବଙ୍କର ବାର୍ଷିକ ପରିଭ୍ରମଣ ଆରମ୍ଭ ହେବ । ଶ୍ରୀଯୁକ୍ତ କଲେକ୍ଟର ସାହେବ ଚଳିତ ମାସ ତା ୭ ରିଖରେ ତାଲଯୋଡା ଦିଗକୁ ଯାତ୍ରା କରିବେ । ଶ୍ରୀଯୁକ୍ତ କମିଶନର ସାହେବ ତା ୮ ରିଖରେ ଗଡଜାତକୁ ଯାତ୍ରା କରିବେ ଓ ବାବୁ ହରେକୃଷ୍ଣ ଦାସ ଅସିଷ୍ଟାଣ୍ଟ ମଧ୍ୟ ସେହି ଅଞ୍ଚଳକୁ ତା ୭ ରିଖରେ ଯିବେ । ଜଜ ସାହେବ ପ୍ରାୟ ଏକସପ୍ତାହ ସକାଶେ ଅଦ୍ୟ ବାଲେଶ୍ୱରକୁ ଦୌରା ନିମିତ୍ତ ଯିବେ । ଏରୂପେ ଦେଖାଯାଏ ଯେ ଆଗାମୀ ସପ୍ତାହରେ ବଡ ହାକିମମାନେ କେହି ସହର ମଧ୍ୟରେ ରହିବେ ନାହିଁ ।

ହେନରିଫେରର ନାମରେ ଜଣେ ନୂତନ ସିଭିଲୟାନ କଟକଜିଲାର ସଦରମୁଦାକର ଅସିଷ୍ଟାଣ୍ଟ କଲେକ୍ଟର ପଦରେ ନିଯୁକ୍ତ ହୋଇଅଛନ୍ତି ।

ଗତମାସରେ ବଙ୍ଗଳାର ଲେପ୍‌ଟନେଣ୍ଟ ଗବର୍ଣ୍ଣର କଲିକତାର ଅନେକ ଦେଶୀୟ ଭଦ୍ରଲୋକଙ୍କୁ ଆମନ୍ତ୍ରଣ କରି ଜାହାଜରେ ବସାଇ ନଦୀରେ ପରିଭ୍ରମଣ କରୁଥିଲେ । ସାର୍ ଟେମ୍ପଲ ସାହେବ ଦେଶୀୟ ଲୋକଙ୍କ ସଙ୍ଗରେ ମିଶିବାର ଭଲ ଉପାୟ ଜାଣନ୍ତି ଓ ତାହାଙ୍କର ସୁନ୍ଦର ବ୍ୟବହାର ଆମନ୍ତ୍ରିତ ବ୍ୟକ୍ତିମାନେ ବଡ଼ ସୁଖ ଭୋଗ କରିଥିଲେ ।

ଯୁବରାଜଙ୍କ ଅଭ୍ୟର୍ଥନା ସମ୍ପର୍କରେ ବମ୍ବେନଗରେ ଯେଉଁ ବାଣସବୁ ପୋଡାଗଲା ତାହା

Digitized by srujanika@gmail.com

ଦେଖିବାକୁ ଅତି ସୁନ୍ଦର ଓ ନୂଆପ୍ରକାରର ହୋଇଥିଲା ବୋଲି ଷ୍ଟେଟ୍ସମାନ ସମ୍ବାଦପତ୍ରରେ ପ୍ରଶଂସା ଦେଖାଯାଏ । ବୃତ୍ତକ୍ଷ୍ମାନ ଏସବୁ ବାଣ ପ୍ରସ୍ତୁତ କରିଥିଲେ ତାହାଙ୍କର ବଳ ସୁଖ୍ୟାତି ହୋଇଅଛି । ସବୁ ନଗରବାଣ ପୋଡବା ଦେଖାଗଲେ ତୁଳନା କରିବାର ସୁଯୋଗ ହେବ । ଅନ୍ୟ ସମ୍ବାଦପତ୍ରରେ ଏଥିର ନିନ୍ଦା ଅଛି ।

ବମ୍ବେଇରେ ଲୁଗା ବୁଣିବାର ଅନେକ କଳ ବସିଅଛି । ଏ କଳର ଅଧିକାରିମାନେ ସୁତାର ଧୋତି ସମ୍ପ୍ରତି ପ୍ରସ୍ତୁତ କରାଇଅଛନ୍ତି ଯେ ତହିଁର ଧଡିରେ ଯୁବରାଜଙ୍କର ଶୁଭାଗମନ ବିଷୟକ ପଦ୍ୟ ଗୁଜରାଟି ଭାଷାରେ ବାହାରିଅଛି । ଲୋକେ ବଡ କୌତୁକୀ ହୋଇ ଏ ଲୁଗା କିଣୁଅଛନ୍ତି ।

କଲିକତାର ସାପ୍ତାହିକ ବାଣିଜ୍ୟ ବିଜ୍ଞାପନୀରୁ ଜଣାଯାଏ ଯେ ତୈଳଜମାନୀର କାରବାର ଆଜିକାଲି କିଛି ଅଧିକ ପରିମାଣରେ ଲାଗିଅଛି ତହିଁମଧ୍ୟରେ ସୋରିସଁାର ମହାଜନଙ୍କର ଅଧିକ ଆଗ୍ରହ ଦେଖାଯାଏ ।

କଲିକତାରେ ଦେଶୀୟ ଲୋକମାନେ ଯୁବରାଜଙ୍କୁ ବେଲଗାଛିଆ ବଗିଚାରେ ଅଭ୍ୟର୍ଥନା [illegible] ସ୍ଥିର କରିଅଛନ୍ତି ସେଠାରେ ଗୋଟିଏ ଅତି ବୃହତ ଅଟ୍ଟାଳିକା ପ୍ରସ୍ତୁତ ହେଉଅଛି ଯେ ତହିଁରେ ଅନ୍ୟୂନ ୨୫୦୦ ଲୋକଙ୍କର ସ୍ଥାନ ହେବ ।

## ପ୍ରେରିତପତ୍ର ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ଅମ୍ଭେମାନେ ଉତ୍କଳଦୀପିକାରୁ ଅବଗତ ହେଲୁଁ ଯେ କଟକର ତହସିଲଦାର ଶ୍ରୀଯୁକ୍ତ ବାବୁ ଦୀନବନ୍ଧୁ ପଟ୍ଟନାୟକ ମହାଶୟଙ୍କୁ ଗବର୍ଣ୍ଣମେଣ୍ଟରୁ ରାୟବାହାଦୁର ପଦ ମିଳିଅଛି । ଏହା ଅମ୍ଭମାନଙ୍କର ଆନନ୍ଦର ବିଷୟ । ଓଡିଆ କର୍ମଚାରୀମାନଙ୍କ ମଧ୍ୟରେ ଏପରି ପଦ ଅତି ବିରଳ । ତହିଁରେ ଯେ ଉକ୍ତ ମହାଶୟ ଉତ୍ତମ କାର୍ଯ୍ୟ କରିବାରୁ ମାନ୍ୟବର ଗବର୍ଣ୍ଣମେଣ୍ଟ ତାହାଙ୍କୁ ଉପାଧି ଦେଇଅଛନ୍ତି ଏଥିରେ ଅମ୍ଭେମାନେ ବାବୁ ମହାଶୟଙ୍କୁ ଧନ୍ୟବାଦ ନ ଦେଇ କ୍ଷାନ୍ତ ହୋଇ ନ ପାରୁଁ । ଯେତେବେଳେ ଏହି ମାଲି ପ୍ରଦେଶରେ ନରବଳୀ ପ୍ରଥା ଚଳୁଥିଲା, ଯେତେବେଳେ ପ୍ରଜା ବିଦ୍ରୋହ ଏହି ସ୍ଥାନରେ ଏବଂ ଏହାର ନିକଟବର୍ତ୍ତୀ ସ୍ଥାନରେ ଲାଗିଥିଲା । ସେତେବେଳେ ଏହି ମହାଶୟଙ୍କ ଚାକିରିରୁ ଗବର୍ଣ୍ଣମେଣ୍ଟଙ୍କର ଅନେକ ଉପକାର ସାଧିତ ହୋଇଅଛି । ଏହି ସ୍ଥାନରେ ବିଦ୍ୟାର ନାମମାତ୍ର ଜଣା ନ ଥିଲା । ଏହାଙ୍କର ଆବେଦନରୁ କଣିପଡାରେ ଏକ ସ୍କୁଲ ସ୍ଥାପନ ହେଲା । ତଦନ୍ତରେ ଏହି ମହାଶୟ ଅବକାରୀ ଆଦାୟର ଉପାୟ ସ୍ଥିର କରି ସେହି ଆଦାୟରେ ଗୋ ୧୬ ଟି ସ୍କୁଲ ସ୍ଥାପନ କରିଅଛନ୍ତି । ପୁନଶ୍ଚ ଦେଶୀୟ ଲୋକଙ୍କୁ ନାନା କୌଶଳରେ ଉପଦେଶ ଦେବାରୁ ସେମାନେ ପଥ ପ୍ରସ୍ତୁତ ନିମନ୍ତେ ଚାନ୍ଦା ଦେଉଅଛନ୍ତି । ପଥ ନିର୍ମିତ ହେବାରୁ ଯେତେ ଟଙ୍କା ଆଦାୟ ହେଉଅଛି ସେତେ ଟଙ୍କା ଗବର୍ଣ୍ଣମେଣ୍ଟ ସାହାଯ୍ୟ ଦାନ କରୁଅଛନ୍ତି । ଏହି କାର୍ଯ୍ୟ କରିବାକୁ କୌଣସି ସ୍ୱତନ୍ତ୍ର କର୍ମଚାରୀ ନିଯୁକ୍ତ ନାହାନ୍ତି । ତହସିଲଦାର ମହାଶୟ ସ୍ୱୟଂ ଓଭରସିଅର ପରି ବୁଲି ପ୍ରତ୍ୟେକ ସ୍ଥଳ ଓ ଅଉଟପୋଷ୍ଟଠାରୁ ପଥ ନିର୍ମାଣ କରାଉଅଛନ୍ତି । ଧୂମୁସର, ଗୋମୁଣ୍ଡି ଉଦୟପୁର ଓ ବୌଦର ବାଟ ସହିତ କଟକର ବାଟ ସମ୍ମିଳନ କରାଇବାର ଉପାୟ ସ୍ଥିର କରିଅଛନ୍ତି । ଏହି ଦେଶର ଲୋକ ଯେପରି ଏହି ବିଦ୍ୟା ପ୍ରାପ୍ତ ହୋଇ କାର୍ଯ୍ୟ କରନ୍ତି ସେପରି ଯତ୍ନ କରିଅଛନ୍ତି । ସ୍କୁଲମାନଙ୍କର କିପରି ଉନ୍ନତି ହେବ ଇନସ୍ପେକ୍ଟରଙ୍କ ପରି ତାହାର ନାନାବିଧ ଉପାୟ ଅବଲମ୍ବନ କରୁଅଛନ୍ତି । କଣିପଡାଠାରେ ଏକ ହାଟ ବସାଇ ଅଛନ୍ତି । ଅନ୍ୟାନ୍ୟ ସ୍ଥାନରେ କିପରି ହାଟ ନିର୍ମିତ ହେବ ତାହାର ଉପାୟ ସ୍ଥିର କରୁଅଛନ୍ତି । ଏହିସବୁ କାର୍ଯ୍ୟ ଦେଖି ଶୁଣି ଉତ୍କଳ ମହାଲେସ, ଦୟାବାନ୍ ଗଡଜାତର ସୁପରିଣ୍ଟେଣ୍ଡେଣ୍ଟ ମହାଶୟ ତାହାଙ୍କୁ ଉତ୍ସାହ ଦେବାରେ ଯତ୍ନ କରୁଅଛନ୍ତି । ଏଥିରୁ ଅମ୍ଭେମାନେ ଅନୁମାନ କରିଥିଲୁଁ ଅବଶ୍ୟ ଏହି ମହାଶୟଙ୍କର ବେତନ ବର୍ଦ୍ଧିତ ହେବ । ମାନ୍ୟବର ଗବର୍ଣ୍ଣମେଣ୍ଟ ତାହା ( ରାୟବାହାଦୁର ) ବାକ୍ୟରେ ପୂର୍ଣ୍ଣ କରିଅଛନ୍ତି କି ଅବଶିଷ୍ଟ ଅଛି ତାହା ଜଣା ଯାଉ ନାହିଁ । ଯଦି ଅବଶିଷ୍ଟ ଥାଏ ତେବେ ଗବର୍ଣ୍ଣମେଣ୍ଟଙ୍କର ଉତ୍ସାହ ଦାନକୁ ପ୍ରକୃତ ଦାନ ବୋଲାଯିବ । କାରଣତ ଅସଭ୍ୟ ଜାତିଙ୍କୁ ଉତ୍ତମମାର୍ଗରେ ଆଣିବା ନିମିତ୍ତ ଗବର୍ଣ୍ଣମେଣ୍ଟରୁ ଅନ୍ୟାନ୍ୟ ସ୍ଥାନରେ ଲକ୍ଷ ୨ ଟଙ୍କା ବ୍ୟୟ ହେଉଅଛି । ଏସ୍ଥାନରେ ବାର୍ଷିକ ହଜାର ବା ବାରଶତ ଟଙ୍କା ଜଣେ କର୍ମଚାରୀ ପ୍ରତି ବ୍ୟୟ ହେଲେ ଯଦି କାର୍ଯ୍ୟସବୁ ଉପରେ ୨ ସାଧିତ ହେବ ତେବେ ବଡ ସୁଖକର ଅଟେ ।

ଶ୍ରୀ ବ, ପଟ୍ଟନାୟକ ।
ଶ୍ରୀ ବ, ମହାନ୍ତି ।


## JUST PUBLISHED.

### A PRACTICAL HAND-BOOK OF THE URIYA OR ODIYA LANGUAGE,

BY T. J. MALTBY, Esq., MADRAS C. S.

THE Book is intended to illustrate the URIYA language in the order of its importance, viz., in its colloquial, epistolary, and literary styles, and although primarily intend for foreigners learning URIYA, it is hoped that it will at the same time prove of assistance to URIYAS learning ENGLISH.

The Book consists of the following parts:—

PART I.—Containing INTRODUCTION, the URIYA alphabet clearly explained, and a short grammar of the language.

PART II.—DIALOGUES in ENGLISH, URIYA, and ROMAN upon the subjects of CULTIVATION, CUTCHERY, READING, and WRITING, RIDING, SHOOTING, TRAVELLING, and MISCELLANEOUS.

PART III.—URIYA DEPOSITIONS in ENGLISH and ROMANIZED URIYA.

PART IV.—URIYA official letters in ENGLISH and ROMANIZED URIYA.

PART V.—Containing the NITI KOTHA, a short collection of MORAL FABLES in ROMANIZED URIYA, together with English translation; also useful official terms, and the URIYA NUMERALS.

The whole is made as easy as possible, and the two first parts of the book (Introduction excepted) are in ENGLISH URIYA, and ROMANIZED URIYA, so as to assist the learner as much as possible in mastering the language, and removing any difficulties that he might otherwise meet with.

—o—

Price Bound in full cloth Rs. 5
Postage As. 8

„ For schools and students ordering 6 copies or more at a time. Bound in paper covers @ Rs. 2—8 post free.

WYMAN & Co. PUBLISHERS
*Hare street Calcutta.*


ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭ° ୧୦ମ
ସ° ୪୯ସଂଖ୍ୟା

ତା ୧୧ରିଖ ଡିସମ୍ବର ସନ ୧୮୭୫ ମସିହା । ମୂ । ମାର୍ଗଶିର ବ ୧୭ଦିନ ସନ ୧୨୮୩ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ୪
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫୬
ମଫସଲ ପାଇଁ ଡାକମାସୁଲ ୫୧୪

ଶ୍ରୀଯୁକ୍ତ କମିଶନର ସାହେବ ଚଳିତ ମାସ ତା ୮ ରିଖରେ ଗଡଜାତ ଗସ୍ତକୁ ବାହାରିବାର ସ୍ଥିର କରିଥିଲେ ମାତ୍ର ଅଠଗଡରେ ଓଲାଉଠା ରୋଗ ପ୍ରବଳ ହେବାରୁ ସେ ଦିନ ଯାଇ ନ ପାରି ଚଳିତ ମାସ ତା ୧୫ ରିଖରେ ବାହାରିବାର ନିଶ୍ଚୟ କରିଅଛନ୍ତି । ଓଲାଉଠା ରୋଗ କେବଳ ପ୍ରିନ୍ସ ଅବ୍ ୱେଲ୍ସଙ୍କ ଭ୍ରମଣପକ୍ଷରେ ସଂଶୟ ଜନ୍ମାଇ ନାହିଁ ସ୍ଥାନୀୟ ହାକମଙ୍କର ମଧ୍ୟ ଗତରୋଧ କରୁଅଛି । କି ଆଶ୍ଚର୍ଯ୍ୟ । ଏ ବର୍ଷ କି ଓଲାଉଠା କମିଶନରଙ୍କୁ ଯିବା ଅବସର ଦେବ ନାହିଁ ?

---

ଯୁବରାଜଙ୍କ ଦର୍ଶନ ସକାଶେ ଏ ନଗରର କେତେକ ଜଣ ଭଦ୍ରଲୋକ କଲିକତାକୁ ଯିବାକୁ ଉଦ୍ୟମ କରୁଅଛନ୍ତି । ଆଗାମୀ ସପ୍ତାହରୁ ଯିବାର ଆରମ୍ଭ ହେବ । ଇଂରାଜ ହାକମ କେହି ଯିବାର କଥା ନାହିଁ । ଦେଶୀୟ ହାକିମଙ୍କ ମଧ୍ୟରେ ବାବୁ ଜଗନ୍ମୋହନ ରାୟ, ଅନ୍ନଦାପ୍ରସାଦ ଘୋଷ ଓ ମୌଲବୀ ଅବଦୁଲ୍ କାଦର ଯିବାର ସ୍ଥିର କରିଅଛନ୍ତି । ଜମିଦାରଙ୍କ ମଧ୍ୟରେ କେବଳ ଗୋଲକ ବାବୁ ଯିବେ ବୋଲି ଶୁଣାଯାଏ । ଶ୍ରୀଯୁକ୍ତ କମିଶନର ସାହେବଙ୍କ ଓଡ଼ିଆ ଜମିଦାର କେହି ଯାଉ ନାହାନ୍ତି । ଏମାନଙ୍କର ଏ ସବୁ ବିଷୟରେ ଉତ୍ସାହ ନାହିଁ ଏବଂ ବିଦେଶରେ ପରିଚିତ ହୋଇ ସଭ୍ୟ ହେବାକୁ ମଧ୍ୟ ଯତ୍ନ ନାହିଁ । ରାଜାମାନଙ୍କର ଯିବାର କଥା ଥିଲା ମାତ୍ର କମିଶନର ସାହେବଙ୍କ ଚଠିର ପ୍ରତ୍ୟୁତ୍ତର ଅବଶ୍ୟ ଆସି ନାହିଁ ଓ ଏଣିକି ଆସିଲେ ରାଜାମାନଙ୍କ ଯିବା ପକ୍ଷରେ କତ ସନ୍ଦେହ କାରଣ ଏମାନେତ ଡାକ ବା ଜାହାଜରେ ଯିବେ ନାହିଁ ଓ ସଡକବାଟରେ ଯିବାକୁ ଦଶ ଦିନରୁ ଊଣା ଲାଗିବ ନାହିଁ ଏଥକୁ ସମ୍ବାଦ ପାଇଁ କେତେ ଦିନ ବିଳମ୍ବ ହୋଇଯିବ ।

---

କଟକ କଲେକ୍ଟରୀରେ ଡେପୁଟି ମୋହରରୀ କର୍ମ ଖାଲି ହେବାରୁ କଲେକ୍ଟର ସାହେବ ସେଥିରେ ଜଣେ ଉମେଦୱାରଙ୍କୁ ନିଯୁକ୍ତ କରିଥିଲେ କିନ୍ତୁ କମିଶନର ସାହେବ ସେମାନଙ୍କୁ ମନୋନୀତ ନ କରିବାରୁ କଲେକ୍ଟର ସାହେବ ଲୋକଲଫଣ୍ଡର ମୋହରରଙ୍କୁ ସେଥିରେ ନିଯୁକ୍ତ କରି ଉମେଦୱାରଙ୍କୁ ଲୋକଲଫଣ୍ଡରେ ରଖିଲେ । କମିଶନର ସାହେବ ଏ ବନ୍ଦୋବସ୍ତକୁ ମଧ୍ୟ ମନୋନୀତ ନ କରି ଉତ୍କଳଭାଷାରେ ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରଙ୍କୁ ନିଯୁକ୍ତ କରିବାର ଆଦେଶ କଲେ । ତଦନୁସାରେ ଲୋକଲଫଣ୍ଡ କର୍ମରେ ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ର ନିଯୁକ୍ତ କରିବାକୁ କଲେକ୍ଟର ସାହେବ ସ୍ଥିର କରିଅଛନ୍ତି । ଏଦେଶରେ ଲୋକେ ଚାକରୀ ଆଶାରେ ଶିକ୍ଷା କରନ୍ତି ଶିକ୍ଷିତ ଲୋକଙ୍କୁ ସରକାରୀ କର୍ମରେ ନିଯୁକ୍ତ କଲେ ଶିକ୍ଷାର ଉନ୍ନତି ହେବ ମଧ୍ୟ ଅଶିକ୍ଷିତ ଉମେଦୱାର ଅପେକ୍ଷା ଶିକ୍ଷିତ ବ୍ୟକ୍ତି ଅଧିକତ୍ତମରୂପେ କର୍ମ କରିବାର ସମ୍ଭାବନା । କମିଶନର ସାହେବ ଯେ ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରଙ୍କ ଉପରେ ସୁଦୃଷ୍ଟି ନିକ୍ଷେପ କରିଅଛନ୍ତି ଏତତ୍ସୁଖର ଓ ପ୍ରଶଂସାର ବିଷୟ ଅଟେ । ଆମ୍ଭେମାନେ ଭରସା କରୁଁ ଯେ ସେ ଓ ସମସ୍ତ କର୍ମଚାରୀମାନେ [illegible] ଲୋକଙ୍କ ଉପରେ ଏହିପରି ସୁଦୃଷ୍ଟି ସର୍ବଦା ରଖନ୍ତୁ ତାହା ହେଲେ ବିଦ୍ୟାଶିକ୍ଷା ଓ ଦେଶର ଉନ୍ନତି ହେବାର ବିଶେଷ ସମ୍ଭାବନା ।

---

ଯୁବରାଜ ଲଙ୍କାରୁ ପ୍ରତ୍ୟାଗମନ କରିବାର ସମ୍ବାଦ ଅବଶ୍ୟ ଆସି ନାହିଁ । ଯୁବରାଜ ଗତ ମାସ ତା ୨ ରିଖ ଅପରାହ୍ଣରେ ଲଙ୍କାରେ ପହୁଞ୍ଚିଲେ । ସମୁଦ୍ରକୂଳରେ ଅନେକ ଲୋକ ତାହାଙ୍କ ଦର୍ଶନ ନିମିତ୍ତ ଉପସ୍ଥିତ ଥିଲେ । ଯୁବରାଜ କୂଳରେ ପ୍ରବେଶ ହେଲା ଉତ୍ତାରୁ ସେଠାର ମିଉନିସିପଲ ସଭା ଓ ବ୍ୟବସ୍ଥାପକ ସଭା ଅଭିନନ୍ଦନପତ୍ରମାନ ତାହାଙ୍କୁ ଅର୍ପଣ କଲେ ଓ ସେ ତହିଁର ମୌଖିକ ଉତ୍ତର ପ୍ରଦାନ କଲେ । ନଗରବାସିମାନେ ନାନାପ୍ରକାର ବାଦ୍ୟ ପଦାଧାନପୂର୍ବକ ଅତି ଆନନ୍ଦିତ ହୋଇ ସଡ଼କରେ ଭ୍ରମଣ କରି ବୁଲୁଥିଲେ ଓ ରାଜକୁମାର ଯେଉଁ ବାଟରେ ଲଙ୍କାର ଗବର୍ଣ୍ଣରଙ୍କ ଘରକୁ ବିଜେ କଲେ ସେ ବାଟରେ ଅନେକ ସୁନ୍ଦର ଓ ଚିତ୍ର ବିଚିତ୍ର ଫାଟକମାନ ନିର୍ମାଣ ହୋଇଥିଲା ଓ ଫୁଲତୋରଣମାନ ଝୁଲୁଥିଲା ରାଜକୁମାର ତାହାଙ୍କର ଅଭ୍ୟର୍ଥନାର ଆୟୋଜନ ଦେଖି ଅତ୍ୟନ୍ତ ସନ୍ତୋଷ ପ୍ରକାଶ କଲେ ମୋଙ୍ଗସଲ୍ବରୁ ଏଡେଲୋଲ ସହର

Digitized by srujanika@gmail.com

Split by PDF Splitter 216



ଆସି ଜମା ହୋଇଥିଲେ ଯେ ଖଣ୍ଡେ ବସିବା ସ୍ଥାନ ମିଳିବାର କଠିନ ହୋଇଥିଲା । ସେହିଦିନ ରାତ୍ରରେ ରୋଷନାଇ ଓ ବାଜିଙ୍କର ସମାରୋହ ହୋଇଥିଲା । ତା ୪ ରିଖରେ ରାଜକୁମାର କଲୋମ୍ବୋ ନଗରଦେଇ ହାତୀ ଶିକାର କରିବାକୁ ଗଲେ ଓ ତହିଁ ଉତ୍ତାରୁ ସେଠାର ଆଉ ସବୁ ଦର୍ଶନଯୋଗ୍ୟ ବସ୍ତୁମାନ ଦେଖି ବୁଲୁଅଛନ୍ତି । ମାନ୍ଦ୍ରାଜ ହତାରେ ଓଲାଉଠାରୋଗ ଅବଧି ପ୍ରବଳ ଥିବାରୁ ସେଠାକୁ ବିଜେମାନ ହେବେ କି ନାହିଁ ଅବଧି ନିଶ୍ଚୟ ହୋଇ ନାହିଁ ଓ ଲଙ୍କାରୁ କେଉଁଦିନ ବାହାରିବାର ସ୍ଥିର ହୋଇଅଛି ଅବଧି ଜଣାଯାଇ ନାହିଁ ।

---

ବାଲେଶ୍ବରର ସମ୍ବାଦମାନଙ୍କରେ ଦେଖାଗଲା ଯେ ସେଠା ଜମିଦାରମାନେ ପଟୁଆରୀ ଆଇନ ଯେଉଁ ବଡ ଅନ୍ଦୋଳନ କରୁଅଛନ୍ତି ଓ ବୋଧ ହୁଏ ଉପଯୁକ୍ତ କର୍ମଚାରୀଙ୍କ ନିକଟରେ ତହିଁର ଆବେଦନ କରିବେ । ଜମିଦାରମାନେ ବୋଲନ୍ତି ଯେ ପଟୁଆରୀ ଯେଉଁଠାରେ ନିଯୁକ୍ତ ଅଛି ସେଠାରେ ସେ ଆପଣାକର୍ମ କରୁ ତହିଁରେ ଆପତ୍ତି ନାହିଁ କିନ୍ତୁ ଯେସ୍ଥଳେ ପଟୁଆରୀ ନିଯୁକ୍ତ ନାହିଁ ସେସ୍ଥଳେ ଜମିଦାର ସେ କାର୍ଯ୍ୟ କାହିଁକି କରିବ ଅଥବା ଭିନ୍ନ ପଟୁଆରୀ ରଖି ତାହାର ବେତନ କାହିଁକି ଦେବ ? ପଟୁଆରୀଦ୍ବାରା ଜମିଦାରମାନଙ୍କର କିଛି ଉପକାର ହେବାର ନାହିଁ ଓ ହେଉ ନାହିଁ କେବଳ ଗବର୍ଣ୍ଣମେଣ୍ଟଙ୍କର ଆପଣା ପ୍ରୟୋଜନ ସାଧନ ସକାଶେ ସେମାନଙ୍କୁ ନିଯୁକ୍ତ କରିବାର ପ୍ରସ୍ତାବ ହୋଇଅଛି ଓ ଯେଉଁଠାରେ ପଟୁଆରୀ ଜାଗିର ଦିଆ ଯାଇଅଛି ସେଠାରେ ସରକାର ଓ ଜମିଦାର ଉଭୟଙ୍କୁ କ୍ଷତି ସହିବାକୁ ହୋଇଅଛି । ଏମନ୍ତ ସ୍ଥଳରେ ଏବା ଜମିଦାରମାନେ କାହିଁକି କେତେ ପଟୁଆରୀର ବେତନ ଦେବେ ଓ ସେମାନଙ୍କଠାରୁ ଏପରି ବେତନ ନେବା ମଧ୍ୟ ଉଚିତ ନୁହଇ । ଆମ୍ଭେମାନେ ବିବେଚନା କରୁଁ ଯେ ବାଲେଶ୍ବର ଜମିଦାରଙ୍କ ଆପତ୍ତି ଅସାର ନୁହଇ ଓ ଆମ୍ଭେମାନେ ଇଚ୍ଛା କରୁଁ ଯେ ଓଡିଶାର ସମସ୍ତ ଜମିଦାର ମିଳି ଗବର୍ଣ୍ଣମେଣ୍ଟରେ ଆପଣା ଆପତ୍ତି ଜଣାଇବାର ଯତ୍ନ କରନ୍ତୁ । ପଟୁଆରୀ କାଗଜ ଯେଉଁ ସମୟରେ ଗବର୍ଣ୍ଣମେଣ୍ଟ ନେବାକୁ ବିଧାନ କରିଥିଲେ ସେ ସମୟର ଅବସ୍ଥା ବର୍ତ୍ତମାନକୁ ବହୁତ ପରିବର୍ତ୍ତନ ହୋଇଅଛି ଓ ଓଡିଶାର ହିତାକାଙ୍କ୍ଷୀ ଶ୍ରୀଯୁକ୍ତ ରେଭେନ୍ସ ସାହେବ ଯେ ସମସ୍ତ ଯୁକ୍ତି ଗବର୍ଣ୍ଣମେଣ୍ଟରେ ପ୍ରଦର୍ଶନ କରି ଏକାଗଜ ମାତ୍ର ରହିତ କରିଥିଲେ ସେ ସବୁ ଯୁକ୍ତି ବର୍ତ୍ତମାନ ପୂର୍ବା ପ୍ରବଳ ଅଛି । ସେ ସବୁ ଯୁକ୍ତି ଅନୁସାରେ ପଟୁଆରୀ କାଗଜଦ୍ବାରା କୌଣସି ଉପକାର ନାହିଁ ଓ ଜମିଦାରଙ୍କ କାର୍ଯ୍ୟ ପ୍ରତି କିଛି ଅଟକ ରହଇ ନାହିଁ । ଗବର୍ଣ୍ଣମେଣ୍ଟ ଯେବେ ତାଲିକା ସଂଗ୍ରହ ସକାଶେ ପଟୁଆରୀଙ୍କ ସାହାଯ୍ୟ ପ୍ରୟୋଜନ କରନ୍ତି ତେବେ ସେମାନଙ୍କୁ ହାତରୁ ବେତନ ଦେଉନ୍ତୁ ।

---

## ଡକାଇତି ନିବାରଣ ।

ଗତସପ୍ତାହର କଲିକତାର ଗଜେଟରେ ବଙ୍ଗଳାରେ ଡକାଇତି ବୃଦ୍ଧି ହେବା ବିଷୟରେ ମାନ୍ୟବର ଲେପ୍ଟନେଣ୍ଟ ଗବର୍ଣ୍ଣରଙ୍କର ଗୋଟିଏ ମନ୍ତବ୍ୟ ପ୍ରକାଶ ହୋଇ ଅଛି । ଆମ୍ଭେମାନେ ତହିଁରୁ ଅବଗତ ହେଲୁଁ ଯେ ସନ୧୮୭୩ମସିହାରେ ବଙ୍ଗଳାରେ ୩୬୭ଟା ଡକାଇତି ହୋଇଥିଲା ଓ ସନ ୧୮୭୪ ମସିହାରେ ୪୭୫ଟା ଡକାଇତି ହେଲା । ଏରୂପେ ଏକବର୍ଷରେ ୧୦୦ରୁ ଅଧିକ ଡକାଇତି ବଢିଅଛି ଏବଂ ଅନ୍ୟାନ୍ୟ ବର୍ଷର ତାଲିକା ଦୃଷ୍ଟିକରି ଜଣାଯାଏ ଯେ ସନ ୧୮୭୦ ମସିହାଠାରୁ ପ୍ରତିବର୍ଷ ଡକାଇତି ମୋକଦ୍ଦମା କ୍ରମଶଃ ବଢିଆସୁଅଛି । ଏରୂପ ଘଟନା ଭଲ ନୁହଇ ଓ ଏଥିର ନିବାରଣର ଉପାୟ କରିବା ଅତ୍ୟନ୍ତ ଆବଶ୍ୟକ ଅଟେ । ଲେପ୍ଟନଣ୍ଟ ଗବର୍ଣ୍ଣର ବୋଲନ୍ତି ଯେରୂପ ଭୟଙ୍କର ଡକାଇତିମାନ ହେଉଥିଲା ବର୍ତ୍ତମାନ ସେରୂପ ନାହିଁ ମାତ୍ର ଜଣାଯାଏ ଯେ ବଦମାସ ଲୋକମାନେ ଏକସ୍ଥାନରେ ରହି ଡକାଇତି କରିବାର ସୁଯୋଗ ନ ପାଇବାରୁ ନାନାଜିଲ୍ଲାରେ ଭ୍ରମଣ କରି ଡକାଇତି କରି ବୁଲୁଅଛନ୍ତି । ହେଲେହେଁ ଏମାନଙ୍କୁ ଦମନ କରିବା ନିତାନ୍ତ କର୍ତ୍ତବ୍ୟ । ଏଥିପାଇଁ ଗବର୍ଣ୍ଣମେଣ୍ଟ କେତେଗୁଡିଏ ଉପାୟ ନିରୂପଣ କରି ଅଛନ୍ତି । ସେମାନ ଏହି ଯେ କୌଣସି ଜିଲ୍ଲାରେ ଡକାଇତି ଅଧିକ ହେଲେ ସେଠାର ମାଜିଷ୍ଟ୍ରେଟ ଓ ପୁଲିସର ଡିଷ୍ଟ୍ରିକ୍ଟ ସୁପ୍ରେଣ୍ଡ ତହିଁପାଇଁ ଦାୟୀ ଅଟନ୍ତି ଓ ସେମାନଙ୍କୁ ଏଥିର କଇଫିୟତି ଦେବାକୁ ହେବ । ଡକାଇତି ନିବାରଣ ପକ୍ଷରେ ବିହିତ ଉପାୟମାନ ଏହି କର୍ମଚାରୀମାନେ କରିବେ ଯେଉଁସବୁ ଡକାଇତ କାରାବାସରେ ଅଛନ୍ତି ସେମାନଙ୍କଠାରୁ କଳେ କୌଶଳେ ଅନୁସନ୍ଧାନ କଲେ ଅନେକ ଡକାଇତଙ୍କର ସମ୍ବାଦ ମିଳିପାରେ ଏବଂ ଯଦି କୌଣସି କଇଦୀ ଡକାଇତ ଧରାଇ ଦେଇ ପାରେ ତାହା ପକ୍ଷରେ ଗବର୍ଣ୍ଣମେଣ୍ଟ ବିଶେଷ ବିବେଚନା ମଧ୍ୟ କରିବାକୁ ପ୍ରସ୍ତୁତ ଅଛନ୍ତି । ଯେଉଁ ଗୋଏନ୍ଦାମାନେ ଡକାଇତଙ୍କର ସମ୍ବାଦ ଦେବେ ସେମାନଙ୍କୁ ଉପଯୁକ୍ତ ପାରିତୋଷିକ ଦେବାକୁ ଗବର୍ଣ୍ଣମେଣ୍ଟ ପ୍ରସ୍ତୁତ ଅଛନ୍ତି ଓ ଏଥିପାଇଁ ଗୋପନ ଭାବରେ ଗୋଟିଏ ଫଣ୍ଡ ସ୍ଥାପନ କରିବାର ଭାର କମିଶନରମାନଙ୍କୁ ଅର୍ପିତ ହୋଇଅଛି । ବଦମାସମାନଙ୍କ ଉପରେ ବିଶେଷ ଦୃଷ୍ଟି ରଖିବାପାଇଁ ଗବର୍ଣ୍ଣମେଣ୍ଟ ସ୍ଥାନୀୟ କର୍ମଚାରୀମାନଙ୍କୁ ଅନୁରୋଧ କରି ଅଛନ୍ତି । ସେମାନେ କେଉଁଠାରେ ଥାନ୍ତି କେଉଁଠାକୁ ଯିବା ଆସିବା କରନ୍ତି ଓ କିରୂପେ ତାହାଙ୍କର ଜୀବିକା ନିର୍ବାହ ହୁଅଇ ସ୍ଥାନୀୟ ହାକିମମାନେ ସର୍ବଦା ଏଥିର ଅନୁସନ୍ଧାନ ନେଉଥିବେ । ଦୁଷ୍ଟଚରିତ୍ର ବ୍ୟକ୍ତିମାନେ କାରାବାସରୁ ମୁକ୍ତ ହେଲେ ତାହାଙ୍କର ନାମ ପୁଲିସରେ ରେଜେଷ୍ଟରୀ ହୋଇ ରହିବ ଆଉ ଜିଲ୍ଲା ମଧ୍ୟରେ ଯେତେଲୋକଙ୍କୁ ପୁଲିସ ବଦମାସ ବୋଲି ଜାଣନ୍ତି ସେମାନଙ୍କର ନାମ ମଧ୍ୟ ସେହିରୂପେ ରେଜେଷ୍ଟରୀ ହୋଇ ରହିବ ଏ ସବୁ ବିଷୟରେ ତ୍ରୁଟି ହେଲେ ଭାରପ୍ରାପ୍ତ କର୍ମଚାରୀମାନଙ୍କର ବିଶେଷ ଜବାବଦିହି ହେବ ଓ ଗ୍ରାମ୍ୟ ଚୌକିଦାରଙ୍କ ଉପରେ ମଧ୍ୟ ଦୃଷ୍ଟି ରଖିବାକୁ ହେବ ଯେମନ୍ତ କି ଏମାନେ ଦିନକୁ ଚୌକିଦାର ଓ ରାତକୁ ଚୋର ନ କରନ୍ତି । ଆମ୍ଭମାନଙ୍କ ବିବେଚନାରେ ଗ୍ରାମ୍ୟ ଚୌକିଦାରଙ୍କ ଅବସ୍ଥା ଯେରୂପ ହେବାର ଉଚିତ ସେରୂପ ହୋଇ ନାହିଁ । ଚୌକିଦାରମାନଙ୍କ ଅବସ୍ଥା ଏରୂପ କରିବାର ଉଚିତ କି ଯହିଁରେ ସେମାନେ ଉପଯୁକ୍ତ ମତେ ପ୍ରତିପାଳିତ ହୋଇ ନିର୍ବିଘ୍ନରେ ଆପଣା କର୍ମ କରି ପାରନ୍ତୁ । ଯେବେ ଚୌକିଦାର କ୍ରମଶଃ କନଷ୍ଟବଲଠାରୁ ହେଡ଼କନଷ୍ଟବଲ ବା ସବଇନସପେକ୍ଟର ପର୍ଯ୍ୟନ୍ତ ପଦବୃଦ୍ଧି ପାଇବାର ନିୟମ ହେବ ଓ ସେହିଭଳି ଲୋକ ତହିଁରେ ନିଯୁକ୍ତ ହେବ ତେବେ ବୋଧେ ଡକାଇତି ଅନେକ ପରିମାଣରେ ଊଣା ହୋଇ ପାରେ । ବଦମାସଲୋକଙ୍କ ରେଜେଷ୍ଟରୀ ରଖିବା ଓ ସେମାନଙ୍କ ଉପରେ ଦୃଷ୍ଟି ରଖିବାର ଯେଉଁ ବ୍ୟବସ୍ଥା ହୋଇଅଛି ତାହା ପୂର୍ବେ ଉତ୍ତମରୂପେ ପ୍ରଚଳିତ ଥିଲା । ସେକାଳରେ ବଡ଼ ବଡ଼ ବଦମାସମାନେ ଥାନାରେ ଆସି ଶୋଉଥିଲେ ଓ ଯେଉଁ ବଦମାସମାନେ ଘରେ ରହୁଥିଲେ ପୁଲିସ ତାହାଙ୍କର ପ୍ରତିଦିନ ଖୋଜଖବର ନେଉଥିଲେ । ଏଣିକି ବୋଲିବାକୁ ହେଉଅଛି ଯେ ନୂତନ

Digitized by srujanika@gmail.com

Split by PDF Splitter



ପୁଲିସ ନିୟମ ଢ଼ିଲା ହୋଇ ପୂର୍ବର ଶୃଙ୍ଖଳାସବୁ ରହିତ ହୋଇଯିବାରୁ ଏପ୍ରକାର ଅପରାଧମାନ ବଢ଼ୁଅଛି । ପୁଲିସ ସତର୍କ ହୋଇ କାର୍ଯ୍ୟକଲେ ଅବଶ୍ୟ ଏ ସବୁ ଅପରାଧ ନିବାରିତ ହେବ ମାତ୍ର ଯେବେ ରାତ୍ରରେ ପହରା ଦେବାର ଭାର ଏକା କନଷ୍ଟେବଲ ହାତରେ ରଖି ମାଜିଷ୍ଟ୍ରେଟଠାରୁ ସବଇନସ୍ପେକ୍ଟର ପର୍ଯ୍ୟନ୍ତ କର୍ମଚାରୀମାନେ ଆପଣା ଆପଣା ଘରେ କବାଟ ଲଗାଇ ନିଦ୍ରାସୁଖ ଭୋଗ କରିବେ କନଷ୍ଟେବଲ ସୁଦ୍ଧା ଯେ ସଡ଼କପାଖ ଦୋକାନ ବା ପିଣ୍ଡାରେ ନିଶ୍ଚିନ୍ତ ହୋଇ ଶୋଇବ ଏଥିରେ ବିଚିତ୍ର କି ଅଛି ? ଫଳତଃ ପୂର୍ବପ୍ରାୟ ରୋନଗସ୍ତ ନ ହେବାରୁ ପୁଲିସ ବଡ଼ ଅଳସୁଆ ଓ ସେହି ହେତୁରୁ ଚୋରି ଡକାଇତି ଅଧିକ ହେଉଅଛି ।

---

ଅସ୍ମମାନଙ୍କର ଯାଜପୁର ସଂବାଦଦାତା ଲେଖିଅଛନ୍ତି ସେଠାରେ ଓଲଉଠା ରୋଗର ପ୍ରାୟ ବର୍ତ୍ତମାନ ଭଣା ପଡ଼ୁଅଛି କିନ୍ତୁ ଜ୍ୱରର ବିଷୟ ଅଟଇ । ସେଠାରେ ଖାଦ୍ୟଦ୍ରବ୍ୟସବୁ ସୁଲଭ ଦରରେ ମିଳୁଅଛି ମୋଟ ଚାଉଳ ଟଙ୍କାକୁ ସେ ୨୮ ର ହୋଇଅଛି । ସଂବାଦଦାତା ଲେଖିଅଛନ୍ତି ଯେ ସେ ଅଞ୍ଚଳର ଅନେକ ଲୋକ କଲିକତାରେ ରୋଷନାଇ ଦେଖିବା ନିମିତ୍ତ ରେଲବାଇ ବାଟରେ ଯିବାକୁ ମନସ୍ଥ କରିଥିଲେ ମାତ୍ର ରାଜକୁମାର ପୁନାନଗରରୁ କଲିକତାକୁ ନ ଆସି ବମ୍ବେଇକୁ ଫେରିଯିବାରୁ ଲୋକମାନେ କ୍ଷାନ୍ତ ରହିଲେ । ଏପରି ସଂବାଦ ଯାଜପୁର ବାସିମାନେ କେଉଁଠାରୁ ପାଇଲେ ଅସ୍ମେମାନେ କିଛି ସ୍ଥିର କରିପାରୁ ନାହୁଁ । କେବଳ ଏତିକି ବୋଲିଯାଇପାରେ ଯେ ସମ୍ବାଦପତ୍ର ଦ୍ୱାରା ଅଦ୍ୟାଏ ଓଡ଼ିଶାରେ କୌଣସି ଫଳ ହୋଇ ନାହିଁ । ଅସ୍ମମାନଙ୍କ ଏହି ପତ୍ରିକା ଏକ ଦଶନ୍ଧିକାଳ ଶେଷ କଲଣି ଏବଂ ଏଥିମଧ୍ୟରେ ଆଉ କେତେ ଖଣ୍ଡ ସଂବାଦପତ୍ର ଓଡ଼ିଶାରେ ବାହାରି ଲୋକଙ୍କୁ ନାନାପ୍ରକାର ସଂବାଦ ଯୋଗାଉଅଛି ମାତ୍ର ଏସବୁର ଗ୍ରାହକମଣ୍ଡଳୀ ଏମନ୍ତ ଅଳ୍ପ ଯେ ଏତାଦୃଶ ଗୁରୁତର ବ୍ୟାପାରରେ ସୁଦ୍ଧା ଲୋକଙ୍କର ଭ୍ରମ ଭାଙ୍ଗିବାର କୌଣସି ଉପାୟ ହୋଇ ନାହିଁ । କେବେ ଓଡ଼ିଶାବାସିଙ୍କର ଜ୍ଞାନଚକ୍ଷୁ ଫିଟିବ ଅସ୍ମେମାନେ ସର୍ବଦା ଏହି ଚିନ୍ତାରେ ବ୍ୟସ୍ତ ଅଛୁଁ । ଅଧୁନା ଯାଜପୁର ଅଞ୍ଚଳରେ ବାଘଗୁଡ଼ିକ ବଡ଼ ମାଡ଼ିଅଛନ୍ତି । ଅସ୍ମମାନଙ୍କର ସଂବାଦଦାତା ଉକ୍ତ ଲକ୍ଷିତରୂପେ ତହିଁର ବର୍ଣ୍ଣନ କରିଅଛନ୍ତି ଯଥା ;

ଅସ୍ମେ ପ୍ରତ୍ୟକ୍ଷ ଦେଖିଲୁଁ ପଚ୍ଛକୋଟ ଗଡ଼ରେ ବାଘ ଏକଦିନ ଦିନ ଦୁଇପ୍ରହର ସମୟରେ ଗୋଟିଏ ଗାଈକୁ ଓ ଆଉ ଏକଦିନ ଦିବସ ତୃତୀୟପ୍ରହର ସମୟରେ ଗୋଟିଏ ମାଙ୍କଡ଼ ପୁଷ୍କରିଣୀ ବନାଗ୍ରରେ ବସି ଜଳ ଖାଉଥିଲା ତାହାକୁ ନେଇଗଲା ଆଉ ସୁକିନ୍ଦା ରାଜା ଦୁଇଶ ପାଇକ ସଙ୍ଗେ ନେଇ ଗଜସାହେବଙ୍କ ସହିତ ଶିକାର କରିବା ସକାଶେ ଜଙ୍ଗଲ ମଧ୍ୟକୁ ଯାଇଥିଲେ ପାଇକମାନେ ଜନ୍ତୁମାନଙ୍କ ଗତାୟାତ ଘାଟିମାନ ଜଗି ରହିଥାନ୍ତି ଓ ପାଣ ଓ ସଅରମାନେ ବଣ ଭିତରେ ପଶି ବାଡ଼ ପିଟି ଘଉଡ଼ାଇ ଆସିବା ସମୟେ ଗୋଟିଏ ବୃହତ୍ ଭାଲୁ ଜଣେ ପାଣକୁ ପଛଭାଗରୁ ଉଠିବସି ଦୁଇତିନିଥର ନଖଦ୍ୱାରା ଫୁଟାଇଦେଲା ଓ ଅନ୍ୟ ମନୁଷ୍ୟମାନେ ଏକସରେ ତାହା ନିକଟରେ ପ୍ରବେଶ ହେବାରୁ ଭାଲୁ ଛାଡ଼ି ପଳାଇଗଲା ମନୁଷ୍ୟଟି ଅଚେତନ ହୋଇ ପଡ଼ିଥିଲା ତାକୁ ଉଠାଇ ତାହା ଘରଠାକୁ ନେଇଗଲେ ତାହାର ବଞ୍ଚିବାର ଭରସା ନ ଥିଲା ତାହା ଦେଖି ରାଜା ଓ ସାହେବ ପାଇକମାନଙ୍କ ସହିତ ଶିକାର କରିବା ପକ୍ଷରୁ ନିରାଶ ହୋଇ ଚାଲି ଆସିଲେ ବଣ ହାତିମାନେ ସ୍ୱଚ୍ଛନ୍ଦରେ ଧାନକ୍ଷେତ ଖାଇ ନଷ୍ଟ କରୁଅଛନ୍ତି ମୟୂରଭଞ୍ଜରାଜା ଅନେକ ଗୁଡ଼ିଏ ହାତୀ ଧରିଥିବାର ପ୍ରସଙ୍ଗ ଶୁଣି । ବ । ମଧୁପୁର ରାଜା ଜଙ୍ଗଲ ମଧ୍ୟରେ ଅଡ଼ା କରି ଖେଦା ଖୋଳି ହାତୀ ଧରିବାର ଉଦ୍ଯୋଗ କରୁଅଛନ୍ତି ।

## ସାପ୍ତାହିକ ସଂବାଦ ।

ଅସ୍ମେମାନେ ଶୁଣିଲୁଁ ଯେ କଟକ ଜିଲା ଅନ୍ତର୍ଗତ ସାଲେପୁରର ପୁଲିସ ରିପୋର୍ଟ କରିଅଛନ୍ତି କି । ଗ୍ରା । କହୁଣ୍ଡା । ମୌ । ମୂଳବସନ୍ତ ନିବାସୀ ଶାମ ମହାରଣାର ସ୍ତ୍ରୀ ଗତ ନବମ୍ବର ମ ସ ତା ୭୦ ରିଖରେ ସ୍ତ୍ରୀ ପୁରୁଷ ଇନ୍ଦ୍ରିୟଯୁକ୍ତ ଗୋଟିଏ ପିଲା ପ୍ରସବ କରିଅଛି ଅର୍ଥାତ୍ ସେ ପିଲାର ଲିଂ ସ୍ଥାନରେ ସ୍ତ୍ରୀ ଓ ପୁରୁଷର ଉଭୟ ଲିଙ୍ଗ ଏକତ୍ରିତ ହୋଇଅଛି । ସେ ପିଲା ଏପର୍ଯ୍ୟନ୍ତ ଜୀବିତ ଅଛି କି ନା ଜଣା ଯାଇ ନାହିଁ କି ଆଶ୍ଚର୍ଯ୍ୟ !

ଅସ୍ମମାନଙ୍କ କଲେକ୍ଟର ଶ୍ରୀଯୁକ୍ତ ଟମସ୍ ସାହେବ ମୋଫସଲ ଗସ୍ତ ସକାଶେ ଗତ ଗୁରୁବାର ଏ ନଗରରୁ ଯାତ୍ରା କରିଅଛନ୍ତି ।

ଦର୍ପଣରୁ ଅବଗତ ହେଲୁଁ ଯେ ବାଲେଶ୍ୱର ବାସିଙ୍କ ମଧ୍ୟରୁ ବାବୁ ଜଗନ୍ନାଥପ୍ରସାଦଗ୍ରୁପ୍ତ ବାବୁ ଶ୍ରୀରାମଚନ୍ଦ୍ର ବନ୍ଦ୍ୟାରହି ବାବୁ ବୈକୁଣ୍ଠନାଥ ଦେ ଓ ବାବୁ ନିମାଇଚରଣ ବୋଷଙ୍କୁ ରାଜକୁମାରଙ୍କ ଦରବାରରେ ଉପସ୍ଥିତ ହେବାପାଇଁ ଗବର୍ଣ୍ଣମେଣ୍ଟ ଅମନ୍ତ୍ରଣ କରି ଅଛନ୍ତି । ଶେଷଲକ୍ଷିତ ଦୁଇ ମହାଶୟ ଜମିଦାର ଓ ଅବୈତନିକ ମାଜିଷ୍ଟ୍ରେଟ ଅଟନ୍ତି ।

ବାବୁ ଶ୍ୟାମାନନ୍ଦଦେ ରାୟବାହାଦୁରଙ୍କ ଦାନ ଟ ୫୦୦୦ ଙ୍କାରେ ଛାତ୍ରବୃତ୍ତି ସ୍ଥାପନ ହେବାର ସଂବାଦ ଅସ୍ମେମାନେ ଏଥିପୂର୍ବେ ଲେଖିଥିଲୁଁ । ଉକ୍ତ ବୃତ୍ତି "ପ୍ରିନସ୍ ଅବ ୱେଲସ୍" ନାମରେ ଖ୍ୟାତ ହେବ ଓ ଏହାଦ୍ୱାରା ଯୁବରାଜଙ୍କ ଭାରତବର୍ଷକୁ ଶୁଭାଗମନ ବିଷୟ ଓଡ଼ିଶାରେ ଚିରସ୍ମରଣୀୟ ହେବ । ଓଡ଼ିଶାର ଆଉ କୌଣସି ଜମିଦାର କି ଏରୂପ କିଛି ରାଜଭକ୍ତି ପ୍ରଦର୍ଶନ କରିବେ ନାହିଁ ?

ପତ୍ରୀରୁ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି କାର୍ତ୍ତିକ ଶୁକ୍ଳସପ୍ତମୀ ଦିନ ଯେ ପରି ଶାସନୀ ବ୍ରାହ୍ମଣମାନେ ମନ୍ଦିରମଧ୍ୟରେ ଅନ୍ନଦାନ୍ଦ ମହାପ୍ରସାଦ ଭୋଜନ କରନ୍ତି ସେହିପରି ଏବର୍ଷ ମଧ୍ୟ କରିଥିଲେ କେବଳ ଅଳ୍ପ ସଂଖ୍ୟକ ମହାପ୍ରସାଦ ବିଦ୍ରୋହୀ ବ୍ରାହ୍ମଣ ଚୌଧୁରୀଙ୍କ କୋଠାଠାରେ ଚୂଡ଼ାଦହି ଭୋଜନକରିଥିଲେ ଓ ଏହାଙ୍କ ମଧ୍ୟରୁ ମଧ୍ୟ କେତେ 'ଚୂଡ଼ାଭୁକ୍ତକୁଳ ଘେନି ମନ୍ଦିରରେ ମହାପ୍ରସାଦ ଭୋଜନ କରି ଯାଇ ଅଛନ୍ତି ଅତଏବ ଶାସନୀବ୍ରାହ୍ମଣମାନେ ମହାପ୍ରସାଦ ଗ୍ରହଣ ନ କରିବା ବିଷୟରେ ଯେଉଁ ପତ୍ରିକା ଏହି କାଗଜରେ ପୂର୍ବେ ବାହାରିଥିଲା ତାହା ଭ୍ରମାତ୍ମକ ଥିଲା ।

ପାତିୟାଲର ମହାରାଜା ପନ୍ଦରଲକ୍ଷ ଟଙ୍କା ବ୍ୟୟ କରି ଗୋଟିଏ କୋଟ ପ୍ରସ୍ତୁତ କରାଇ ଅଛନ୍ତି ଯେ ଯୁବରାଜଙ୍କର ଦରବାରରେ ତାହାକୁ ପିନ୍ଧିବେ । ଏଥିରେ ଅନେକ ବହୁମୂଲ୍ୟ ରତ୍ନମାନ ଲଗିଅଛି ଓ ଚାରିପାଖରେ ମୁକ୍ତାର ଝାଲର ଲଗିଅଛି ।

ମୁନସି ଅମିରଅଲିଖାନ ଗବର୍ଣ୍ଣମେଣ୍ଟଙ୍କର ବହୁମୂଲ୍ୟ କାର୍ଯ୍ୟମାନ ସାଧନ କରିଥିବାରୁ ମହାମାନ୍ୟ ଗବର୍ଣ୍ଣର ଜେନେରଲସାହେବ ତାହାଙ୍କୁ ନବାବ ଉପାଧି ପ୍ରଦାନ କରିଅଛନ୍ତି ।

ବାଙ୍ଗବଙ୍ଗାଲ ବିଜ୍ଞାପନ ଦେଇଅଛନ୍ତି ଯେ ଚଳିତମାସ ତା୨୩ରିଖଠାରୁ ତା୨୭ରିଖ ପର୍ଯ୍ୟନ୍ତ ଏବଂ ଜାନୁଅରିମାସ ତା୧ରିଖ ଠାରୁ ତା ୩ ରିଖ ପର୍ଯ୍ୟନ୍ତ ଜେନେରଲ ଟ୍ରେଜରି ବନ୍ଦ ହେବ ।

Digitized by srujanika@gmail.com

ମାନ୍ଦ୍ରାଜରେ ଯେଉଁ ଦିନ ଯୁବରାଜ ପହଞ୍ଚିଥିଲେ ସେ ଦିନ ତାହାଙ୍କ ଅଭ୍ୟର୍ଥନା ନିମନ୍ତେ ୧୫୦୦୦ ବାଳକ ଏକତ୍ରିତ ହେବାର ଅନୁମାନ ହୋଇଅଛି ଏହାଙ୍କ ମଧ୍ୟରୁ ପ୍ରାୟ ୨୦୦୦ ବାଳକ ଗାୟନ କରନ୍ତି ।

ବେହାର ଏବଂ ବଙ୍ଗଳାର ଅନ୍ୟାନ୍ୟ ଅଞ୍ଚଳରେ ଏବର୍ଷ ଫସଲ ଊଣା ହେବାର ସମ୍ଭାବନା ଥିଲା ମାତ୍ର ଗଭର୍ଣ୍ଣମେଣ୍ଟ ଯେ ସମ୍ବାଦ ପାଇଅଛନ୍ତି ତହିଁରୁ ଦେଖାଯାଏ ଯେ କେବଳ ମୋଜଫର ପୁର ଜିଲାରେ ଫସଲ ଅଧିକ ପରିମାଣରେ ନଷ୍ଟ ପଡ଼ିଅଛି ମାତ୍ର ବଙ୍ଗପ୍ରଦେଶର ଅନ୍ୟ ସମସ୍ତ ଜିଲାରେ ଗତବର୍ଷାପେକ୍ଷା ଭଲ ଫସଲ ହୋଇଅଛି । ଗୋଟିଏ ଜିଲାର ଦୁର୍ଭିକ୍ଷ କୌଣସି ଭୟର ହେତୁ ହୋଇ ନ ପାରେ ଓ ସେଠାର ସଡ଼କାଦି ନିର୍ମାଣ କାର୍ଯ୍ୟ ଅଧିକ ପରିମାଣରେ ଆରମ୍ଭ କରିବା ଦ୍ୱାରା ଗଭର୍ଣ୍ଣମେଣ୍ଟ ଶ୍ରମଜୀବୀମାନଙ୍କୁ ସାହାଯ୍ୟ କରିବାକୁ ସ୍ଥିର କରିଅଛନ୍ତି ।

ବିଲାତର ଗୋଟିଏ କମ୍ପାନୀ ଘୋଷଣା ଦେଇଅଛନ୍ତି କି ଯୁବରାଜଙ୍କର ଭାରତ ଦର୍ଶନ ବିଷୟରେ ଇଂରାଜ ବା ହିନ୍ଦୁ କବିମାନଙ୍କ ମଧ୍ୟରୁ ଯେଉଁମାନେ ଉତ୍କୃଷ୍ଟ କବିତା ରଚନା କରି ପଠାଇବେ ତାହାଙ୍କୁ £ ୧୦୦୦ ଟଙ୍କା ପାରିତୋଷିକ ଦେବେ । ପ୍ରଥମଶ୍ରେଣୀର କବିତା ନିମନ୍ତେ £ ୫୦୦ ଟଙ୍କା ଦ୍ୱିତୀୟଶ୍ରେଣୀ ନିମନ୍ତେ £ ୩୦୦ ଟଙ୍କା ଓ ତୃତୀୟଶ୍ରେଣୀ ନିମନ୍ତେ £ ୨୦୦ ଟଙ୍କା ଦିଆଯିବ ଓ ଇଂରାଜୀ ଓ ଭାରତବର୍ଷର ପ୍ରଚଳିତ ଭାଷା ସବୁର କବିତା ଗୃହୀତ ହେବ । କବିମାନଙ୍କୁ ଗୋଟିଏ ବଡ ସୁଯୋଗ ମିଳିଅଛି ଶୀଘ୍ର ଏଥିରେ ଯତ୍ନ କରନ୍ତୁ ।

ମାନ୍ଦ୍ରାଜ ମିଉନିସିପାଲିଟିର କର୍ମଚାରୀମାନେ କର୍ମରେ ନିଯୁକ୍ତ ହେବା ଦିନଠାରୁ କେତେ ସମ୍ପତ୍ତି କରିଅଛନ୍ତି ତହିଁର ଅନୁସନ୍ଧାନ କରି ରିପୋର୍ଟ କରିବା ନିମନ୍ତେ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଆଜ୍ଞା ଦେଇଅଛନ୍ତି । ଏ ଆଜ୍ଞାଟି ବଡ ଉତ୍ତମ ଅଟଇ ଓ ଅମ୍ଭେମାନେ ଅନୁମାନ କରୁଁ କି ଅନ୍ୟାନ୍ୟ ସହରମାନରେ ଏ ପରି ଆଜ୍ଞା ହେଲେ ଅନେକ ଚମତ୍କାର କଥା ବାହାର ପଡନ୍ତା ।

## ପ୍ରେରିତପତ୍ର ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ ।

ଏଠାରେ ପୁଷ୍ପଶଯ୍ୟାର ଅନନ୍ତରମାନେ ଏହି ବଯ୍ୟାନ କଲେ ଓ ସଦର ମୋଫସଲ ସ୍ପଷ୍ଟ କରିଦେଲେ କି ରାଜା ମହାରାଣୀଙ୍କ ଜ୍ୟେଷ୍ଠପୁତ୍ର ସହିତ ସାକ୍ଷାତ କରିବାପାଇଁ ଏକଲକ୍ଷ ଟଙ୍କାର ଖଣ୍ଡେ ହୀରହାର ଓ ପଚାଶହଜାର ଟଙ୍କାର ଏକ ପାନବଟା ନେଇ ଯାଉଅଛନ୍ତି । ମାତ୍ର ରାଜା ଯେବେ କଲିକତା ଯିବେ ତମ୍ଭା ଘରୁ ବାହାରିବେ ଓ ଭଦ୍ରଲୋକଙ୍କ ସହିତ ସାକ୍ଷାତ କରିବେ ଓ ତଦ୍ୱାରା ଜ୍ଞାନପ୍ରାପ୍ତ ହୋଇ ଆପଣାର ପୂର୍ବଦୋଷ ଓ ଅ-ଏବମାନ ଖଣ୍ଡନ ହୋଇଯିବ ହେବେ ତାଙ୍କ ନିକଟସ୍ଥ ସ୍ୱାର୍ଥପରଶିଷ୍ଟ କିନ୍ତୁମାନେ କପଟ ପ୍ରକାଶ ପାଇଥିବେ ଓ ତାହା ହେଲେ ଅଉ ଜଗନ୍ନାଥଙ୍କ ମନ୍ଦିରରେ କପଟ ଅବ୍ୟାପୃକର୍ମ ଚାଲିବ ଓ ହିନ୍ଦୁଧର୍ମ କ୍ରମେ ୨ ଉପର ଶେଷ ହେବ ।

ସମସ୍ତ ପାଠକବର୍ଗଙ୍କର ଭଲ ସ୍ମରଣ ଥିବ ଯେ ଏଥିପୂର୍ବ ଭୋବମାକର ନାମକ ଏକ ସେବକ ଜଗନ୍ନାଥଙ୍କ ମନ୍ଦିର ମଧ୍ୟରେ ଏକ ବିଧବା ସ୍ତ୍ରୀସହିତ କୁବ୍ୟବହାର କରିବା ସମୟରେ ତାକୁ ମନ୍ଦିର କର୍ମଚାରୀମାନେ ଗିରଫ କଲେ ମାତ୍ର କର ହୋଇ ଏପରି ବର୍ବର ରାଜାଙ୍କ ସଙ୍ଗେ କଲେ ବିଚାର ଓ ବିଚାରରେ ଅର୍ଥଦଣ୍ଡ ଦବାରେ ସ୍ୱୀକାର ହେବାରେ ସମସ୍ତେ ସେକଥା ଗୋପନ କରି ରଖିଲେ ଓ ମଧ୍ୟ ଉପର ଦିନ ରାଜା ମୋକ୍ତାର ମାଧବ ମହାନ୍ତି ମେକଷ୍ଟର ସାହେବ କଟେକରୁ ଆସିବା ମାତ୍ରକେ ଏତ୍ତେଲା ଦେଲେ ଯେ ମନ୍ଦିର ମଧ୍ୟରେ ଯେ ମକଦ୍ଦମା ହୋଇଥିଲା ସେ ମକଦ୍ଦମା ମିଥ୍ୟା ଥିବାରୁ ରାଜା ଦହୁରରେ ଏତ୍ତେଲା ଦେଇଅଛନ୍ତି ଏଥିରେ ମେକଷ୍ଟର ସାହେବ ଅନ୍ୟ କିଛି ତନଖି ତଦାରଖ ନ କରି ଚୁପ ହୋଇ ରହିଲେ ଓ ମେକଷ୍ଟର ସାହେବଙ୍କ ଚୁପ ଦେଖି ପୁଲିସ ଇନସ୍ପେକ୍ଟର ଆପଣା ସୁଯୋଗ ଛାଡିବ କେମନ୍ତ ତଦାରଖି ମିଥ୍ୟା ରିପୋର୍ଟ ଦେଲେ । ମାତ୍ର ବାବୁ କେଦାରନାଥ ଦତ୍ତ ଓ ବାବୁ ନନ୍ଦକିଶୋର ଦାସ ଏ ଦୁଇ ଦପ୍ତୋଟି ଅନେକ ଯତ୍ନ କରିବାରେ ମକଦ୍ଦମାର ଯଥାର୍ଥ ଅବସ୍ଥା ଜଣାଗଲା ଓ ପୁଲିସ ତଲଖ କରି ପଠାଇଲେ ପର ସେ ମକଦ୍ଦମା ବାବୁ କେଦାରନାଥ ଦତ୍ତଙ୍କୁ ସମର୍ପଣ ହେବାରେ ସେ ଉତ୍ତମରୂପେ ମକଦ୍ଦମା ତଦାରଖ କରି ପ୍ରମାଣ ନେବାରେ କରି ଦୁଇବରଷ ଓ ମାଇକିନଥ ଏକବରଷ କଠିନ ପରିଶ୍ରମ ସହିତ କାରାବାସ କଲେ ।

ବାବୁ କେଦାରନାଥ ଦତ୍ତ ମକଦ୍ଦମା ଭଲ ଭଳି କଲାବେଳେ ଓ ଶୁଦ୍ଧାଙ୍କ ଜୋବାନବନ୍ଦି ନେଲାବେଳେ ଅଧିକାଂଶ ଶୁଦ୍ଧା ବଯ୍ୟାନ କଲେ କି ଭୋବମାକର ଆପଣା ସାବତ ମା ସଙ୍ଗେ କୁବ୍ୟବହାର କରିବା କଥା କନରବ ଅଛି ଓ ଅମ୍ଭେମାନେ ଜାଣୁ ଓ ଶୁଣିଅଛୁଁ । ତଦବଧି ସମସ୍ତ ସେବକମାନେ ତାହା ହାତରେ ପାଣି ଛୁଅନ୍ତି ନାହିଁ କି ତାହାର ଦ୍ୱାରସ୍ଥ ହୁଅନ୍ତି ନାହିଁ ।

ଭୋବମାକର କାରାଗାରରୁ ମୁକ୍ତ ହେଲା ପର ପୁଷ୍ପରଜା ଅର୍ଥାତ୍ ତଲନ୍ତି ବିଷ୍ଣୁ କରପ୍ରଦ ଯୁକ୍ତ କରି ଶୁଦ୍ଧକା ମାତ୍ରେ ତାହାର ପୂର୍ବଦୋଷ ଓ ଆଷମାଳ ମୁକ୍ତ ହୋଇଗଲା ଓ ତାହାଠାରୁ ... ଲାଭ ପାଇଲେ ଯେ ତାକୁ ପଣ୍ଡାପାଳକ ଅର୍ଥାତ୍ ଯେଉଁମାନେ ମହାପ୍ରଭୁଙ୍କ ବେଶ କରନ୍ତି ସେହି ସେବାହେଲ ତାହା ଖାଲି ଗଲା ଶୁଦ୍ଧଦାର କରି ଥିବାରୁ ଖୁଣ୍ଟିଆ ତୋଟା ଓ ହଳଳଅଖଡ଼ା ... ରହାସ ମହାନ୍ତି ଅଖଡ଼ା ଏପରି ତିନି ଅଖଡ଼ାରୁ ପ୍ରାପ୍ତ ଦେହଶ ଯର୍ଓ୍ୱାନ ଓ ତଲନ୍ତି ... ଦହଲଗା ପ୍ରଧାନ ଖଟଣି ପଦନ ପାତ୍ର ଓ ପନ୍ଦରଣ ପଟ୍ଟନାୟକ ଏମାନେ ଯାଇ ଉପସ୍ଥିତ ହେଲା ପର ପଦନ ପାତ୍ରଙ୍କ ହୁକୁମ ମାଫିକେ ରାଜାର ବକୁରେ ରକ୍ଷକ ସମସ୍ତ ପଣ୍ଡାପାଳଙ୍କୁ ମହାପ୍ରଭୁମାନଙ୍କୁ ଛୁଇଁ ଟାଣି ଅଣିବାରେ ଭୋବମାକର ସେବା କଲା । ଯେ ରତ୍ନପଦ ଶତ ସାଉଘଣ୍ଟା ସମୟରେ କଲହ ହେଲା ଓ କୁଦ୍ର ଛୁଇଁବାରେ ଯେ ମହାସ୍ନାନ ହୁଏ ତାହା ହେଲା ନାହିଁ । ପୁଲିସ କର୍ମଚାରୀ ମଧ୍ୟ ସେଠାରେ ଉପସ୍ଥିତ ଥାଇ ଭୋବମାକରକୁ ସାହାଯ୍ୟ କରିଥିଲେ । ଭୋବମାକର ବେଶକର୍ମ ଉତ୍ତମ ଜାଣିପାରେ । ମନ୍ତ୍ର ତଲନ୍ତିବିଷ୍ଣୁ ଏପରି ... ଆପଣା ନିକଟରେ ନ ରଖି ମନ୍ଦିରରେ ... କଲେ ଏ ତାଙ୍କର ଅବଶ୍ୟର କର୍ମ ଅଟେ ।

ଉତ୍କଳସୁହୃଦଙ୍କର ବୟସ ଅଢ଼ ବର୍ଷ ଏ ପର୍ଯ୍ୟନ୍ତ ଖଡଦନ୍ତ ହୋଇ ନାହିଁ କେବଳ ... ଭୁଲୁଅଛନ୍ତି ଯଦ ସେ ସିଦ୍ଧିପଡି ... ଅଧ୍ୟୟନ କରନ୍ତେ ଓ ଜ୍ଞାନ ହୁଅନ୍ତା ଓ ବସ୍ତୁରକ୍ଷିତ ... ହେବେ କଦାପି ଅବଗ୍ୟରକ ଯେ ପୂର୍ବ ... ତାହା ସକାଶେ ପାଗଳପର ବକନ୍ତେ ନାହିଁ । ତାଙ୍କର ପିଲାବୟସ ଥିବାରୁ ... ଦେଖି ... ଯାଉଅଛନ୍ତି ବସ୍ତୁର ... ହୋଇ ନାହିଁ ବସ୍ତୁର କରଜେବ କେଉଁଠାରୁ ।

ଏହି ଉତ୍କଳଦୀପିକା ସହରକଟକର ... ଯାବତ୍କାର ... ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter
REGISTERED NO. 18



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୦ମ | ତା ୧୮ ରଖ ଡିସମ୍ବର ସନ ୧୮୭୫ ମସିହା । ମୂ । ପୌଷ ଦ ୫ ଜ ସନ ୧୨୮୩ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ୫
ସଂଖ୍ୟା ୫୦ | | ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୬
| | ମଫସଲ ପାଇଁ ଡାକମାସୁଲ ୧।୦

ଯୁବରାଜଙ୍କର ଭ୍ରମଣ ବିବରଣ ପଢ଼ିକାରୁ ଅବଗତ ହେଲୁଁ ଯେ ରାଜକୁମାର ଲଙ୍କାରେ ବନ୍ୟ ହସ୍ତୀ ଶିକାର କରି ବାହୁଡ଼ି ଆସିବା ସମୟରେ ତାଙ୍କର ଗାଡ଼ି ଛୋପର ଅଗ୍ରଭାଗରେ ସଂଲଗ୍ନ ହୋଇ ଉଲଟି ପଡ଼ିଲା । ଗାଡ଼ିଖଣ୍ଡିକ ଭାଙ୍ଗିଗଲା ଏବଂ ରାଜକୁମାର ଗାଡ଼ିତଳେ ପଡ଼ିଗଲେ କିନ୍ତୁ ସୌଭାଗ୍ୟବଶତଃ ତାଙ୍କର ଶ୍ରୀଅଙ୍ଗରେ କିଛିହେଁ ଆଘାତ ହୋଇ ନାହିଁ । ରାଜକୁମାର ଅଦ୍ୟ ମାନ୍ଦ୍ରାଜରେ ପ୍ରବେଶ ହେବାର ସମ୍ବାଦ ଅଛି ସେଠାରେ ତାଙ୍କର ଅଭ୍ୟର୍ଥନାର ବିଶେଷ ଆୟୋଜନ ହୋଇଅଛି । ଲଙ୍କାରେମଧ୍ୟ ଯୁବରାଜଙ୍କର ଉତ୍ତମ ଅର୍ଚ୍ଚନା ହୋଇ ଅଛି ଏବଂ ଯୁବରାଜ ସନ୍ତୋଷ ପ୍ରକାଶ କରି ଅଛନ୍ତି । ସୁବର୍ଣ୍ଣଦ୍ୱୀପଲଙ୍କାରେ କେଉଁ କଥାର ଅଭାବ?

---

ଏଠା ସ୍କୁଲମାନଙ୍କରେ ଥିବା ଛାତ୍ରମାନେ ପ୍ରତିବର୍ଷ ଏହି ସମୟରେ ନାଟ୍ୟ କ୍ରୀଡ଼ା କରନ୍ତି । ଏବର୍ଷ ଏ ସପ୍ତାହରେ ତିନିଦିନ ଛାତ୍ରମାନେ କ୍ରୀଡ଼ା କରିଥିଲେ । ନାଟ୍ୟଶାଳା ସ୍କୁଲଗୃହରେ ହୋଇଥିଲା । ଆମ୍ଭେମାନେ ଦିନେ ସେମାନଙ୍କର କ୍ରୀଡ଼ା ଦେଖି ସନ୍ତୁଷ୍ଟ ହେଲୁଁ । ଇଂରାଜୀ ଗୋଲ୍ଡସ୍ମିଥ କୃତ ନାଟ୍ୟ ପୁସ୍ତକର ଏକ କ୍ଷୁଦ୍ର ଅଂଶର ନାଟ୍ୟକ୍ରିୟା ହୋଇଥିଲା ଓ ନର୍ତ୍ତକଙ୍କ ମଧ୍ୟରେ ଅଧିକାଂଶ ତେଲଙ୍ଗି ହେଲେହେଁ ସେମାନେ ଇଂରାଜୀ କଥୋପକଥନ ଏବଂ ଆପଣା ଆପଣାର କାର୍ଯ୍ୟ ଉତ୍ତମରୂପେ କଲେ । କଲିକତାରେ ବଙ୍ଗାଳିମାନେ ନାଟ୍ୟଶାଳା ସ୍ଥାପନ କରି ନାଟ୍ୟକ୍ରିୟା ଅତି ଉତ୍ତମରୂପେ କରୁଅଛନ୍ତି । ଏଠାଲୋକଙ୍କର ଏପରି ରୁଚି ଓ ଯତ୍ନ କେବେ ହେବ ?

---

ଆମ୍ଭେମାନେ ଗଲତମାସ ତା ୧୬ ରଖର ଉତ୍କଳଦର୍ପଣରେ ଯୁବରାଜଙ୍କ ବିଷୟର ପ୍ରସ୍ତାବଟି ଅଶୁଦ୍ଧ କ୍ରିୟା ପଦରେ ପରିପୂର୍ଣ୍ଣ ଦେଖି ତାହା ଉଲ୍ଲେଖ କରିବାକୁ ବାଧ୍ୟ ହୋଇଅଛୁଁ । ଉକ୍ତ ପ୍ରସ୍ତାବର ଲେଖକ ମହୋଦୟଙ୍କୁ ଆମ୍ଭେମାନେ ପ୍ରଶ୍ନ କରୁଅଛୁଁ "କରନ୍ତି" "ହୁଅନ୍ତି" ଇତ୍ୟାଦି କେଉଁ କାଳର କ୍ରିୟା ଓ ସେସବୁକୁ କେଉଁ କାଳର କଥା ବର୍ଣ୍ଣନରେ ପ୍ରୟୋଗ କରିଅଛନ୍ତି ? ଏପରି ଅଶୁଦ୍ଧ କ୍ରିୟା ପଦ ଯେ କେବଳ ସେହି ପ୍ରସ୍ତାବରେ ଅଛି ଏମନ୍ତ ନୁହେ ଦର୍ପଣ ଏବଂ ବାଲେଶ୍ୱରର ଅନ୍ୟାନ୍ୟ ପତ୍ରିକା ବା ଲେଖାରେ ଏରୂପ ଭୁଲ ସର୍ବଦା ଦେଖାଯାଏ । ଆମ୍ଭେମାନେ ଏ ବିଷୟରେ କେତେଥର ଲେଖିଅଛୁଁ ତଥାପି ବାଲେଶ୍ୱର ବାସିମାନେ ତଦ୍ରୂପ ଅଶୁଦ୍ଧ କ୍ରିୟାର ବ୍ୟବହାର ତ୍ୟାଗ କରୁନାହାନ୍ତି ବଡ଼ ଆଶ୍ଚର୍ଯ୍ୟର ବିଷୟ ଅଟେ । ବଙ୍ଗଭାଷାରେ "କରେନ" "ହଏନ" ଇତ୍ୟାଦି ଅତୀତ କାଳରେ ବ୍ୟବହାର ହୁଏ କିନ୍ତୁ ସେସବୁକୁ ଓଡ଼ିଆରେ "କରନ୍ତି" "ହୁଅନ୍ତି" ଅନୁବାଦ କରିବା ଭ୍ରମ ଅଟଇ ଯେହେତୁ ଓଡ଼ିଆରେ ସେସବୁ ଅନାଗତ ବା ଭବିଷ୍ୟ ବର୍ତ୍ତମାନ କାଳକୁ ବୁଝାଏ ଓ ଅତୀତକାଳର କ୍ରିୟା ହୋଇ ନ ପାରେ ତହିଁ ପରିବର୍ତ୍ତେ "କଲେ" "ହେଲେ" ଇତ୍ୟାଦି ବ୍ୟବହାର ହୁଅଇ । ବାଲେଶ୍ୱର ବାସିମାନେ କି ଉତ୍କଳ ପତ୍ରିକା ଶୁଣନ୍ତି ନାହିଁ ? ସେଥିରେ ପୂର୍ବ ରାଜାମାନଙ୍କ ପ୍ରସଙ୍ଗରେ କିପରି କ୍ରିୟାପଦ ବ୍ୟବହାର ହୋଇଅଛି ।

---

ମାନ୍ଦ୍ରାଜରେ ଗୋଟିଏ କୌତୁକଜନକ ଭୁଲ ହୋଇଗଲା । ଭାରତବର୍ଷସ୍ଥ ଫରାସିଅଧିକୃତ ରାଜ୍ୟର ଗବର୍ଣ୍ଣର ସାହେବଙ୍କର ସେନଗରରେ ପ୍ରବେଶ ହେବାର ଥିଲା । ଗୋଟିଏ ଫରାସି ଜାହାଜ ବନ୍ଦରକୁ ଆସୁଥିବାର ଦୃଶ୍ୟହେବାରୁ ଗବର୍ଣ୍ଣରଙ୍କ ସମ୍ମାନାର୍ଥ ଏକ କମ୍ପାନି ସେନା ବାଦ୍ୟକର ଏବଂ ମାନ୍ଦ୍ରାଜ ଗବର୍ଣ୍ଣର ସାହେବଙ୍କର କେତେକ ମୁସାହେବ ସମୁଦ୍ରତଟରେ ଉପସ୍ଥିତ ହେଲେ । ସେମାନେ ୨ ଘଣ୍ଟା କାଳ ଦଣ୍ଡାୟମାନ ହୋଇ ରହିଲା ଉତ୍ତାରେ ସେ ଜାହାଜରୁ ଗୋଟିଏ ନୌକାରେ ଜଣେ ଫରାସି ସାହେବ ଆସି ତଟରେ ଉତ୍ତୀର୍ଣ୍ଣ ହେଲେ । ସେମାନେ ତାଙ୍କୁ ଗବର୍ଣ୍ଣର ବୁଝି ତୋପ ସଲାମି ଦେଲେ ଓ ବାଦ୍ୟ ବଜାଇଲେ । ସେବ୍ୟକ୍ତି ଏତେ ସମ୍ମାନ ଦେଖି ଚକିତ ହେଲେ ଓ ସେମାନଙ୍କର ସମ୍ମାନ ଗ୍ରହଣ ପୂର୍ବକ ଆପଣାର ପରିଚୟ ଦେଲେ । ଗବର୍ଣ୍ଣର ସାହେବ ସେ ଜାହାଜରେ ଆସି ନ ଥିଲେ । ଯାହା ହେଉ

Digitized by srujanika@gmail.com

Split by PDF Splitter



ସେବ୍ୟକ୍ତି ଗବର୍ଣ୍ଣରଙ୍କ ମର୍ଯ୍ୟାଦା ଦଣ୍ଡ ଭୋଗ କରଗଲେ ।

---

ଯୁବରାଜଙ୍କ ସନ୍ଦର୍ଶନାର୍ଥ ପୁରୀ, ଢେଙ୍କାନାଳ ଓ ମୟୂରଭଞ୍ଜର ରାଜାମାନଙ୍କ କଲିକତା ଯିବା ପକ୍ଷରେ ଗବର୍ଣ୍ଣମେଣ୍ଟଙ୍କର ଆଜ୍ଞା ନଇ ପଣ୍ଡାର ସହରର ତାରଡାକ ଯୋଗେ ଏଠାରେ ପ୍ରବେଶ ହେଲା । ଏତେ ବିଳମ୍ବରେ ଏ ଆଜ୍ଞା ଆସିବାର ହେତୁ ଏହି ଯେ ମହାମାନ୍ୟ ଲାଟସାହେବ ବମ୍ବେ ଅଞ୍ଚଳରେ ଥିଲେ କଲିକତାରେ ଏହି ମାସ ତା ୯ ରିଖରେ ପ୍ରବେଶ ହେଲେ । କମିଶନର ସାହେବ ଉକ୍ତ ତିନି ରାଜାମାନଙ୍କ ନିକଟକୁ ଯିବା ବିଷୟର ପରୱାନା ପଠାଇଦେଲେ କିନ୍ତୁ ବର୍ତ୍ତମାନ ସେମାନଙ୍କ ଯିବାରେ ବଡ଼ ଅସୁବିଧା ଓ କ୍ଳେଶ ହେବ ଯାହା ହେଉ ଯିବାର ଉଚିତ । ଆମ୍ଭେମାନେ ଶୁଣୁଅଛୁଁ ଯେ ପୁରୀର ମହାରାଜା ଗତ କଲ୍ୟ ଯାତ୍ରା କରିଥିବେ ଢେଙ୍କାନାଳ ଓ ମୟୂରଭଞ୍ଜଙ୍କ ଯିବା ପ୍ରସଙ୍ଗ ଶ୍ରୁତିଗୋଚରରେ ଆସି ନାହିଁ ।

ଏ ସପ୍ତାହରେ ଏଠାରୁ ବାବୁ ଜଗନ୍ମୋହନ ରାୟ, ବାବୁ ଅନ୍ନଦା ପ୍ରସାଦ ଘୋଷ, ମଉଲବି ଅବଦୁଲ କାଦର, ବାବୁ ଦ୍ୱାରିକାନାଥ ଚକ୍ରବର୍ତ୍ତୀ ଓ ବାବୁ ଗୌରୀଶଙ୍କର ରାୟ ପ୍ରଭୃତି କେତେ ଭଦ୍ରଲୋକ କଲିକତା ଯାଇ ଅଛନ୍ତି । ସେମାନଙ୍କ ମଧ୍ୟରୁ କେବଳ ଅନ୍ନଦା ବାବୁଙ୍କୁ ଆମନ୍ତ୍ରଣ ହୋଇଅଛି ଓ ସେ ଯିବା ଆସିବାର ଖର୍ଚ୍ଚା ସରକାରରୁ ପାଇବେ । ଏଥିର କାରଣ ଏହି ଯେ ଯେଉଁ କର୍ମଚାରୀମାନେ ବଙ୍ଗ ଓ ବେହାର ଦୁର୍ଭିକ୍ଷ ନିବାରଣ କାର୍ଯ୍ୟରେ ଉତ୍ତମ କର୍ମ କରିଥିଲେ ଓ ସେମାନଙ୍କର ନାମ ଗେଜେଟରେ ପ୍ରକାଶ ହୋଇଥିଲା ସେମାନଙ୍କୁ ଲେପ୍ଟେନେଣ୍ଟ ଗବର୍ଣ୍ଣର ସାହେବ ବାଙ୍କିପୁରର ଦରବାରରେ ଯୁବରାଜଙ୍କ ସମ୍ମୁଖରେ ଭେଟାଇବେ । ସେ କର୍ମଚାରୀଙ୍କ ପ୍ରତି ଏହା ଅତି ମାନ୍ୟସୂଚକ ଓ ଉତ୍ସାହଜନକ ଅଟଇ । ଯୁବରାଜଙ୍କ ଦରବାରରେ ଉପସ୍ଥିତ ହୋଇ ମର୍ଯ୍ୟାଦା ପାଇବା ଶ୍ଲାଘ୍ୟର ବିଷୟ ଅଟେ । ଅନ୍ନଦା ବାବୁ ସେ କର୍ମଚାରୀଙ୍କ ମଧ୍ୟରେ ଜଣେ ଥିବାରୁ ଆମନ୍ତ୍ରଣ ପାଇଲେ । ଆଉ ସମସ୍ତେ ସ୍ୱେଚ୍ଛାରେ ଯାଇଅଛନ୍ତି କିନ୍ତୁ କମିଶନର ସାହେବ ଡେପୁଟିମାନଙ୍କ ଓ ଗୋଲକ ବାବୁଙ୍କ ଯିବା ବିଷୟ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇ ଅଛନ୍ତି ସେମାନେ ସେଠାରେ ଆମନ୍ତ୍ରଣ ପାଇ ପାରନ୍ତି । ମାତ୍ର କୌଣସି କାରଣବଶତଃ ଗୋଲକ ବାବୁଙ୍କର କଲିକତା ଯିବାର ନ ହେଲା । ଓଡ଼ଗାଇ ପ୍ରଧାନ ଜମିଦାର ବାବୁ ଭଗବାନ ସୁଏଟସିଂହ ଓ ଚୌଧୁରୀ ବିଶ୍ୱନାଥ ଦାସଙ୍କର ଯିବାର ଉଚିତ ଥିଲା । ଏପରି କାର୍ଯ୍ୟରେ କେବେ ଏମାନଙ୍କର ଉତ୍ସାହ ଜନ୍ମିବ ?

---

## ଲାଖରାଜ ବାଜ୍ୟାପ୍ତି ।

ଲାଖରାଜ ବାଜ୍ୟାପ୍ତି ଉପରେ ପୂର୍ଣ୍ଣଜମା ଧାର୍ଯ୍ୟ ହେବାର ବୋର୍ଡ ସିଦ୍ଧାନ୍ତ କରିଥିବା ବିଷୟ ଏଥିପୂର୍ବେ ପାଠକମାନଙ୍କୁ ଜଣାଇଅଛୁଁ । ଏ ସିଦ୍ଧାନ୍ତ କଟକ ଖାସମହାଲର ସାନ ବନ୍ଦୋବସ୍ତ ସମ୍ପର୍କରେ ହୋଇଅଛି କିନ୍ତୁ ତାହା ଯେ କେବଳ ଖାସମହାଲ ଅନ୍ତର୍ଗତ ଲାଖରାଜ ବାଜ୍ୟାପ୍ତି ପ୍ରତି ଖଟିବ ଏମନ୍ତ ନୁହେ ଏ ଦେଶର ସମସ୍ତର ଲାଖରାଜ ବାଜ୍ୟାପ୍ତି ପକ୍ଷରେ ଖଟିବ ଏହେତୁ ଆମ୍ଭେମାନେ ସେ ବିଷୟର ଆଲୋଚନା କରିବାକୁ ପ୍ରବୃତ୍ତ ହୋଇଅଛୁଁ ।

ଗତ ବନ୍ଦୋବସ୍ତ ସମୟରେ ଲାଖରାଜଦାରମାନେ ଯେଉଁ ଲାଖରାଜ ଭୂମି ପକ୍ଷରେ ସନନ୍ଦ ଓ ପୂର୍ବରୁ ନିଷ୍କରରୂପେ ଭୋଗ କରୁଥିବାର ପ୍ରମାଣ ଦର୍ଶାଇଲେ ସେ ଲାଖରାଜ ସବୁ ବାହାଲ ହେଲା । ଯେଉଁ ଯେଉଁ ଜମିସବୁ ପକ୍ଷରେ ଲାଖରାଜ ସନନ୍ଦ ବା ପ୍ରମାଣ ନ ମିଳିଲା କେବଳ ଲାଖରାଜଦାର ତାହା ଅନେକ କାଳରୁ ଦଖଲ କରୁଥିବାର ସାବ୍ୟସ୍ତ ହେଲା ସେ ଜମିରେ ଅର୍ଦ୍ଧଜମା ଧାର୍ଯ୍ୟ ହୋଇ ତାହା ଲାଖରାଜ ବାଜ୍ୟାପ୍ତି ବୋଲାଇଲା । ଯେଉଁ ଲାଖରାଜ ଜମି ପକ୍ଷରେ ଉପର୍ଯ୍ୟୁକ୍ତ ଦୁଇପ୍ରକାର ପ୍ରମାଣ ମଧ୍ୟରୁ କୌଣସି ପ୍ରକାର ପ୍ରମାଣ ନ ମିଳିଲା ତହିଁରେ ପୂର୍ଣ୍ଣଜମା ଧାର୍ଯ୍ୟ ହୋଇ ତାହା ଖାଲିସା ଜମି ଭୁକ୍ତ ହେଲା ଅର୍ଥାତ୍ ରଏତି ଜମି ତୁଲ୍ୟ ଜମିଦାରର ମହାଲ ଅନ୍ତର୍ଗତ ହେଲା ଓ ସେଥି ପକ୍ଷରେ ଲାଖରାଜ ଦାବିଦାରର କେବଳ ରଏତିସ୍ୱତ୍ୱ ରହିଲା । ଲାଖରାଜବାଜ୍ୟାପ୍ତି ପକ୍ଷରେ ଲାଖରାଜଦାରର ସ୍ୱାମିତ୍ୱସ୍ୱତ୍ୱ ଅଛି ସେ ସେ ଜମିକୁ ବିକ୍ରୟ ବନ୍ଧକ ବା କୌଣସି ପ୍ରକାରର ହସ୍ତାନ୍ତର କରିପାରେ ଓ ତାହାଠାରୁ ନିରୂପିତ କର ନେବା ବ୍ୟତୀତ ଜମିଦାରର ତାହା ଉପରେ ଆଉ କିଛି ଅଧିକାର ନାହିଁ ।

ଆମ୍ଭେମାନେ ଅନୁମାନ କରୁଅଛୁଁ ଯେ ଲାଖରାଜ ବାଜ୍ୟାପ୍ତିର ଉପର୍ଲେଖିତ ସ୍ୱତ୍ୱାଧିକାରରୁ ଲୋକଙ୍କର ବିଶ୍ୱାସ ଜନ୍ମିଲା ଯେ ଲାଖରାଜ ବାଜ୍ୟାପ୍ତିର ଅର୍ଦ୍ଧଜମା ଚିରସ୍ଥାୟୀ ଅଟେ କୌଣସିକାଳେ ପୂର୍ଣ୍ଣଜମା ଧାର୍ଯ୍ୟ ନ ହେବ । ଏହି ବିଶ୍ୱାସରେ ଲାଖରାଜ ବାଜ୍ୟାପ୍ତିର କ୍ରୟ ବିକ୍ରୟ ବ୍ୟବହାର ଚଳୁଅଛି । ଏପରି ବିଶ୍ୱାସ ନ ଥିଲେ ଲୋକେ କାହିଁକି ଏତେ ମୂଲ୍ୟ ଦେଇ ଲାଖରାଜ ବାଜ୍ୟାପ୍ତି ଜମି କିଣନ୍ତେ ? କିନ୍ତୁ ଏ ବିଶ୍ୱାସ ଅତି ଭ୍ରମମୂଳକ ଅଟଇ । ଆମ୍ଭେମାନେ ଅନୁସନ୍ଧାନ ପୂର୍ବକ ବୁଝିଅଛୁଁ ଯେ ଲାଖରାଜ ବାଜ୍ୟାପ୍ତିର ଅର୍ଦ୍ଧଜମା ଯେ କେବେହେଁ ବଢ଼ି ନ ହେବ ଓ ଚିରକାଳକୁ ସେହି ଜମା ରହିବ ଏପରି କିଛି ପ୍ରସଙ୍ଗ ବନ୍ଦୋବସ୍ତର କୌଣସି କାଗଜରେ ନାହିଁ ବରଂ ଏଥିର ବିପରୀତ ପ୍ରସଙ୍ଗ ଅଛି । ଗବର୍ଣ୍ଣମେଣ୍ଟ ବନ୍ଦୋବସ୍ତ ସମୟରେ ଆଜ୍ଞା ଦେଇଥିଲେ ଯେ ଅର୍ଦ୍ଧଜମା ସାନ ବନ୍ଦୋବସ୍ତ ପର୍ଯ୍ୟନ୍ତ ଧାର୍ଯ୍ୟ ହେବ ତତ୍ପରେ ପୂର୍ଣ୍ଣଜମା ବସିଣ ହେବ ଓ ଏସବୁ ଜମିକୁ ଏପରି ଠିକ ଜରିବ କରିବାକୁ ହେବ ଯେ ଯେପରି ପୂର୍ଣ୍ଣଜମା ଧାର୍ଯ୍ୟ କଲାବେଳେ ଆଉ ଜରିବ କରିବାକୁ ନ ପଡ଼ିବ । ବାଜ୍ୟାପ୍ତି ଲାଖରାଜଦାରଙ୍କ ସଙ୍ଗେ ଯେଉଁ ପଟ୍ଟା କବୁଲିୟତ ହୋଇଅଛି ସେଥିରେ "ଏ ଜମା ଅନ୍ୟ ବନ୍ଦୋବସ୍ତ ପର୍ଯ୍ୟନ୍ତ ଦେଉଥିବା" ପ୍ରସଙ୍ଗ ଲେଖାଅଛି ତେଣିକି କଣ ହେବ ସେଥିର କିଛି ଉଲ୍ଲେଖ ନାହିଁ । ଏହି ସବୁ ଦୃଷ୍ଟିରେ ବୋର୍ଡ ମୀମାଂସା କରିଅଛନ୍ତି କି ଲାଖରାଜବାଜ୍ୟାପ୍ତି ଭୂମି ଉପରେ ବର୍ତ୍ତମାନ ପୂର୍ଣ୍ଣଜମା ଧାର୍ଯ୍ୟ ହୋଇପାରେ କିନ୍ତୁ ଏପରି ଜମା ଧାର୍ଯ୍ୟ କରିବାର ସରକାରର ଅଧିକାର ଥିଲେହେଁ ଏକାବେଳକେ ତାହା କରିବାର ଉଚିତ ବୋଧ ହେଉ ନାହିଁ । ପ୍ରଥମେ ଅର୍ଦ୍ଧଜମା ଧାର୍ଯ୍ୟ ହେବାର ତାତ୍ପର୍ଯ୍ୟ ଏହି ଯେ ଲାଖରାଜଦାରମାନେ ସେ ଜମିକୁ ନିଷ୍କର ଭୋଗ କରୁଥିଲେ ପୂର୍ଣ୍ଣ କର ଦେବାକୁ ପଡ଼ିଲେ ସେମାନଙ୍କୁ ବଡ଼ ବାଧନ୍ତା ଓ ଗଣ୍ଡଗୋଳ ହୋଇ ପାରନ୍ତା ଏ ହେତୁ ସରକାର ଅର୍ଦ୍ଧଜମା ଧାର୍ଯ୍ୟ କଲେ ପୁଣି ଯେଉଁ ଦରରେ ବାଜ୍ୟାପ୍ତି ଜମିର ବନ୍ଦୋବସ୍ତ ହୋଇଅଛି ତାହା ରଏତି ବା ଅନ୍ୟ ଜମିର ଦର ପ୍ରତି ଅନେକ ଊଣା ଅଟଇ ଓ ସେ ଊଣାଦରରେ ଅର୍ଦ୍ଧଜମା ସୁତରାଂ ବାଜ୍ୟାପ୍ତି ଜମା ନାମମାତ୍ର ଅଟଇ ଏସ୍ଥଳେ ଚୌହଦୀ ଜରିପ ଅନୁସାରେ ସେ ଜମିରେ ପୂର୍ଣ୍ଣ ଜମା ଧାର୍ଯ୍ୟ କଲେ ଲୋକଙ୍କୁ ବଡ଼ ବାଧକ ହେବ ଓ ଯେଉଁମାନେ ଚିରକାଳକୁ ବା ଦୀର୍ଘକାଳ ପର୍ଯ୍ୟନ୍ତ ସେରୂପ ଜମିର ଅଳ୍ପଜମାରେ ପଟ୍ଟା ଦେଇଅଛନ୍ତି ସେମାନେ ହରବରରେ ପଡ଼ିବେ । ଯେସ୍ଥଳେ ବାଜ୍ୟାପ୍ତି ଜମିର ପୂର୍ଣ୍ଣଜମା ଧାର୍ଯ୍ୟ ନ ହେବାର

Digitized by srujanika@gmail.com

Split by PDF Splitter



ସର୍ବସାଧାରଣର ବିଶ୍ୱାସ ଜନ୍ମ ଇଦନୁଯାୟୀ ଉକ୍ତିର ବ୍ୟବହାର ବହୁକାଳରୁ ହୋଇ ଆସୁଅଛି ସେ ସ୍ଥଳେ ସରକାରଙ୍କର ସେଥି ପକ୍ଷରେ କିଛି ସ୍ୱତନ୍ତ୍ର କରିବାର ଉଚିତ । ସେହି ହେତୁରେ ପ୍ରଥମେ ଅଧାଜମା ଧାର୍ଯ୍ୟ ହେଲା ସେହି ନେଇ ପୂର୍ଣ୍ଣଜମାର ପ୍ରତିବନ୍ଧକ ହୋଇପାରେ ଅତଏବ ଆମ୍ଭମାନଙ୍କ ବିବେଚନାରେ ଅନ୍ୟ ବନ୍ଦୋବସ୍ତରେ ସରକାର ବାଜେୟାପ୍ତି ଜମି ଉପରେ ପୂର୍ଣ୍ଣଜମା ଧାର୍ଯ୍ୟ ନ କରି ବାରଅଣା ଜମା ଧାର୍ଯ୍ୟ କଲେ ଭଲ ହେବ ତତ୍ପର ଯେ ବନ୍ଦୋବସ୍ତ ହେବ ତହିଁରେ ପୂର୍ଣ୍ଣଜମା କରିବେ ଓ ତାହା ଲୋକେ ସହି ପାରିବେ ଏକାବେଳକେ ପୂର୍ଣ୍ଣଜମା ବସାଇଲେ ଲୋକଙ୍କର ବିଶେଷ କଷ୍ଟ ଓ ଅସନ୍ତୋଷ ଜାତ ହେବ ଏବଂ ସରକାରଙ୍କର ପ୍ରଜାପ୍ରିୟତା ସୁଖ୍ୟାତି ହ୍ରାସ ହୋଇଯିବ ।

ବୋର୍ଡ ଅତ୍ରିର ମୀମାଂସା କରିଅଛନ୍ତି ଯେ ସନ ୧୮୬୭ ମସିହାର ୧୦ ଆଇନରେ ଯେ ସାଧାରଣ ବନ୍ଦୋବସ୍ତ ଆଉ ୩୦ ବର୍ଷ ପର୍ଯ୍ୟନ୍ତ ସ୍ଥଗିତ ରହିଅଛି ସେ ଆଇନ ଲାଖରାଜବାଜେୟାପ୍ତି ପ୍ରତି ନ ଖଟଇ । ଏ ମୀମାଂସାରେ ଆମ୍ଭେମାନେ ଐକ୍ୟ ହୋଇ ନ ପାରୁଁ ଏହା ଆଇନ ସିଦ୍ଧ ହେଉ ବା ନ ହେଉ ଯୁକ୍ତି ଓ ନ୍ୟାୟସିଦ୍ଧ ହେଉ ନାହିଁ । ଯେବେ ସକଳପ୍ରକାର ଜମିର ବନ୍ଦୋବସ୍ତ ସ୍ଥଗିତ ରହିଲା ତେବେ ବାଜେୟାପ୍ତି ଜମିର କି ଦୋଷ ଯେ ତହିଁର ବନ୍ଦୋବସ୍ତ ବା ଜମାବସଣି ବର୍ତ୍ତମାନ ହେବ । ଗତ ବନ୍ଦୋବସ୍ତର କବୁଲିୟତରେ ଅନ୍ୟ ବା ସାନବନ୍ଦୋବସ୍ତ ପର୍ଯ୍ୟନ୍ତ ଏହି ଖଜଣା ଦେଉଥିବାର ଯେ ଲେଖା ଅଛି ସେ "ଅନ୍ୟ ବା ସାନବନ୍ଦୋବସ୍ତ" କଥାର ସାଧାରଣ ବନ୍ଦୋବସ୍ତକୁ ବୁଝାଏ ସୁତରାଂ ସାଧାରଣ ବନ୍ଦୋବସ୍ତ ପର୍ଯ୍ୟନ୍ତ ଲାଖରାଜବାଜେୟାପ୍ତି ଜମିର ସାନବନ୍ଦୋବସ୍ତ ହୋଇ ନ ପାରେ । ଯାହା ହେଉ କୌଣସିକାଳେ ବାଜେୟାପ୍ତି ଜମିର ପୂର୍ଣ୍ଣଜମା ଧାର୍ଯ୍ୟ ହେବ ଏହା ନିଶ୍ଚୟ ଅଟେ । ଖୋର୍ଦ୍ଧା ଇମାବନ୍ଦୀ, ଟଙ୍କୀ ଓ ଆଏମା ଜମିସବୁ ବାଜେୟାପ୍ତି ଜମି ତୁଲ୍ୟ ଅଟେ ଓ ସେ ସବୁରେ ମଧ୍ୟ ପୂର୍ଣ୍ଣଜମା ଧାର୍ଯ୍ୟ ହୋଇ ପାରିବ ଅତଏବ ଲୋକେ ଏଣିକି ସତର୍କ ହୋଇ ଏ ଜମିସବୁର କ୍ରୟ ବିକ୍ରୟ ଓ ଅନ୍ୟପ୍ରକାର ବ୍ୟବହାର କରନ୍ତୁ ।

## ସାପ୍ତାହିକ ସମ୍ବାଦ ।

ଆମ୍ଭମାନଙ୍କର କଲେକ୍ଟର ଶ୍ରୀଯୁକ୍ତ କର୍ନ୍ଦ ସାହେବ ମୋଫସଲ ଗସ୍ତରୁ ଫେରି ଆସି ଅଛନ୍ତି ଏହାଙ୍କୁ ସେନ ଏବର୍ଷ ତାଙ୍କର ଦଳ କ୍ଷୁଦ୍ରଗସ୍ତ ହୋଇଗଲା ଦୀର୍ଘଗସ୍ତ ଅଗନ୍ତା ଜାନୁଏରୀମାସରେ ହେବ ।

ଶୁଣାଯାଏ ଯେ ଏଠା ନାଜରର ଫୌଜଦାରୀ ମୋକଦ୍ଦମା ସମ୍ପର୍କରେ ସଦର ବୋର୍ଡ ସିରସ୍ତାଦାରଙ୍କୁ କେବଳ ଅସାବଧାନତା ଦୋଷରେ ଦୋଷୀ କରି ତାଙ୍କଠାରୁ ଜବାବ ତଲବ କରିଅଛନ୍ତି ଏବଂ ତାଙ୍କ ପକ୍ଷରେ ବ ଆଶ୍ଚ ଦଅଯିବ କମିଶନରସାହେବଙ୍କର ଅଭିମତ ରହିଅଛନ୍ତି । ଏତତ କଥାରୁ ସିରସ୍ତାଦାରଙ୍କ ବିରୁଦ୍ଧରେ ନାନାବିଧ କଥା ଉଠିଲା । ଲୋକଙ୍କର ଏ ପ୍ରବୃତ୍ତି ହେଲେ ଗ୍ରତ ଯିବ ।

ପୁରୀର ନୂତନ କଲେକ୍ଟରସାହେବ ପ୍ରବେଶ ହେବାରୁ ସ୍ମିଥସାହେବ ଏଠାକୁ ବାହୁଡ଼ି ଆସି ଅଛନ୍ତି ।

ଏଠା ହାଇସ୍କୁଲ ଚଳିତମାସ ତା ୧୬ ରିଖରୁ ଏକମାସ ପାଞ୍ଚଦିନ ସକାଶେ ବନ୍ଦ ହୋଇ ଅଛି ।

କଟକର ସିଭିଲସର୍ଜନ ଡାକ୍ତର ଷ୍ଟୁଆର୍ଟସାହେବ ଓଡ଼ିଆଭାଷାର ଉଚ୍ଚତର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଗବର୍ଣ୍ଣମେଣ୍ଟରୁ ଧାର୍ଯ୍ୟମତେ ୫୦୦୲ ଟଙ୍କା ପାରିତୋଷିକ ପାଇଅଛନ୍ତି ।

ବାଲେଶ୍ୱରର ସିଭିଲସର୍ଜନ ଯୋଗବ ସାହେବ ବଙ୍ଗଳାଭାଷାରେ ପରୀକ୍ଷା ଦେଇ ଉପରଲିଖିତରୂପ ପାରିତୋଷିକ ମଧ୍ୟ ପାଇଅଛନ୍ତି ।

କଲିକତାର ଜଣେ ସାହେବ ଯୁବରାଜଙ୍କ ଭେଟିବାସକାଶେ ଏଠାରୁ ଗୋଟିଏ ଖାବନ୍ଧ ନାଲବର୍ଣ୍ଣ ନେଇ ଅଛନ୍ତି ।

ପ୍ରିନ୍ସଅବଓଏଲସ୍ ବିଲାତରୁ ଅଧିବାସମୟରେ ମିଶରଦେଶର ରାଜକୁମାରଙ୍କୁ ଭାରତବର୍ଷର ନକ୍ଷତ୍ର ଉପାଧି ଦେଇ ଆସିଅଛନ୍ତି । ଏହାଦ୍ୱାରା ମିଶରଦେଶ ସହିତ ଭାରତବର୍ଷର ସମ୍ବନ୍ଧ ଘନିଷ୍ଠ ହେଲା ଏବଂ ସୁଏଜକାନାଲ ବାଟରେ ଇଂରାଜମାନଙ୍କ ଗମନାଗମନ ପ୍ରତି ଏହାଦ୍ୱାରା ଅନେକ ଉପକାର ହେବାର ସମ୍ଭାବନା । ଏହାଛଡ଼ା ମିଶରଦେଶର ରାଜାଙ୍କଠାରୁ ସୁଏଜକାନାଲର ଅନେକଗୁଡ଼ିଏ ଅଂଶ ଇଂରାଜଗବର୍ଣ୍ଣମେଣ୍ଟ କ୍ରୟ କରିଅଛନ୍ତି ।

ଲର୍ଡମେଓଙ୍କର ପ୍ରସ୍ତରନିର୍ମିତ ମୂର୍ତ୍ତି କଲିକତାର କଷ୍ଟମହାଉସରେ ପଡ଼ି ରହିଅଛି । ଏଥିକୁ ଗବର୍ଣ୍ଣମେଣ୍ଟଗେଜେଟରେ ବିଜ୍ଞାପନ ଦିଆଯାଇଅଛି କି ତିନିମାସ ମଧ୍ୟରେ ତାହାକୁ ଉଠାଇ ନ ନେଲେ ଖର୍ଚ୍ଚାସକାଶେ ଉକ୍ତ ମୂର୍ତ୍ତି ନିଲାମ ହୋଇଯିବ । ମୂର୍ତ୍ତି ନିର୍ମାଣର ଖର୍ଚ୍ଚା ଦେଇ ହୋଇଲା ଖର୍ଚ୍ଚା ଦେବାକୁ ଅକ୍ଷମ ଏହା ତ ସୁନ୍ଦର କଥା ।

ବମ୍ବେର ଗବର୍ଣ୍ଣମେଣ୍ଟର ଅଣ୍ଡର ସେକ୍ରେଟେରୀ ବଗିଚର ବଧି ଯାଉଁ ଏକଦଳ ପାରସିଲୋକଙ୍କ ଗାଡ଼ିମାନଙ୍କ ମଧ୍ୟଦେଇ ଯିବାକୁ ଚେଷ୍ଟା କରିବାରେ ଅନେକଗୁଡ଼ିଏ ପାରସି ତାହାଙ୍କୁ ଯଥୋଚିତରୂପେ ପ୍ରହାର କଲେ । ସାହେବ ସେମାନଙ୍କ ମଧ୍ୟରୁ ଏକଜଣକୁ ଧରି ରଖି ପୁଲିସକୁ ଅର୍ପଣ କରିଅଛନ୍ତି । ଏବଂ କି ଆପଣା ସଫାଇରେ କହଇ ଯେ ସାହେବ ତାହାଙ୍କର ଧର୍ମସମ୍ବନ୍ଧୀୟ ସମାରୋହପ୍ରତି ବାଧା ଜନ୍ମାଇ ଥିଲେ ।

କାଶ୍ମିରର ମହାରାଜ କଲିକତାକୁ ଆସିବା ବାଟରେ ତୀର୍ଥସବୁ କରି ଆସୁଅଛନ୍ତି । କାଶୀରୁ ଜଣେ ପତ୍ରପ୍ରେରକ କଲିକତାକୁ ଲେଖୁଅଛି ଯେ ମହାରାଜ ମଣିକର୍ଣ୍ଣିକାଘାଟରେ ୫୮୦୦୦୲ ଟଙ୍କା ଓ ବିଶ୍ୱେଶ୍ୱରନାଥଙ୍କ ମନ୍ଦିରରେ ୫୫୦୦୦୲ ଟଙ୍କା ଦାନ କରିଅଛନ୍ତି ଏଥିମଧ୍ୟରେ ହାତୀ ଘୋଡ଼ା ଇତ୍ୟାଦି ଅନେକ ଦ୍ରବ୍ୟ ଅଛି । ମହାରାଜ ସେଠାରେ ୨୫୦୦୦ ବ୍ରାହ୍ମଣ ଭୋଜନ କରାଇବାର ସଂକଳ୍ପ କରିଅଛନ୍ତି । ତହିଁ ବ୍ରାହ୍ମଣମାନଙ୍କୁ ଏକମୋହର ଲେଖାଏଁ ଦକ୍ଷିଣା ଦେବେ । ଏପରି ଗସ୍ତରେ ଏକଲକ୍ଷଟଙ୍କା ଦାନ କରିବେ । ଧନ୍ୟ ଏମାନଙ୍କର ଭାଗ୍ୟ ଏତେଦ୍ରବ୍ୟ ବ୍ୟୟ କରୁଯାହାହେଉଛି ଚିରସ୍ଥାୟୀ କୀର୍ତ୍ତି ନ କରନ୍ତି ବଡ଼ ଦୁଃଖର କଥା ଅଟଇ ।

ମିରଟରୁ ଅବଗତ ହେଲୁଁ ଯେ ମାନ୍ଦ୍ରାଜର ନୂତନ ଗବର୍ଣ୍ଣର ଡିଉକ୍ ଅବ ବକିଂହାମ ଶାସନ ଭାରଗ୍ରହଣ କରି ପ୍ରଥମ କାର୍ଯ୍ୟଟିରେ ଚିହ୍ନାପଡ଼ିଅଛନ୍ତି । ଦେଶୀୟଲୋକଙ୍କପାଇଁ ଗୋଟିଏ ଦରବାର ଏବଂ ଇଂରାଜଙ୍କପାଇଁ ବଏଠକ (ଲିଭି) ସଭା କରିଥିଲେ । ଦରବାରରେ ସେ ନାମର ଉପଯୁକ୍ତ କିଛି ଧୂମଧାମ ନ ଥିଲା ତାହା କେବଳ କଳାଲୋକଙ୍କର ଲିଭି ହୋଇଥିଲା । ପାସନର୍ଭିମାନେ ଯେସ୍ଥଳେ ବର୍ତ୍ତିର ବଡ଼ନ୍ଥଲାକୁ ଏତାଦୃଶ କରି ଯେନନ୍ତି ସେସ୍ଥଳେ ଅପରଲୋକଙ୍କର କଥା କଣ କହିବା ।

ଅମେରିକାରୁ ମଞ୍ଜି ଆଣି ବିଲାତରେ ଗୋଲ ଆଳୁ ମୁଖ ଭଲ ହେବ କି ନାହିଁ ଏଥିର ପରୀକ୍ଷା ହୋଇଥିଲା ଏକପ୍ରକାର ମଞ୍ଜି ଅଧସେର ହିସାବରେ ୩୧୭ ଅଳୁ ପ୍ରାପ୍ତ ହୋଇଅଛି ଓ ଆଉ ଏକ ପ୍ରକାର ମଞ୍ଜିଦ୍ୱାରା ୧ ସେ ୫୪୬ ର ଫସଲ ମିଳିଅଛି । ଏତେ ଅଧିକ ଫଳ ଫଳିବାର ପୂର୍ବେ କେବେ ଦେଖା ନ ଥିଲା ।

ଡାକ୍ତର ମହେନ୍ଦ୍ରଲାଲ ସରକାରଙ୍କ ବିଜ୍ଞାନସଭା ଶୀଘ୍ର ଆରମ୍ଭ ହେବାର ଉଦ୍ୟୋଗ ହୋଇଅଛି । କିପ୍ରକାରରେ ସଭା ଆରମ୍ଭ ହେବ ତହିଁର ବିବରଣସବୁ ସ୍ଥିର କରିବା ନିମନ୍ତେ ଗୋଟିଏ କମିଟି ନିଯୁକ୍ତ ହୋଇଅଛି ।

Digitized by srujanika@gmail.com

ଉତ୍କଳଦର୍ପଣ ବୋଲନ୍ତି ବାଲେଶ୍ୱର ନଗରର କୌଣସି ପୁଷ୍କରିଣୀରେ ଧଣ୍ଡାପଟାଏ ପାଣିରେ ଦେଲୁଥିଲା । ସେଠାରେ ଏକ ବଗ ହଠାତ୍ ପ୍ରବେଶ ହୋଇ ସାପକୁ ମାଛପ୍ରାୟ ମଣି ତାହା ମୁଣ୍ଡରୁ ଧରନ୍ତା ଭନ୍ତୁଁ ସାପ ଲଞ୍ଜଅଗ୍ରେ ବଗ ବେକରେ ଏପରି ଗୁଡାଇ ହୋଇଗଲା ଯେ ବଗ ଅନାଯୃତ୍ତ ହୋଇ ପ୍ରାଣ ତ୍ୟାଗ କଲା । କିନ୍ତୁ ସାପ ବର୍ତ୍ତିଲା ନାହିଁ; ଆଶପାଖରେ ଥିବା ଲୋକମାନେ ସାପକୁ ମାରି ପକାଇଲେ ।

ଉକ୍ତ ପତ୍ରିକାରୁ ଅବଗତ ହେଲୁଁ ଯେ ହଲକାର ମହାରାଜା ଆପଣାର ଟଙ୍କଶାଳା ଉଠାଇ ଦେବେ ଓ ବୋମ୍ବେରୁ ମୁଦ୍ରା ନେଇ ଆପଣା ରାଜ୍ୟରେ ଚଳାଇବେ । ଟଙ୍କଶାଳ ଉଠାଇ ଦେବାର କ୍ଷତିପୂରଣ ସକାଶେ ସରକାର ତାଙ୍କୁ ଟ ୨୫୦୦୦ କା ପ୍ରତିବର୍ଷ ଦେବେ । ଏ ମୁଦ୍ରାର ଏକ ପାଖରେ ଗବର୍ଣ୍ଣମେଣ୍ଟଙ୍କ ମୋହର ଓ ଅନ୍ୟ ପାଖରେ ମହାରାଜଙ୍କ ମୋହର ରହିବ ଏବଂ ଭାରତବର୍ଷର ସକଳ ସ୍ଥାନରେ ଚଳିବ ।

ଏଲ୍ଫିନ୍‌ଷ୍ଟୋନ ଜେନରଲ ସାହେବ ଆଜ୍ଞା ଦେଇଅଛନ୍ତି ଯେ ଅମଲମାନେ ଚଳିତ ଡିସେମ୍ବର ମାସର ବେତନ ଏହି ମାସ ତା ୨୨ ଖରେ ପାଇ ପାରିବେ ବ ୧୬ ନ କରେଷ୍ଟବନ ସଙ୍ଗେ ବେତନ ଦେବାର ଅଜ୍ଞାଟି ଅମଲମାନଙ୍କୁ ବିଶେଷ ସନ୍ତୁଷ୍ଟ କରଅଛି ବସ୍ତୁତଃ ଏଥିରେ ସେମାନଙ୍କର ବିଶେଷ ସୁବିଧା ହେବ ।

ନିଶରଦେଶର ସ୍ୱାଙ୍କର ଉପାଧି ଖେଦବ ଅଟଇ । ସେ ଆପଣା ପରିବାରସ୍ଥ ଲୋକଙ୍କୁ ରାଜକାର୍ଯ୍ୟରେ ଆପଣାର ସହଯୋଗୀ ନିଯୁକ୍ତ କରଅଛନ୍ତି ଯଥା, ତାହାଙ୍କର ଜ୍ୟେଷ୍ଠପୁତ୍ର ପ୍ରଧାନ ମନ୍ତ୍ରୀ ପଦରେ ଏବ ଦ୍ୱିତୀୟପୁତ୍ର ସାଧାରଣ ଶିକ୍ଷାବିଭାଗର ମନ୍ତ୍ରୀ ପଦରେ ନିଯୁକ୍ତ ହୋଇ ଅଛନ୍ତି ଅଉ ସବୁ ବିଭାଗରେ ତାହାଙ୍କର ଶଳାମାନେ ନିଯୁକ୍ତ ହୋଇଅଛନ୍ତି ଏବ୍ୟବସ୍ଥାଟି ବଡ ସୁନ୍ଦର ଅଟଇ ଏଥିରେ ଜଜକୁମାରମାନେ ଶାସନ କାର୍ଯ୍ୟ ଉତ୍ତମରୂପେ ବୁଝିପାରିବେ ।

ମହାମାନ୍ୟ ଗଭର୍ଣ୍ଣର ଜେନରଲ ସାହେବ ବମ୍ବେଠାରୁ ପ୍ରତ୍ୟାଗମନ କରି ଚଳିତମାସ ତା ୯ ଖରେ କଲିକତାରେ ପ୍ରବେଶ ହେଲେ ।

ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ ଯେ ମାନ୍ଦ୍ରାଜ ନଗରରେ ୩୭୨୫୨୧ କଲିକତାରେ ୩୪୭୬୦୦ ଓ ବମ୍ବେଇରେ ୬୪୪୪୦୫ ଲୋକ ବାସକରନ୍ତି ଓ ହାସ୍‌ହାର ହେଷାବପ୍ରାପ୍ତ ମାନ୍ଦ୍ରାଜର ପ୍ରତ୍ୟେକ ବ୍ୟକ୍ତିକୁ ଟ୧.୭୭ କଲିକତାର ପ୍ରତ୍ୟେକ ବ୍ୟକ୍ତିକୁ ଟ୩.୮୦ ଓ ବମ୍ବେଇର ପ୍ରତ୍ୟେକ ବ୍ୟକ୍ତିକୁ ଟ୩.୭୪ ମିଉନିସିପଲକର ଦେବାକୁ ହୁଅଇ ।

ଏକପ୍ରକାର ବିଦ୍ୟୁଦୀପ୍ତ କାର୍ଯ୍ୟଦ୍ୱାରା ଚୋରି କରି ଅସୁଥିବା ନୌକାମାନଙ୍କ ଅନୁସର ଗତି ରୋଧକରିବାର ଗୋଟିଏ ଉପାୟ ଜଣେ ଫରାସୀ ଇଞ୍ଜିନୀୟର ଅବିଷ୍କାର କରିଅଛନ୍ତି । ଏଉପାୟଟିକୁ ସେଠା ଗବର୍ଣ୍ଣମେଣ୍ଟ ବୋପନ ରଖିବାର ସ୍ଥିର କରିଅଛନ୍ତି ।

ଇଲାହାବାଦ ଅନ୍ତର୍ଗତ ଜୟପୁରର ରାଜା ସ୍ୱଜନଚନ୍ଦ୍ର ଦେବଙ୍କୁ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ମହାରାଜା ଉପାଧି ପ୍ରଦାନ କରଅଛନ୍ତି । ସେହି ମହତ୍କାର୍ଯ୍ୟ ସକାଶେ ଏ ମର୍ଯ୍ୟାଦା ପ୍ରଦତ୍ତ ହେଲା ଅମ୍ଭେମାନେ ଜାଣିବାକୁ ବାସନା କରୁଁ ।

ମାନ୍ଦ୍ରାଜର ଏକ ସଂମ୍ବାଦପତ୍ର ଅନୁମାନ କରନ୍ତି ମାଲବ ଯୁଦ୍ଧଟି କଠିନ ଓ ଦୀର୍ଘକାଳବ୍ୟାପୀ ଯୁଦ୍ଧ ହେବାର ସମ୍ଭାବନା । ମାଲୟମାନେ ବଡ଼ ଭୟଙ୍କର ଓ ଚଞ୍ଚଳପ୍ରକୃତି ଲୋକ ଅଟନ୍ତି ଏବ ଯୁଦ୍ଧକରିବାକୁ ତାହାଙ୍କର କ୍ଷମତା ଅଛି ।

ଆଉଧ ଓ ରୋହିଲଖଣ୍ଡ ରେଲ ବାଟରେ ଗୋଟିଏ ଶକଟରେ ଅଗ୍ନି ଲାଗି ଅନେକ କ୍ଷତି ହୋଇଅଛି ସୁଖର ବିଷୟ ଯେ କେହି ପଥିକ କ୍ଲେଶ ପାଇ ନାହାନ୍ତି କେବଳ ଦ୍ରବ୍ୟ ନଷ୍ଟ ହେଲା । ରେଲଗାଡିରେ ଗମନାଗମନ କରିବା ଯେମନ୍ତ ସହଜ ତେମନ୍ତ ଅନେକ ପ୍ରକାର ଅପଦ ମଧ୍ୟ ଘଟଇ ।

ବାଙ୍କୁଡାରେ ଆଗାମୀ ବର୍ଷରେ ଗୋଟିଏ କୃଷିପ୍ରଦର୍ଶନ ହେବାର ଉଦ୍ୟମ ଲାଗିଅଛି । ସେଠାର ମାଜିଷ୍ଟ୍ରେଟଙ୍କ ଯତ୍ନରେ ଏ ପ୍ରସ୍ତାବଟି ହୋଇଅଛି ଓ ଏଥିପାଇଁ ଗୋଟିଏ କମିଟୀ ନିଯୁକ୍ତ ହୋଇଅଛି । ଏ କାର୍ଯ୍ୟ ସକାଶେ ଅନେକ ଚାର ଟଙ୍କା ଚେନ୍ଦା ଉଠିଲାଣି ।

ଫରାସିମାନେ ଏଥର କୁକୁର ମାଂସ ଭୋଜନ କରିବାକୁ ଉଦ୍ୟମ କରୁଅଛନ୍ତି । ପ୍ରଥମ ଭୋଜନଟି ଗତମାସରେ ହେବାର ଥିଲା । ହିନ୍ଦୁପେଟ୍ରିଅଟ ବୋଲନ୍ତି ଚୀନର ଲୋକଙ୍କଠାରୁ ଏ ବିଷୟ ଇଉରୋପୀୟମାନେ ଶିଖିଅଛନ୍ତି । ମାଂସ କୁକୁରକୁ ବେପରି ଭଲ ଭୋଜନ ନ ଦେଲେ ତାହାର ମାଂସ ସ୍ୱାଦୁ ହେବ ନାହିଁ ।

କୋର୍ଟ ରେବନୁଙ୍କ ମାସିକ ଲବଣ ଉତ୍ପତ୍ତିର ବିଜ୍ଞାପନରୁ ଜଣାଯାଏ ଯେ ଅପ୍ରେଲଠାରୁ ଜୁନ ପର୍ଯ୍ୟନ୍ତ ତିନିମାସ ମଧ୍ୟରେ ଲିଭରପୁଲରୁ ପ୍ରାୟ ୭୮ ହଜାର ଟନ ଲବଣ କଲିକତାକୁ ଆମଦାନି ହୋଇଥିଲା । ଏହି ଟନ କଲିକତା ୨୭ ମହଣ ଓଜନ ହେବ ସୁତରାଂ ୨୧ ଲକ୍ଷ ମହଣ ଲୁଣ ଆମଦାନି ହୋଇଥିଲା ।

---

ବିଜ୍ଞାପନ ।

ପୁରୀଜିଲ୍ଲାର ଗବର୍ଣ୍ଣମେଣ୍ଟ ପାଠଶାଳାରେ ଯେଉଁ ଅବଧାନମାନେ ଅଧ୍ୟାପନା କରିବା ନିମନ୍ତେ ଛମାସ ପ୍ରଶସ୍ତ ନର୍ମାଲବିଦ୍ୟାଳୟକୁ ଆସିବେ ସେମାନଙ୍କ କାର୍ଯ୍ୟରେ ଜ ୧୬ ଣ ଅବଧାନ ନିଯୁକ୍ତ କରିବାର ଅବଶ୍ୟକ, ଯେଉଁମାନେ କଟକ ନର୍ମାଲସ୍କୁଲର ଅବଧାନଶ୍ରେଣୀରେ ପଢି ପରୀକ୍ଷୋତ୍ତୀର୍ଣ୍ଣ ହୋଇ ଅଛନ୍ତି ସେମାନଙ୍କୁ ନିଯୁକ୍ତ କରାଯିବ । ପ୍ରାର୍ଥିମାନେ ଚଳିତମାସ ୨୨ ତାରିଖ ପୂର୍ବେ ଆମ୍ଭଠାକୁ ଆବେଦନ କରିବେ ତମ୍ଭା ଆମ୍ଭ ନିକଟରେ ଉପସ୍ଥିତ ହେବେ ।

ଏ ଛମାସ କର୍ମ କଲାଉତ୍ତାରୁ ଅନ୍ୟ ଯେଉଁ ଦଳ ଅବଧାନ ପଢିବାକୁ ଆସିବେ ସେମାନଙ୍କ କର୍ମରେ ଏମାନେ ରହିବେ ଓ କୌଣସି ପାଠଶାଳାର କାର୍ଯ୍ୟ ଖାଲି ହେଲେ ଏମାନଙ୍କର ପାଇବାର ଅଧିକ ସମ୍ଭାବନା ।

| | |
|---|---|
| କଟକ<br>୧୬ତାରିଖ ଡିସେମ୍ବର<br>୧୮୭୫ | (Sd.) N. K. Das<br>*Joint Inspector of Schools.* |

---

ଏତଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଉ ଅଛୁଁ ଯେ "ସ୍ୱଦେଶୀ" ନାମକ ଏକ ସାପ୍ତାହିକ ପତ୍ରିକା ସନ ୧୮୭୬ ମସିହା ଜାନୁଆରିମାସ ତା ୭ ରିଖରୁ ପ୍ରକାଶିତ ହେବ ଏହାର ସବିଶେଷବୃତ୍ତାନ୍ତ ଜାଣିବାକୁ ଇଚ୍ଛା ହେଲେ ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତିଙ୍କଠାରେ ଅନୁସନ୍ଧାନ କଲେ ସବୁ ଜାଣି ପାରିବେ । ଏହାର ଅଗ୍ରିମ ମୂଲ୍ୟ ପରିକାପତ୍ର ହେବ ।

ବାର୍ଷିକମୂଲ୍ୟ ।

ଅଗ୍ରିମଦେୟ ।

| | |
|---|---|
| ବ୍ରହ୍ମପୁରରେ | ଟ ୨୯ |
| ଡାକଦ୍ୱାରା | ଟ ୩୫ |
| ଡିଷ୍ଟ୍ରିକ୍ଟ ପ୍ରତିନିଧିଦ୍ୱାରା ଟ | ୨୫ |

ଅନ୍ତିମଦେୟ ।

| | |
|---|---|
| ବ୍ରହ୍ମପୁରରେ | ଟ ୨୫ |
| ଡାକଦ୍ୱାରା | ଟ ୪୯ |
| ଡିଷ୍ଟ୍ରିକ୍ଟ ପ୍ରତିନିଧିଦ୍ୱାରା ଟ | ୩୯ |

ଭଲଲସ୍ୱାମ୍ ମହାନ୍ତି ।
ବ୍ରହ୍ମପୁର ଗଞ୍ଜାମ ।

---

ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖଣ୍ଡ | ସଂଖ୍ୟା — ତା୨୨ରଖ ଡିସମ୍ବର ସନ୧୮୮୭ ମସିହା । ମୂ । ପୌଷ ଦ ୧୩ ନ ସନ୧୨୯୫ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ୨॥
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୩
ମଫସଲ ପାଇଁ ଡାକମାସୁଲ ୧୵


ସାଧାରଣ ଧର୍ମିଣ କାର୍ଯ୍ୟର ତତ୍ତ୍ୱାବଧାରଣ ନିମିତ୍ତ ଜଣେ ସ୍ୱତନ୍ତ୍ର ମନ୍ତ୍ରୀ ଗବର୍ଣ୍ଣମେଣ୍ଟ ଇଣ୍ଡିଆରେ ନିଯୁକ୍ତ ହେବା ପାଇଁ ପାର୍ଲିମେଣ୍ଟ ସଭାରେ ଯେଉଁ ଆଇନ ହୋଇଅଛି ପ୍ରଥମେ ଅନୁମାନ ହୋଇଥିଲା ଯେ ଗବର୍ଣ୍ଣର ଜେନେରଲ ସାହେବ ଉକ୍ତ କର୍ମର ବଡ ଆବଶ୍ୟକ ଦେଖୁ ନ ଥିବାରୁ ତାହାରକୁ ନିଯୁକ୍ତ କରିବେ ନାହିଁ । ସମ୍ପ୍ରତି ନିଶ୍ଚୟ ଶୁଣାଯାଏ ଯେ ମହାମାନ୍ୟ ପ୍ରତିନିଧି ସାହେବ ଜଣେ ସିବିଲସ୍ୱାନଙ୍କୁ ଉକ୍ତ କର୍ମରେ ନିଯୁକ୍ତ କରିବେ ମାତ୍ର ବର୍ତ୍ତମାନ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କ ସଭାରେ ଯେତେଜଣ ସଭ୍ୟ ଅଛନ୍ତି ସେତିକି ସଭ୍ୟ ରହିବେ ଅତିରିକ୍ତ ସଭ୍ୟ ବୋଲି ଉକ୍ତ କର୍ମରେ ନିଯୁକ୍ତ ହେବେ ନାହିଁ । ଉକ୍ତ ପ୍ରକାର ସମ୍ଭବ ହେଲେ ଏହାଦ୍ୱାରା ଭାରତବର୍ଷର ବ୍ୟୟ ବୃଦ୍ଧି ହେବ ନାହିଁ ଅଥଚ ପାର୍ଲିମେଣ୍ଟ ସଭାର ଖାତିର ରହିବ ।

---

ବାବୁ ଶୁଭେନ୍ଦୁ ଦତ୍ତ ନାମରେ କଲିକତାର ଜଣେ ସମ୍ଭ୍ରାନ୍ତ ବ୍ୟକ୍ତି ଗତ ଦ ୮।୧୦ ନ ହେଲା ଏ ନଗରକୁ ଆସିଅଛନ୍ତି ଓଡିଶାର ପ୍ରଧାନ ସ୍ଥାନମାନ ଏବଂ ଏଠାର ରୀତି ନୀତିସବୁ ଦେଖିବା ତାହାଙ୍କର ନିତାନ୍ତ ଇଚ୍ଛା ଓ ସେ ଆଶା ସଫଳ କରିବାରେ ନିଯୁକ୍ତ ଅଛନ୍ତି । ବାବୁ ମହାଶୟ କଲିକତାର ଗୋଟିଏ ବିଖ୍ୟାତ କାପଡ ପ୍ରତିନିଧି ଅଟନ୍ତି ଏବଂ ସ୍ୱୟଂ ନିସ୍ୱାର୍ଥଭାବରେ ଅନେକ ଦାନ ଓ ପରୋପକାର କାର୍ଯ୍ୟ କରି ଖ୍ୟାତି ଲଭି ଅଛନ୍ତି । ହୋମିଓପାଥିକ ଚିକିତ୍ସା ଏହାଙ୍କଦ୍ୱାରା କଲିକତାରେ ପ୍ରଚାର ହୋଇଥିବାର ବୋଲିଲେ ଅତ୍ୟୁକ୍ତି ହେବ ନାହିଁ । ବିନା ମୂଲ୍ୟରେ ଏବଂ ବିଶେଷ ପରିଶ୍ରମ ସହକାରେ ସେ ଉକ୍ତ ପ୍ରଣାଳୀରେ ଅନେକ ରୋଗିଙ୍କର ଚିକିତ୍ସା କରୁଅଛନ୍ତି । ଏଠାକୁ ଆସିବା ଚିକିତ୍ସା କରିବାକୁ କ୍ଷାନ୍ତ ନାହାନ୍ତି କାରଣ ଏଠାରେ ଯେକେହି ଚିକିତ୍ସା ଲଭିବାକୁ ପ୍ରାର୍ଥୀ ହୋଇଅଛନ୍ତି ତାହାଙ୍କର ମାନସ ପୂର୍ଣ୍ଣ କରୁଅଛନ୍ତି ।

---

ଅମ୍ଭେମାନେ ଶୁଣୁଅଛୁଁ ଯେ ସରକାର ବାହାଦୁର ବର୍ତ୍ତମାନ ଏ ଜିଲ୍ଲାରେ ଶୁକୁଆ ବେପାର ଆରମ୍ଭ କରି ଯେଉଁ ଯେଉଁ ସ୍ଥାନରେ ଲବଣ ଯୋଗାନ ହେଉଅଛି ସେହି ସେହି ସ୍ଥାନରେ ମାଛ ମାରି ଲବଣ ଦେଇ ଶୁଖୁଆ ପ୍ରସ୍ତୁତ କରିବା ସକାଶେ ଲୋକ ନିଯୁକ୍ତ କରୁଅଛନ୍ତି । ଏ ଜିଲ୍ଲା କଲେକ୍ଟରୀରେ ତହିଁର ବନ୍ଦୋବସ୍ତ ହୋଇଅଛି । କାହିଁକି ଏ ବେପାରରେ ଗବର୍ଣ୍ଣମେଣ୍ଟ ମତ୍ତ ହୋଇଅଛନ୍ତି ଅମ୍ଭେମାନେ କହି ନ ପାରୁଁ ଅମ୍ଭେମାନେ ଯାହା ଶୁଣିଲୁଁ ପାଠକମାନଙ୍କୁ ଜଣାଇଲୁଁ । ଯେବେ ଏ କଥାସବୁ ସତ୍ୟ ହୁଅଇ ତେବେ କାର୍ଯ୍ୟଟି ଏ ଜିଲ୍ଲା ପକ୍ଷରେ ସୁଖକର ଅଟଇ କାରଣ ଏଠାରେ ଶୁଖୁଆର ଗ୍ରାହକ ଅନେକ ଅଛନ୍ତି । ଅନୁମାନ ହୁଅଇ ଶ୍ରୀଯୁକ୍ତ କମିଶନରସାହେବ ଏଥିପୂର୍ବେ ଯେ ଶୁଖୁଆ ଫସଲ ନଷ୍ଟ ହେବାର ଆକ୍ଷେପ ପ୍ରକାଶ କରି ଲବଣ ଉପରେ ଅଧିକ କର ଗୃହୀତ ହେଉଥିବା ତହିଁର କାରଣ ସ୍ୱରୂପ ପ୍ରଦର୍ଶିତ କରିଥିଲେ ସେହି ନିମନ୍ତେ ଏରୂପ ବେପାର ଆରମ୍ଭ ହୋଇଅଛି ।

---

ବାବୁ ଲକ୍ଷ୍ମୀନାରାୟଣ ଚୌଧୁରୀଙ୍କ ନାଲିଶ ମତେ ବାବୁ ଦୀନନାଥ ବନ୍ଦ୍ୟୋପାଧ୍ୟାୟ ଦୁର୍ନାମ କରିବା ଅଭିଯୋଗରେ ୱାରେଣ୍ଟରେ ଗିରଫ୍ତାର ହୋଇ ଏକ ହଜାରଟଙ୍କାର ଯାମିନ ତଲବ ହେବାରେ ଦେଇ ନ ପାରି ଦୁଇ ଦିନ ହାଜତରେ ରହିଥିଲେ । ମୋକଦ୍ଦମାର ଅବସ୍ଥା ଏରୂପ ଶୁଣାଯାଏ ଯେ ଲକ୍ଷ୍ମୀନାରାୟଣ ବାବୁ କେତେକ ଜମିଦାରୀକୁ ନାମିନରେ ଅବଦ୍ଧ କରିବାରେ ଦୀନନାଥ ଆପଣା ପୁତ୍ରଙ୍କ ପକ୍ଷରେ ଏହି ଆପତ୍ତି କଲେ କି ଉକ୍ତ ସମ୍ପତ୍ତିରେ ତାହାଙ୍କ ପୁତ୍ରଙ୍କର ସତ୍ତ୍ୱ ଅଛି ମାତ୍ର ଲକ୍ଷ୍ମୀନାରାୟଣ ବାବୁ ଆପଣା ଭାଇର ସ୍ତ୍ରୀଙ୍କ ଯୋଗସାଜସରେ କୃତ୍ରିମ ଦସ୍ତାବିଜଦ୍ୱାରା ଉକ୍ତ ପୁତ୍ରମାନଙ୍କୁ ନୈରାଶ କରିବାକୁ ବସି ଅଛନ୍ତି ତହିଁପାଇଁ ଅଦାଲତରେ ନାଲିଶ ହେବ ଓ ଏଥି ମଧ୍ୟରେ ସମ୍ପତ୍ତି ନଷ୍ଟ ହୋଇ ନ ଯାଏ ଏହି ଉଦ୍ଦେଶ୍ୟରେ ଦୀନନାଥ ମୁକ୍ତାରେମ ହୋଇ ଥିଲେ । କଲେକ୍ଟର ଶ୍ରୀଯୁକ୍ତ ବମ୍ସ ସାହେବ ମୁକ୍ତାରେମୀ ନାମଞ୍ଜୁର କରି କୃତ୍ରିମ ଦସ୍ତାବିଜ ପ୍ରସ୍ତୁତ କରିବାର କଥା ଲେଖିଥିବାରୁ ଲକ୍ଷ୍ମୀନାରାୟଣ ବାବୁଙ୍କ ଫୌଜଦାରୀରେ ଅଭିଯୋଗ କରିବା ପାଇଁ

Split by PDF Splitter

Digitized by srujanika@gmail.com

Split by PDF Splitter



ଅନୁମତି ଦେଲେ । ତଦନୁସାରେ ଉପରଲିଖିତ ଘଟନା ହୋଇ ଅଛି । ମୋକଦ୍ଦମା ବିଚାରାଧୀନରେ ଥିବାରୁ ଆମ୍ଭେମାନେ କୌଣସି ମତାମତ ପ୍ରକାଶ କରି ନ ପାରି ମାତ୍ର ଦୀନନାଥ ବନ୍ଦ୍ୟୋପାଧ୍ୟାୟ ଏଥିପୂର୍ବେ ସ୍ୱଦେଶୀନାମକ ସମ୍ବାଦପତ୍ରର ସମ୍ପାଦକ ଥିବାରୁ କେତେକ ଲୋକ ସ୍ୱଦେଶୀ ଦଳବଳରେ ପଡ଼ିଅଛନ୍ତି ବୋଲି କହୁ ଅଛନ୍ତି । ଆମ୍ଭେମାନେ ଭରସା କରୁଁ ଯେ ସ୍ୱଦେଶୀର ସମ୍ପାଦକଙ୍କ ସହିତ ଏ ସବୁ କାର୍ଯ୍ୟର କୌଣସି ସମ୍ପର୍କ ନାହିଁ ଓ ଯେଉଁମାନେ ଏ ଦୁଇକଥାକୁ ଯୋଗ କରି ଅଛନ୍ତି ସେମାନେ ଭ୍ରମବଶତଃ ହାକିମଙ୍କଠାରେ ଦୋଷାରୋପ କରିଅଛନ୍ତି ।

---

## ସନ ୧୮୭୪ ମସିହା ।

ଏହିଥରର ପତ୍ରିକା ସହିତ ଆମ୍ଭେମାନେ ସନ ୧୮୭୪ ମସିହାକୁ ବିଦାୟ ଦେଉଅଛୁଁ । ଯଦ୍ୟପି ଏ ବର୍ଷର ଆରମ୍ଭରେ ଏ ପ୍ରଦେଶର ଏକ ସଂକୀର୍ଣ୍ଣ ସ୍ଥାନରେ ଦୁର୍ଭିକ୍ଷ ପଡ଼ିବାର ଆଶଙ୍କା ହୋଇଥିଲା ଓ ବର୍ଷଶେଷରେ ସେହିପରି ଏଠାର ଅଳ୍ପପରିମାଣ ଭୂମିଖଣ୍ଡରେ ପ୍ରବଳ ବାତ୍ୟା ଯୋଗୁଁ କେତେକ ଅନିଷ୍ଟ ଘଟିଥିଲା ଉକ୍ତ ଦୁର୍ଭିକ୍ଷ ଓ ବାତ୍ୟାର ପ୍ରକୋପ ବଙ୍ଗଦେଶରେ ବିଶେଷରୂପେ ପ୍ରତ୍ୟକ୍ଷ ହୋଇଥିଲେ ମଧ୍ୟ ଈଶ୍ୱରଙ୍କ କୃପା ଓ ଗବର୍ଣ୍ଣମେଣ୍ଟଙ୍କ ସୁବନ୍ଦର ପୂର୍ବକ କର୍ତ୍ତବ୍ୟ ସାଧନରୁ ବର୍ତ୍ତମାନ ସମ୍ପୂର୍ଣ୍ଣରୂପେ ସମ୍ବରିତ ହୋଇଅଛି ମାତ୍ର ସ୍ଥୂଳରୂପେ ବିବେଚନା କରିବାରେ ସନ ୧୮୭୪ ମସିହା ଓଡ଼ିଶାକୁ ଉତ୍ତମରୂପେ ପ୍ରତିପାଳନ କରି ବିଦାୟ ହେଉଅଛି ଓ ଆଗାମୀବର୍ଷ ପାଇଁ ଫସଲର ଅବସ୍ଥା ମଧ୍ୟ ଭଲକରି ଦେଇଅଛି । ସ୍ଥୂଳବିଷୟ କାର୍ଯ୍ୟ ପ୍ରତି ଲକ୍ଷ କଲେ ସନ ୧୮୭୪ ମସିହା ପରି ସୁ ବର୍ଷ ଅନେକ ଦିନରୁ ଦେଖିବାରେ ଆସି ନାହିଁ । ଏ ବର୍ଷ ଋତୁମାନେ ସମସ୍ତେ ପ୍ରବଳ ଥିଲେ ଗ୍ରୀଷ୍ମ ବର୍ଷା ଶୀତ ଯେଯାହା ଋତୁରେ ସାଧାନୁସାରେ ଆପଣା ପରାକ୍ରମ ଦେଖାଇ ଅଛନ୍ତି ଓ ଯଦ୍ୟପିବି ଋତୁସବୁ ପ୍ରବଳ ହେବାରେ ତଦାନୁଷଙ୍ଗିକ ଦୁର୍ଘଟନାମାନ ଯଥା ଓଲଉଟା ବନ୍ୟାଦିର ପ୍ରଚୁର ବାରଣ ହୋଇ ପ୍ରାଣୀ ଓ ଫସଲ ନଷ୍ଟ କରିବାର ଶାନ୍ତ ନ ଥିଲେ ତଥାପି କୌଣସି ଦୁର୍ଘଟନା ଏମନ୍ତ ପ୍ରବଳ ହୋଇ ନାହିଁ ଯହିଁରେ ସର୍ବସାଧାରଣଙ୍କର ଅଶାନ୍ତି ମନସ୍ତାପ ଓ ଭୟର କାରଣ ହୋଇଅଛି । ସୁଖ ଦୁଃଖ ସଂସାରର ନିୟମ ଓ ଅମିଶ୍ର ସୁଖ କି ଦୁଃଖ କୌଣସି ସମୟରେ ଦେଖାଯାଏ ନାହିଁ ଏ ସ୍ଥଳେ ଯେବେ କୌଣସିକାଳରେ ଦୁଃଖଠାରୁ ସୁଖର ଭାଗ ଅଧିକ ହୁଅଇ ତେବେ ସେହିକାଳକୁ ଭଲ ବୋଲିବାକୁ ହେବ । ସନ ୧୮୭୪ ମସିହା ଏହିପ୍ରକାର ବିବେଚନାରେ ସୁଖରେ ଅତିବାହିତ ହୋଇଅଛି ବୋଲିବାକୁ ହେବ ଏବଂ ବିଶେଷରେ ଏ ବର୍ଷ ଆମ୍ଭମାନଙ୍କର ସ୍ଥାନୀୟ ଶାସନକର୍ତ୍ତା ବଙ୍ଗଲାର ମାନ୍ୟବର ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ଏଠାକୁ ଶୁଭାଗମନ କରି ଆମ୍ଭମାନଙ୍କର ଅବସ୍ଥା ଦେଖିଯାଇ ଅଛନ୍ତି ଅତଏବ ଆମ୍ଭମାନଙ୍କର କେତେଗୁଡ଼ିଏ ମଙ୍ଗଳ ସାଧନ କରିବାର ସମ୍ଭାବନା ଥିବାରୁ ଏ ବର୍ଷ ଆଉ ଏକ ପ୍ରକାର ଶୁଭଫଳ ଦେଇଯାଇ ଥିବାର କୁହାଯାଇ ପାରେ । ଏହି ସବୁ ବିବେଚନାରେ ଆମ୍ଭେମାନେ ସନ ୧୮୭୪ ମସିହାକୁ ଆନନ୍ଦ ସହିତ ସମାଦର ପୂର୍ବକ ବିଦାୟ ଦେଇ ପାଠକମାନଙ୍କୁ ସ୍ମରଣ କରାଇ ଦେଉଅଛୁଁ ଯେ ବଡ଼ଦିନ ଉପଲକ୍ଷରେ ନାନାପ୍ରକାର ଆନନ୍ଦ ଉପଭୋଗ କରି ଏ ବର୍ଷର ସତ୍କାର୍ଯ୍ୟ କରନ୍ତୁ ଓ ଆଗାମୀ ବର୍ଷରେ ଅଧିକ ସୁଖସ୍ୱଚ୍ଛନ୍ଦତା ଲାଭ କରିବା ସକାଶେ ଈଶ୍ୱରଙ୍କଠାରେ ପ୍ରାର୍ଥନା କରନ୍ତୁ ।

---

## ମଞ୍ଚେଷ୍ଟରର ଲୁଗା ମହାଜନ ।

ପାଠକମାନେ ଜାଣନ୍ତି ଯେ ଅଳ୍ପକାଳ ଭାରତବର୍ଷରେ ବିଲାତି ଲୁଗାର କାରବାର ଅତ୍ୟନ୍ତ ବୃଦ୍ଧି ହୋଇ ଅଛି ଓ ବର୍ଷକୁବର୍ଷ ଏଦେଶର ଲୋକମାନେ ଅଧିକତର ପରିମାଣରେ ବିଲାତି ଲୁଗା ବ୍ୟବହାର କରୁ ଅଛନ୍ତି । ଏମନ୍ତ କି ବିଲାତିଲୁଗା କାରବାରହେତୁରୁ ଦେଶର ତନ୍ତୀକୁଳ କ୍ରମଶଃ ଲୋପକୁ ଯାଉଅଛନ୍ତି ଓ ପୁରାତନ କାଳରେ ଉତ୍କୃଷ୍ଟ ଲୁଗା ପ୍ରସ୍ତୁତ କରିବା ବିଷୟରେ ଭାରତବର୍ଷର ଯେଉଁ ଖ୍ୟାତି ଥିଲା ତାହା ବିଲୁପ୍ତପ୍ରାୟ ହୋଇଅଛି । ଆଉ ଏବେ ଢାକାଇମଲ୍‌ମଲ ଓ ଦକ୍ଷିଣୀ ଛିଟର ନାମ ନାହିଁ ଏହି ଦେଶରୁ ଇଉରୋପର ନାନାସ୍ଥାନକୁ ଉତ୍କୃଷ୍ଟଲୁଗା ପୂର୍ବେ ରପ୍ତାନି ହେଉଥିଲା ଏବେ ସେସବୁ ଦେଶର ଲୁଗା ଆମଦାନି କରି ଆମ୍ଭେମାନେ ବ୍ୟବହାର କରୁଅଛୁଁ ଓ ସେ ସବୁ ଲୁଗା ସୁଲଭ ମୂଲ୍ୟରେ ପାଇବାରୁ ଏତେ ସୁବିଧା ବୋଧ ହେଉଅଛି ଯେ ଆଉ ଦେଶୀଲୁଗା ପିନ୍ଧିବାକୁ ମନ ବଳୁ ନାହିଁ । ଯେତେ ବିଦେଶୀୟ ଲୁଗା ଆମ୍ଭେମାନେ ବ୍ୟବହାର କରୁଁ ତହିଁର ଅଧିକାଂଶ ଇଂଲଣ୍ଡରୁ ଆସଇ ଓ ଇଂଲଣ୍ଡମଧ୍ୟରେ ମାଞ୍ଚେଷ୍ଟର ନଗର ଏ ସବୁ ଲୁଗା ପ୍ରସ୍ତୁତ ହେବାର ପ୍ରଧାନ ଆଡ୍ଡା ସେଠାଲୁଗାମହାଜନମାନେ ସର୍ବଦା ଭାରତବର୍ଷର ମନ ଯୋଗାଇବାକୁ ଚେଷ୍ଟିତ ହୋଇ ନାନାପ୍ରକାର ଧୋତି ଓ ଶାଢ଼ୀ ପ୍ରସ୍ତୁତ କରି ପଠାଉ ଅଛନ୍ତି ଓ ତହିଁରେ ସେମାନଙ୍କର ବିଲକ୍ଷଣ ଲାଭ ହେଉଅଛି । କର ମୂହିଁକି ଏମନ୍ତ ଲାଗିଅଛି ଯେ ଭାରତବର୍ଷର ହିତାହିତ ପ୍ରତି ଅନ୍ଧ ହୋଇ ଆପଣା ଲାଭର କିଞ୍ଚିନ୍ମାତ୍ର କ୍ଷତି ହେବାର ସମ୍ଭାବନା ଦେଖିଲେ ଚମକି ଉଠି ପ୍ରତୀକାର ଖୋଜିବାକୁ ବ୍ୟସ୍ତ ହେଉଅଛନ୍ତି । ଏଥକୁ ଗତ ଦୁଇବର୍ଷ ହେଲା ବମ୍ବେ ପ୍ରଦେଶର କେତେକଜଣ ସାହସୀ ଓ ସୁବିବେଚକ ମହାଜନ ଏଦେଶରେ ଲୁଗାକଲ ବସାଇ ମାଞ୍ଚେଷ୍ଟରପରି ଏ ଦେଶର ପ୍ରୟୋଜନୀୟ ଲୁଗା ଏଠାରେ ପ୍ରସ୍ତୁତକରି ବିକ୍ରୟ କରିବାକୁ ଦୃଢ଼କଳ୍ପ ହୋଇ କେତେଗୁଡ଼ିଏ କମ୍ପାନୀ ସ୍ଥାପନଦ୍ୱାରା ଲୁଗାକଲମାନ ବସାଇ ଅଛନ୍ତି ଓ ସେଠା ଲୋକମାନେ ଆପଣା ମଧ୍ୟରେ ଏପ୍ରକାର ଧର୍ମଘଟ କରି ଅଛନ୍ତି ଯେ ବିଲାତର ଆମଦାନି ଲୁଗା ଆଉ କିଣିବେ ନାହିଁ । ସମ୍ପ୍ରତି ବମ୍ବେଇରେ ସ୍ଥାପିତ ହେବା କମ୍ପାନୀମାନଙ୍କଦ୍ୱାରା ଅନେକ ଲୁଗା ପ୍ରସ୍ତୁତ ହୋଇ ବଜାରକୁ ଆସିଲାଣି ଓ ଅନୁମାନ ହୁଅଇ ଯେ ସେମାନଙ୍କ କାରବାର କ୍ରମଶଃ ବୃଦ୍ଧି ହେବ ଓ ତହିଁରେ ବିଲାତି ଲୁଗାର ଆମଦାନୀ ବର୍ଷକୁ ବର୍ଷ ଊଣାପଡ଼ି ପରିଶେଷରେ ହୁଅତ ଏକାବେଳକେ ରହିତ ହୋଇ ଯିବ ମାଞ୍ଚେଷ୍ଟରର ସୂତାକୁର ସ୍ୱାର୍ଥପର ମହାଜନମାନେ ଆପଣାମାନଙ୍କ ବ୍ୟବସାୟର ଏରୂପ ଦୁରବସ୍ଥା ଚିନ୍ତାକରି ଅତ୍ୟନ୍ତ ବ୍ୟସ୍ତ ହୋଇ ଅଛନ୍ତି ଓ କି ଉପାୟ କଲେ ବମ୍ବେଇ ମହାଜନଙ୍କଠାରୁ ଊଣା ଦରରେ ଲୁଗା ବିକ୍ରୟ କରି ଆପଣା ବ୍ୟବସାୟ ରକ୍ଷା କରି ପାରିବେ ତହିଁର ଚିନ୍ତା କରୁ ଅଛନ୍ତି । ଅନ୍ୟାନ୍ୟ ଉପାୟ ମଧ୍ୟରେ ଗୋଟିଏ ଉପାୟ ଗବର୍ଣ୍ଣମେଣ୍ଟଙ୍କ ସାହାଯ୍ୟ ବିନା ସଫଳ ହୋଇ ନ ପାରେ ବୋଲି ବିଲାତର ସେକ୍ରେଟେରୀଙ୍କ ନିକଟରେ ଆବେଦନ ପତ୍ର ପ୍ରଦାନ କରିଥିଲେ । ଆବେଦନପତ୍ରର ମର୍ମ ଏହି ଯେ ବିଲାତି ଲୁଗା ଉପରେ ଯେଉଁ କଷ୍ଟମ ମାସୁଲ ଭାରତବର୍ଷରେ ଆଦାୟ ହେଉଅଛି ତାହା ଉଠିଯାଉ । ଏ ପ୍ରାର୍ଥନାର ତାତ୍ପର୍ଯ୍ୟ ଏହି ଯେ ବମ୍ବେଇଲୁଗା ଭାରତବର୍ଷ ଜାତବୋଲି ତହିଁ ଉପରେ କଷ୍ଟମ ମାସୁଲ ଲାଗଇ ନାହିଁ

Digitized by srujanika@gmail.com

Split by PDF Splitter



ନ୍ତି ବିଲାତିଲୁଗା ଉପରେ ଯେପରି ମାସୁଲ ଲାଗିବାରୁ ସୁତରାଂ ତହିଁର ଦର ଅଧିକ ପଡ଼ୁଅଛି । ଭାରତବର୍ଷୀୟଙ୍କଠାରୁ ଊଣା ଦରରେ ବିକ୍ରୀ କରିବା ଅଭିପ୍ରାୟରେ ମଞ୍ଚେଷ୍ଟର ମହାଜନମାନେ ଉକ୍ତ ପ୍ରାର୍ଥନା କରିଥିଲେ କିନ୍ତୁ ପ୍ରକାଶ୍ୟରେ ଗବର୍ଣ୍ଣମେଣ୍ଟରେ ଏହି ହେତୁ ଦେଖାଇଥିଲେ ଯେ ବାଣିଜ୍ୟ ଉପରେ ମାସୁଲ ବସାଇବା ସ୍ୱାଧୀନତାର ବିରୁଦ୍ଧ ଓ ଏଥିରେ ଭାରତବର୍ଷୀୟମାନଙ୍କର ଅଧିକ କ୍ଷତି କାରଣ ସେମାନେ ଅଧିକା ମୂଲ୍ୟ ଦେଇ ଲୁଗା କିଣୁଅଛନ୍ତି । ମାସୁଲ ଉଠିଗଲେ ଲୁଗା ଶସ୍ତା ହେବ ଓ ଏଠା ଲୋକଙ୍କର ତହିଁରେ ପରମ ଉପକାର ହେବ ଗବର୍ଣ୍ଣମେଣ୍ଟ ମାସୁଲ ବସାଇ ଏକପ୍ରକାର ଦେଶୀୟ ଲୁଗାବେପାର ବନ୍ଦକରିବାର ଉପକ୍ରମ ଇ ଅଛନ୍ତି ଅତଏବ ଏପରି ମାସୁଲ ଉଠାଇ ଦବାର ତାହାଙ୍କ ଉଚିତ ଅଟଇ । ମାଞ୍ଚେ ର ମହାଜନଙ୍କର ଏରୂପ ଯୁକ୍ତିରେ କେହି ବର୍ଣ୍ଣମେଣ୍ଟ କର୍ମଚାରୀ ତାହାଙ୍କ ପକ୍ଷ ସମର୍ଥନ ଲେ ସାହସ ନ ଥିଲା । ଭାଗ୍ୟବଶତଃ ଅମ୍ଭମା ଙ୍କର ବର୍ତ୍ତମାନର ବିଲାତର ସେକ୍ରେଟେରି ଲର୍ଡ ଲିସବରୀ ସାହେବ ସେପ୍ରକାର ଲୋକ ନୁହନ୍ତି ଭାରତବର୍ଷର ବିଶେଷ ଅନୁକୂଳରେ ଥିବା ନେମାନଙ୍କୁ ଏହିପ୍ରକାର ଉତ୍ତର ଦେଲେ ଯେ ାନ୍ୟ ବିବେଚନା କଲେ ଲୁଗା ଉପରେ ମାସୁଲ ବା ଉଚିତ ନୁହଇ ଓ ଗବର୍ଣ୍ଣମେଣ୍ଟ ମଧ୍ୟ ନ୍ତ ସ୍ୱଦନ ଦେଖିବାକୁ ଅଭିଳାଷ କରନ୍ତି କି ତେବେକେ ଭାରତବର୍ଷର ଅନ୍ୟ ଅବ୍ୟମାନ ନ୍ତି ବୃଦ୍ଧି ହେବ ଯେ ଲୁଗା ଉପରେ ମାସୁଲ ବା ଅତି ପ୍ରୟୋଜନ ହେବ ନାହିଁ । ବର୍ତ୍ତ ନ ସେକାଳ ଉପସ୍ଥିତ ହୋଇ ନାହିଁ ଓ ଅମର ଅୟ ଏମନ୍ତ ଅନିଶ୍ଚିତ ଅବସ୍ଥାରେ ଅଛି ଯେ ଗବର୍ଣ୍ଣମେଣ୍ଟ ତାହା ସ୍ଥିର ମା ପର୍ଯ୍ୟନ୍ତ ଅନ୍ୟ କୌଣସି ଅୟ ଲାଭବ କାକୁ ପ୍ରସ୍ତୁତ ହୋଇ ପାରୁ ନାହାନ୍ତି । ବେ ଲୁଗାର ମାସୁଲ ପୂର୍ବାପେକ୍ଷା ଅଧିକ ଶକର ନ ହୋଇ ବରଂ ଊଣା ଅଛି ଓ ାହାର ଲୁଗା ଅମଦାନୀ ଊଣା ନ ହୋଇ ଲୁବର୍ଷ ବୃଦ୍ଧି ହେବାର ଦେଖାଯାଏ । ଅତ ଭବର୍ଷୀୟ ବେପାରିମାନଙ୍କ ସହିତ ମାଞ୍ଚେଷ୍ଟ ବେପାରିମାନେ ଯେ ମାସୁଲ ଉଠିଗଲେ ନ ଦରରେ ଲୁଗା ବିକ୍ରୟ କରି ପାରିବେ ର ସମ୍ଭାବନା ଅତ୍ୟଳ୍ପ କାରଣ ଅର୍ଦ୍ଧୋ ପ୍ରସ୍ତୁତ କରିବାର ଦ୍ରବ୍ୟ ଯଥା ଭାରତବର୍ଷରେ ଉତ୍ପନ୍ନ ହୁଅଇ । ପୁଣି ମଜୁରି ଭାରତବର୍ଷରେ ଊଣା ଓ ପଥର କୋଇଲା ସେଠାରେ ପର୍ଯ୍ୟାପ୍ତ ପରିମାଣରେ ମିଳିବାର ସୁଯୋଗ ହୋଇଅଛି । ଏସବୁ ଉପକରଣ ହେତୁରୁ ଭାରତବର୍ଷର ଲୁଗା ଏମନ୍ତ ସୁଲଭରେ ବିକ୍ରୟ ହେବାର ସମ୍ଭାବନା ଯେ ମାସୁଲ ଉଠିଗଲେ ସୁଦ୍ଧା ବିଦେଶୀୟ ବେପାରିମାନେ ତାହାଙ୍କ ସହିତ ସମାନ ଦରରେ ବିକ୍ରୟ କରିବାକୁ ସମର୍ଥ ହେବେ ନାହିଁ । ଏହି ପ୍ରକାର ପ୍ରକୃତ ଓ ଶାନ୍ତ୍ୱନାବାକ୍ୟଦ୍ୱାରା ବିଲାତର ସେକ୍ରେଟେରି ଆପାତତଃ ମାଞ୍ଚେଷ୍ଟର ମହାଜନଙ୍କର ପ୍ରାର୍ଥନା ଅଗ୍ରାହ୍ୟ କରିଅଛନ୍ତି । ଭବିଷ୍ୟତରୁ ଯାହା ଘଟିବ ତାହା ଈଶ୍ୱରଙ୍କୁ ଗୋଚର । ଅମ୍ଭେମାନେ ଏଥର ମାଞ୍ଚେଷ୍ଟର ହାତରୁ ଉଦ୍ଧାର ପାଇ ଧନ୍ୟବାଦ ଦେଉଅଛୁଁ । ଏଥର ଅସ୍ମଦ୍ଦେଶୀୟଙ୍କୁ ଏହି ପ୍ରାର୍ଥନା ଯେ ବିଲାତିଲୁଗାର ପକ୍ଷପାତି ନ ହୋଇ ଯହିଁରେ ସ୍ୱଦେଶର ଲୁଗା କାରବାର ବୃଦ୍ଧି ହୁଅଇ ସେପକ୍ଷରେ ମନୋଯୋଗୀ ହେଉନ୍ତୁ ବିଲାତୀଲୁଗା କିଣିବାକୁ ଶସ୍ତା ମାତ୍ର ଦେଶୀୟ ଲୁଗାପରି ଟାଣ ନୁହଇ ମୋଟରେ ପ୍ରାୟ ଖର୍ଚ୍ଚ ଅଧିକ ହୁଅଇ ଅଥଚ ସେଖର୍ଚ୍ଚର ଫଳ ବିଦେଶୀ ମହାଜନମାନେ ଭୋଗ କରନ୍ତି । ଯେବେ ଦେଶୀୟ ଲୁଗାର ଖର୍ଚ୍ଚ ବୃଦ୍ଧି ହୁଅଇ ତେବେ କିଛି ଅଧିକା ଖର୍ଚ୍ଚ ପଡ଼ିଲେ ମଧ୍ୟ ତାହା ଏହି ଦେଶର ଉପକାରରେ ଆସିବ ଓ ପରିଶେଷରେ ଏଠାରେ ଲୁଗା ପ୍ରସ୍ତୁତ କରିବାର ବ୍ୟବସାୟ ବୃଦ୍ଧି ହେଲେ ମୂଲ୍ୟ ମଧ୍ୟ ଶସ୍ତା ହେବ ।

---

## ସାପ୍ତାହିକ ସଂବାଦ ।

ଶ୍ରୀଯୁକ୍ତ ଟେଏନବିସାହେବ ବୋର୍ଡରେବିନ୍ୟୁରେ ଏକ୍ଟିଂ ସେକ୍ରେଟେରୀ ନିଯୁକ୍ତ ହୋଇଅଛନ୍ତି ।

ଶ୍ରୀଯୁକ୍ତ ଯେ, ବି, ଓରଗାନସାହେବ କି ସେ ଏଠାକୁ ଏକ୍ଟିଂ ଜଜ ହୋଇ ଆସିଥିଲେ ଶାହାବାଦର ଏକ୍ଟିଂ ଜଜ ନିଯୁକ୍ତ ହୋଇ ଅଛନ୍ତି ।

କେନାଲ ରେବିନ୍ୟୁ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରୁ ଜଣାଯାଏ ଯେ ଗତ ଜୁନମାସଠାରୁ ନବେମ୍ବର ମାସ ଶେଷ ପର୍ଯ୍ୟନ୍ତ ମା ୨୦୯୦୮ ଣ ଭୂମି ସକାଶେ ଜଳକର କବୁଲିୟତି ହୋଇଥିଲା ଏଥି ମଧ୍ୟରୁ କେନ୍ଦ୍ରାପଡ଼ା ଓ ହାଇ ଲେବଲ କାନାଲ ଏଲାକାର କବୁଲିୟତି ଅଧିକ ମାତ୍ରଗାଁ ଓ ତାଳଦଣ୍ଡା କାନାଲର କବୁଲିୟତି ଅତ୍ୟଳ୍ପ ଊଣା ପ୍ରତି କାଳରେ ଦୁଇହଜାର ମାଣର ଅଧିକ ନୁହଇ ।

ମିଅବହ୍ୱସାହେବଙ୍କ ମୋକଦ୍ଦମାର ନଥି ବିଲାତରୁ ତଲବ ହୋଇଅଛି । ଇଂଗ୍ରେଜମାନେ ସ୍ୱଜାତୀୟର ରକ୍ଷା ନିମିତ୍ତ କିପର୍ଯ୍ୟନ୍ତ ଯତ୍ନ କରନ୍ତି ପାଠକମାନେ ଏଥିରୁ ଅନୁମାନ କରନ୍ତୁ ।

କଲିକତାର ବଜାର ଭାଉ ବିଜ୍ଞାପନୀରୁ ଜଣାଯାଏ ଯେ କେବଳ ଗୁଣିର କାରବାର କିଛି ଅଧିକ ହୋଇଅଛି ଓ ରପ୍ତାନୀ ସକାଶେ ଲୋଡା ହେଉଅଛି ଆଉ ସବୁ ଦ୍ରବ୍ୟର କାରବାର ସାମାନ୍ୟ ରୂପେ ଚାଲୁଅଛି ।

ବିଲାତର ସେକ୍ରେଟେରି ଆଜ୍ଞା ଦେଇଅଛନ୍ତି ଯେ ପଟିଆଲାର ମହାରାଜା ରେଲବାଟ ନିର୍ମାଣ ସକାଶେ ସମ୍ପ୍ରତି ଶତକଡ଼ା ଟ ୪ ଙ୍କା ସୁଧରେ ଯେଉଁ ଦଶଲକ୍ଷଟଙ୍କା ଋଣ ଦେଉଅଛନ୍ତି ଓ ଭବିଷ୍ୟତକୁ ଆଉ ଯେତେ ଟଙ୍କା ସେହି ସୁଧରେ ଋଣ ଦେବେ ଗବର୍ଣ୍ଣମେଣ୍ଟ ଇଚ୍ଛାପୂର୍ବକ ତାହା ଗ୍ରହଣ କରିବେ ।

ବାବୁ ରାଜେନ୍ଦ୍ରଲାଲ ମିତ୍ର ଏସିୟାଟିକ ସୋସାଇଟିର ପତ୍ରିକାରେ ଏକ ରଚନା ପ୍ରକାଶକରି ତହିଁରେ ସିଦ୍ଧାନ୍ତ କରିଅଛନ୍ତି ଯେ ସଂସ୍କୃତ ଗ୍ରନ୍ଥକାରମାନେ ଯବନ ନାମରେ ଯେଉଁ ଲୋକଙ୍କ ପ୍ରସଙ୍ଗ ଲେଖିଅଛନ୍ତି ସେମାନେ ଗ୍ରୀକଦେଶର ଲୋକ ଅଟନ୍ତି । ଏମତ ସଂସ୍ଥାପନର ସେ ଚମତ୍କାର ହେତୁମାନ ଦର୍ଶାଇ ଅଛନ୍ତି ।

ଆଜିକାଲି ଯେମନ୍ତ ଏ ଅଞ୍ଚଳରେ ଜ୍ୱରରୋଗରେ ଅନେକ ଲୋକଙ୍କର ମୃତ୍ୟୁ ହେଉଅଛି କଲିକତାରେ ମଧ୍ୟ ସେହିରୂପ ହେବାର ଦେଖାଯାଏ । ଏଠାରେ ନବମ୍ବର ମାସ ତା୨୮ ରଖରେ ଶେଷ ହେବା ସପ୍ତାହରେ ଜ ୩୧୬ ଣ ମରିଥିଲେ ଏଥି ମଧ୍ୟରୁ ଜ ୧୫୪ ଣ ମନୁଷ୍ୟର କେବଳ ଜ୍ୱରରୋଗରେ ମୃତ୍ୟୁ ହୋଇଥିଲା ।

ହିନ୍ଦୁପେଟ୍ରିଅଟର ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ଯେ ମହାମାନ୍ୟ ଲର୍ଡ ନର୍ଥବ୍ରୁକ ବେହାର ଅଞ୍ଚଳରେ ଭ୍ରମଣ କରିବା ସମୟରେ ଗୋଟିଏ ଗ୍ରାମ୍ୟପାଠଶାଳା ଦେଖିଥିଲେ ଓ ପିଲାମାନଙ୍କର ଶିକ୍ଷା ଦେଖି ସନ୍ତୁଷ୍ଟ ହୋଇ ସେମାନଙ୍କୁ ଟ ୨୦୯ ଙ୍କା ପାରିତୋଷିକ ଦେଲେ । ଷ୍ଟୋର୍ଟ ଲଟସାହେବ ଏଠାରେ ସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାଳୟମାନ ଦେଖିବାଛଡ଼ା ଆଉ କିଛି ଦେଖିବାକୁ କୌତୁକୀ ହେଲେ ନାହିଁ କାହିଁକି?

ମୃତ ଲର୍ଡମେଓଙ୍କ ଭାଇ ନାଷ୍ୟୁଣ ହାକ କମେଇର ସେରଫ ନିଯୁକ୍ତ ହୋଇଅଛନ୍ତି ।

Digitized by srujanika@gmail.com

Split by PDF Splitter



କଲିକତାରେ ବାବୁ ଶ୍ୟାମଚରଣ ମିତ୍ର ସେରିଫ ନିଯୁକ୍ତ ହୋଇଅଛନ୍ତି । ଏଥର ମାନ୍ଦ୍ରାଜରେ ଜଣେ ଦେଶୀୟ ଲୋକ ହେଲେ ବଡ ଉତ୍ତମ ହେବ ।

ବିଶ୍ୱବିଦ୍ୟାଳୟର ପରୀକ୍ଷାର ପ୍ରଶ୍ନପତ୍ର ଯେଉଁ ବାଳକମାନେ ଚୋରି କରିଥିଲେ ସେମାନେ ଅପରାଧ ସ୍ୱୀକାର କରିବାରୁ ଜଣକେ ମା ୪ ସ ଲେଖାଏ କାରାବାସର ଦଣ୍ଡ ପାଇଅଛନ୍ତି । ସ୍କୁଲର ପିଲାମାନଙ୍କୁ ଏତେ କଠିନ ଦଣ୍ଡ ଦେବାର ଉଚିତ ହୋଇ ନାହିଁ ବିଶେଷ ସେମାନେ ଏକମାସ ହାଜତରେ ଥିଲେ ।

ହିନ୍ଦୁପେଟ୍ରିଅଟ ଲେଖିଅଛନ୍ତି ଯେ ସରକାରୀ ଚାଉଳ ( ଦୁର୍ଭିକ୍ଷ ସାହାଯ୍ୟର ଅତିରିକ୍ତ ) ପ୍ରଥମେ ମହଣ ଟ ୧୫ ଲେଖାଏଁ ଓ ତହିଁଉତ୍ତାରୁ ଟ ୧୨ ଲେଖାଏ ବିକ୍ରୀ ହୋଇଅଛି । ଏଥିପାଇଁ କଲିକତାରେ ଚାଉଳ ଭାରି ଶସ୍ତା ହୋଇଅଛି । ପାଟନାରେ ମହଣ ଟଙ୍କାଏ ଲେଖାଏ ବିକ୍ରୟ ହେଉଅଛି ।

କଲିକତାରେ ଏହି ମାସରେ ଯେଉଁ ଶିଳ୍ପବିଦ୍ୟାର ପ୍ରଦର୍ଶନ ହୋଇଥିଲା ତହିଁରେ ପ୍ରାୟ ଶ ୫୦୦ ଶ୍ର ଦ୍ରବ୍ୟଟ ଉପସ୍ଥିତ ହୋଇଥିଲା । ତହିଁମଧ୍ୟରେ ଅନେକ ଗୁଡିଏ ଦେଶୀୟଲୋକଙ୍କଦ୍ୱାରା ପ୍ରସ୍ତୁତ ହୋଇଥିଲା । ମହାମାନ୍ୟ ଗବର୍ଣ୍ଣର ଜେନରଲ ଓ ଲେପ୍ଟେନାଣ୍ଟ ଗବର୍ଣ୍ଣର ଦେଶୀୟ ଶିଳ୍ପକାରଙ୍କର ବିଶେଷ ପ୍ରଶଂସା କରିଅଛନ୍ତି ଓ ଲେପ୍ଟେନାଣ୍ଟ ଗବର୍ଣ୍ଣର କହିଲେ ଯେ ମୂର୍ତ୍ତି ତିଆର କରିବାରେ ଏ ଦେଶୀୟଲୋକେ ଯେମନ୍ତ ବ୍ୟୁତ୍ପତ୍ତି ଲାଭ କରିଅଛନ୍ତି ଦୃଶ୍ୟ ଶୋଭା ଚିତ୍ର କରିବାରେ ସେହିରୂପ ହୋଇ ତାହାନ୍ତ ଏପକ୍ଷରେ ଅଧିକ ମନୋଯୋଗୀ ହେବାର ଉଚିତ ।

କଥିତ ହୁଅଇ ଯେ ହୋଲକାର ମହାରାଜାଙ୍କ ଲୁଗାକଲରେ ପ୍ରସ୍ତୁତ ହୋଇଥିବା କେତେକ ଲୁଗାର ନମୁନା ବିଲାତର ସେକ୍ରେଟରିଙ୍କ ନିକଟକୁ ପ୍ରେରିତ ହେବାରେ ସେ ତାହା ଦେଖି ଅନନ୍ଦିତ ହୋଇଅଛନ୍ତି ।

ଲଣ୍ଡନର ଟାଇମସ ସମ୍ବାଦପତ୍ରରେ ଲେଖାଅଛି ଯେ ଲର୍ଡଓଭରଷ୍ଟୋନଙ୍କ ବାର୍ଷିକ ଆୟ ଷାଠିଏଲକ୍ଷ ଟଙ୍କା ଅଟଇ । ବିଲାତରେ ଏତାଦୃଶ ଧନଶାଳୀ ବ୍ୟକ୍ତି ଅଛନ୍ତି ସେଠାର ଉନ୍ନତି କାହିଁକି ନ ହେବ ।

କଥିତ ହୁଅଇ ଯେ ଦେହାରଙ୍ଗଲରେ ଜଣେ ମୁସଲମାନ ଖାଦ୍ୟ ପ୍ରସ୍ତୁତ କରି ଯୋଗାଇବା ଦ୍ୱାରା ଏହି ଦୁର୍ଭିକ୍ଷରେ ଅଢ଼େଇଲକ୍ଷ ଟଙ୍କା ଉପାର୍ଜନ କରିଅଛି । ଅନ୍ୟ ଦେଶୀୟ ଲୋକମାନେ ମଧ୍ୟ ଅନେକଟଙ୍କା ଲାଭ କରିଅଛନ୍ତି । ଦୁର୍ଭିକ୍ଷ କାହାର ସର୍ବନାଶ କାହାର ପକ୍ଷରେ ପୁଷମାସ ହୋଇଥିଲା ।

ମହୀଶୂରରେ ବର୍ଷାଭ ଫସଲ ଉପରେ ଜାଲ ଜଲକର ଯାହା ଆଦାୟ ହେଉଥିଲା ସ୍ଥାନୀୟ କର୍ମଚାରୀଙ୍କ ଅନୁରୋଧକ୍ରମେ ଗବର୍ଣ୍ଣମେଣ୍ଟଇଣ୍ଡିଆ ତାହା ଉଠାଇ ଦେଇଅଛନ୍ତି । ଏଥିରୁ ଏଠା ପାଠକମାନେ ଜାଣିପାରିବେ ଯେ ଗବର୍ଣ୍ଣମେଣ୍ଟ ଜଲକରର ସପକ୍ଷ ନୁହନ୍ତି ।

ମହୀଶୂରରେ କେତେଗୁଡିଏ କୃତବିଦ୍ୟ ବ୍ରାହ୍ମଣ ସେଠା ବ୍ରାହ୍ମଣଙ୍କ ମଧ୍ୟରେ ଶ୍ରେଣୀଭେଦ ଉଠାଇ ଦେବାକୁ ଚେଷ୍ଟା କରୁଅଛନ୍ତି । ସେଠା ବ୍ରାହ୍ମଣମାନେ ବର୍ତ୍ତମାନ ଛଅ ପୃଥକ୍ ଶ୍ରେଣୀଭୁକ୍ତ ଅଛନ୍ତି ଯେ ଏହାଙ୍କ ମଧ୍ୟରେ ଆହାର ବ୍ୟବହାର ଚଳଇ ନାହିଁ । ଏପ୍ରକାର ଶ୍ରେଣୀଭେଦ ଭାରତବର୍ଷର ଉନ୍ନତିର କଣ୍ଟକ ଅଟଇ ଅମ୍ଭେମାନେ ଆଶାକରୁଁ ଯେ ଭାରତବର୍ଷର ସମସ୍ତ ସ୍ଥାନର ବ୍ରାହ୍ମଣ ଶୂଦ୍ରପ୍ରଭୃତି ପରସ୍ପର ଶ୍ରେଣୀସହିତ ଆହାର ବ୍ୟବହାର କରନ୍ତୁ ତାହାହେଲେ ଅନେକ ଉନ୍ନତି ହେବାର ସମ୍ଭାବନା ।

୧ । ଏଡ୍ୟୁକେସନ ଗେଜେଟରୁ ଅବଗତ ହେଲୁଁ ଯେ ପଞ୍ଜାବଗବର୍ଣ୍ଣମେଣ୍ଟ ଏରୂପ ବିଜ୍ଞାପନ ଦେଇଅଛନ୍ତି କି ଶିକ୍ଷାବିଭାଗର କୌଣସି ପ୍ରକାର ପରୀକ୍ଷାରେ ଉତ୍ତୀର୍ଣ୍ଣ ନ ହେଲେ କେହି ଟ ୨୦୲ କାରୁ ଅଧିକ ବେତନର କାର୍ଯ୍ୟରେ ନିଯୁକ୍ତ ହୋଇ ପାରିବ ନାହିଁ ।

୨ । ଶ୍ୟାମନଗର (ମୂଲାଯୋଡ଼) ଷ୍ଟେସନ ନିକଟରେ ଗୋଟିଏ ତୁଳାକଲ ଶୀଘ୍ର ସ୍ଥାପିତ ହେବ କା ହୋଇଅଛି । କେତେକ ଜଣ ବଡ଼ ଇଂରାଜ ମିଳି ଗୋଟିଏ କମ୍ପାନୀ ହୋଇଅଛନ୍ତି, ଏହି କମ୍ପାନୀର ମୂଳଧନ ଦଶଲକ୍ଷ ଟଙ୍କା ଓ ଏଥିର ଏକ୨ ଅଂଶର ଦାମ ଟ ୧୦୦୲ କା । ଏହି କଲରେ ୧୬୫୦୦ ଚରଖୀଦ୍ୱାରା ସୂତା ପ୍ରସ୍ତୁତ ହେବ । ଏହିଦ୍ୱାରା ବଙ୍ଗଦେଶର ବହୁତ ଲାଭ ହେବ । ଯେବେ ଏପରି ଆହୁରି ଦଶଟି ଗୋଟିଏ କଲ ଏ ଦେଶରେ ସ୍ଥାପିତ ହୁଏ ତେବେ ବିଲାତୀ ସୂତାର ଆମଦାନୀ ଏକାବେଳେ ବନ୍ଦ ହେବ ଏବଂ ଏ ଦେଶର ଧନବୃଦ୍ଧି ମଧ୍ୟ ହେବ ।

୩ । ଇଣ୍ଡିଆନ ମେଡିକେଲ ଗେଜେଟରେ ଲିଖିତ ହୋଇଅଛି ଅସିଷ୍ଟାଣ୍ଟ ସର୍ଜନ ବାବୁ ଦ୍ୱାରକାନାଥ ଗୁପ୍ତ ବୃଶ୍ଚିକ ଦଂଶନ
ଅମୋଘ ଔଷଧର ଆବିଷ୍କାର
ସେ ପ୍ରଥମେ ବୃଶ୍ଚିକ ଦଂଶନରେ
କାର୍ ଔଷଧ ପ୍ରୟୋଗ କରି କୃତକା
ହବାରୁ ପରଶେଷରେ "ଲାଇକା
ପ୍ରୟୋଗ କରି ଦେଖିଲେ ଏଥିରେ ଅ
ରୋଗ୍ୟଲାଭ ହୁଏ । ସେ ଏହାଦ୍ୱାରା ପ
ଶତ ବ୍ୟକ୍ତିଙ୍କୁ ଆରୋଗ୍ୟ କରିଅଛନ୍ତି
କହନ୍ତି ଲାଇକାରୁଲଟୀର ବିଷ ନାଶ
କ୍ଷମତା ଅଛି । ବୋଧ ହୁଏ ସର୍ପଦଂଶ
କରି ଦେଖିଲେ କାର୍ଯ୍ୟ ହୋଇ ପାରେ

୪ । ଅକାଶରେ ଫୁଲ ଫ
ଯେତ୍ରେ ମିଥ୍ୟା ବୋଲି ବିଶ୍ୱାସ କ
ମେଘ ଚକୁଳି ହୁଏ, ବନ୍ଧ୍ୟା ପ
ସତ୍ୟ । କିନ୍ତୁ ଅଚିକାଳି ଆକାଶ
କେତେ ବ୍ୟାପାର ହେଉଅଛି । ସମ୍ପ୍ର
କା ଦେଶରେ ଲକସିଟି ନଗରରେ
ଉପରେ ବେଲୁନଯନ୍ତ୍ର ମଧ୍ୟରେ ଗୋଟି
କାର୍ଯ୍ୟ ସୁସମ୍ପନ୍ନ ହୋଇଅଛି ସାହେବ
ରେ ରହନ୍ତୁ ଅମ୍ଭେମାନେ ଏହ
କରିଅଛୁଁ ।

୫ । ଏଲାହାବାଦ ମିଉନିସିପାଲିଟି
ଗୋଟିଏ ନୂତନ ଆଇନ ପ୍ରସ୍ତୁତ କ
ଯେ ଯେଉଁ ସମସ୍ତ ବ୍ୟକ୍ତି ଏନ
ସିଭିଲ ସର୍ଜନଙ୍କଠାରୁ କୌଣସି ପ୍ରକ
ମତପତ୍ର ପ୍ରାପ୍ତ ନ ହେବେ, ସେମାନେ
ଚିକିତ୍ସା ଅଥବା ଔଷଧାଳୟ ସ୍ଥା
ପାରିବେ ।

---

ବିଜ୍ଞାପନ ।

ପ୍ରସିଦ୍ଧ କବି ଉପେନ୍ଦ୍ରଭଞ୍ଜଙ୍କ ସୁ
ଣୟ ନାମକ ପୁସ୍ତକ ଖଣ୍ଡିକ ସଂଶୋ
ଇ ଯନ୍ତ୍ରାରୂଢ ଅଛି । ଗ୍ରାହକଗଣ ଅ
ପ୍ରାପ୍ତ ହୋଇ ପାରିବେ । ଇତି ।

୨୪।୧୨।୭୮ ଶ୍ରୀ ଜଗବ

---

ମୂଲ୍ୟପ୍ରାପ୍ତି ।

ଶ୍ରୀ ଅମୀର ଖାନ ଅନୁଗୋଲ ଦଗା
ଶ୍ରୀ ବାଳା ବକ୍ସ ଅଠଗଡ
ଶ୍ରୀ ମଥୁରମୋହନ ପାତ୍ରୀ ଅଶ୍ରୀନ

---

☞ ଏହି ଉତ୍କଳଦୀପିକା ସହର
ପାଦିକାର କଟକପ୍ରିଣ୍ଟିଂକମ୍ପାନୀଙ୍କ
ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com